DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ଜୁନ୍ ୨୯/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, June 29/2024 | Page 16 | ₹ 7.00 | SAMBALPUR
୫୦ଶ ଭାଗ ୨୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 215 | ମୂଲ୍ୟ ₹୭/-



**ଆଜି ଫାଇନାଲ**

ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଶନିବାର ଟି୨୦ କ୍ରିକେଟ ବିଶ୍ୱକପର ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ୧୫

୧୨ **ହୀନା ଖାନ୍‌ଙ୍କୁ ସ୍ତନ କର୍କଟ**

ଲୋକପ୍ରିୟ ଟେଲିଭିଜନ ଅଭିନେତ୍ରୀ ହୀନା ଖାନ୍ ଷ୍ଟେଜ୍-୩ ସ୍ତନକର୍କଟରେ ଆକ୍ରାନ୍ତ ଥିବା ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଜଣାଇଛନ୍ତି।





ପ୍ରବଳ ବର୍ଷା ଯୋଗୁ ଶୁକ୍ରବାର ସକାଳେ ଦିଲ୍ଲୀ ବିମାନବନ୍ଦରର ଟର୍ମିନାଲ-୧ରେ ଥିବା ଏକ ଶେଡ୍‌ର ଛାତ ଭୁଶୁଡ଼ିପଡ଼ିଛି।

# ଶ୍ରେଣୀକକ୍ଷରେ ଛୁରାମାଡ଼

**ଦୁଇ ଛାତ୍ରଙ୍କ ମଧ୍ୟରେ ପାଟିତୁଣ୍ଡରୁ ହାଇସ୍କୁଲ ଶ୍ରେଣୀକକ୍ଷ ରକ୍ତରଞ୍ଜିତ ହେବା ଭଳି ଚାଞ୍ଚଲ୍ୟକର ଘଟଣା ଶୁକ୍ରବାର ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ରପୁର ଗ୍ରାମରେ ଘଟିଛି। ରଘୁନାଥ ହାଇସ୍କୁଲର ଜଣେ ୯ମ ଶ୍ରେଣୀ ଛାତ୍ର ଶ୍ରେଣୀକକ୍ଷରେ ତାଙ୍କର ଜଣେ ସହପାଠୀଙ୍କୁ ଛୁରି ଭୁସି ଦେଇଛନ୍ତି। ଫଳରେ ସେଠାରେ ଥିବା ଅନ୍ୟ ଛାତ୍ରମାନେ ଭୟଭୀତ ହୋଇପଡ଼ିଥିବାବେଳେ ଆହତ ଛାତ୍ର ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଘଟଣାର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପାରିବାରିକ ଶତ୍ରୁତା ଓ ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ ନେଇ ଘଟିଥିବା କୁହାଯାଉଛି। ପାଟପୁର ଥାନା ପୋଲିସ ଛୁରି ଭୁସି ଥିବା ଛାତ୍ରଙ୍କୁ ଧରି ପଚରାଉଚରା କରୁଛି।**

## ସହପାଠୀଙ୍କ ଆକ୍ରମଣରେ ୯ମ ଶ୍ରେଣୀ ଛାତ୍ର ଗୁରୁତର

**ଦିଗପହଣ୍ଡି/ ପାଟପୁର, ୨୮।୬ (ଅଶେଷ ନାଥ ମିଶ୍ର/ ସୀମାଞ୍ଚଳ ସାହୁ)**

ରାମଚନ୍ଦ୍ରପୁରର ଏକ ଘରୋଇ ଟ୍ୟୁଶନରେ ଗୁରୁବାର ସନ୍ଧ୍ୟାରେ ହଂସ ପ୍ରଧାନଙ୍କ ପୁଅ ଓମ୍ ଓ ତାଙ୍କର ସହପାଠୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ସହପାଠୀ ଜଣକ ଧମକ ଦେଇଥିଲେ। ଶୁକ୍ରବାର ସ୍କୁଲ ଖୋଲିବା ପରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ସମ୍ପୃକ୍ତ ସହପାଠୀ ବସୁଥିବା ସ୍ଥାନରେ ଓମ୍ ବସିଥିଲେ। ପ୍ରତିବାଦ କରିବାରୁ ଓମ୍ ତାଙ୍କୁ ଠେଲି ଦେଇଥିଲେ। ପୂର୍ବରୁ ରାଗ ଥିବାରୁ ସେ ବ୍ୟାଗରେ ଲୁଚାଇ ରଖିଥିବା ଛୁରି କାଢ଼ି ତାଙ୍କୁ ଆକ୍ରମଣ କରିଥିଲେ। ଶିକ୍ଷକମାନେ ଗୁରୁତର ଅବସ୍ଥାରେ ଓମ୍‌ଙ୍କୁ ଉଦ୍ଧାର କରି ପ୍ରଥମେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାଟପୁର ଥାନା ଆଇଆଇସି ଅଜୟ କୁମାର ସ୍ୱାଇଁ ହାଇସ୍କୁଲରେ ପହଞ୍ଚି ପ୍ରଧାନଶିକ୍ଷକ ଏବଂ ଅନ୍ୟ ସହକାରୀ ଶିକ୍ଷକଙ୍କ ସହ ଆଲୋଚନା କରିବା ପରେ ଆହତ ଛାତ୍ରଙ୍କ ଘରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିଛନ୍ତି।

ଅନ୍ୟପକ୍ଷରେ ପାରିବାରିକ ଶତ୍ରୁତାରୁ ଓମ୍‌ଙ୍କୁ ଛୁରାମାଡ଼ କରାଯାଇଥିବା ତାଙ୍କ ମା' ଓ ଭାଇ ପୋଲିସକୁ କହିଛନ୍ତି। ଓମ୍‌ଙ୍କ ଘର ସମ୍ମୁଖରେ ରହୁଥିବା ତାଙ୍କ ସମ୍ପର୍କୀୟ ପିଉସାଙ୍କ ପରିବାର ସହ ପୂର୍ବରୁ ବିବାଦ ରହିଥିଲା। ☞ପୃଷ୍ଠା-୪

# ମନୋଜ ଆହୁଜା ନୂଆ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୨୮।୬ (ଅନିଲ ଦାସ)**

ଓଡ଼ିଶା କ୍ୟାଡର ବରିଷ୍ଠ ଆଇଏଏସ୍ ଅଫିସର ମନୋଜ ଆହୁଜା ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ(ଜିଏ) ଓ ସାଧାରଣ

## 'ଓଡ଼ିଶା ଫେରିବା ନେଇ ବହୁତ ଖୁସି'

ଅଭିଯୋଗ(ପିଜି) ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୯୦ ବ୍ୟାଚ୍‌ର ଏହି ବରିଷ୍ଠ ଆଇଏଏସ୍ ଅଫିସର ନିକଟରେ କେନ୍ଦ୍ରୀୟ



ଡେପୁଟେଶନରୁ ଫେରିଛନ୍ତି। ସେ କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରଣାଳୟ ସଚିବ ଭାବେ ନିଯୁକ୍ତି ପାଇଥିଲେ। ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଜୁନ୍ ୩୦ ତାରିଖରେ ଅବସର ଗ୍ରହଣ କରିବେ। ☞ପୃଷ୍ଠା-୪

# ବର୍ଷାରେ ଦିଲ୍ଲୀ ଏୟାରପୋର୍ଟ ଛାତ ଭୁଶୁଡ଼ିଲା

**ନୂଆଦିଲ୍ଲୀ,୨୮।୬ (ପି.ଟି.)**

## ୮୮ ବର୍ଷର ରେକର୍ଡ ଭାଙ୍ଗିଲା: ଜଣେ ମୃତ, ୬ ଆହତ

ଦିଲ୍ଲୀରେ ଗତ ୨୪ ଘଣ୍ଟାରେ ବର୍ଷା ୮୮ ବର୍ଷର ରେକର୍ଡ ଭାଙ୍ଗିଛି। ଗୋଟିଏ ଦିନରେ ୨୨୮.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଫଳରେ ଜାତୀୟ ରାଜଧାନୀର ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ହେବା ସହ ସ୍ଥିତି ବେହାଲ ହୋଇଯାଇଛି। ବିଭିନ୍ନ ରାସ୍ତାରେ ଆଣ୍ଠୁଏରୁ ଅଧିକ ଉଚ୍ଚରେ ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଗୁରୁବାର ରାତି ୨ଟା ୩୦ରୁ ଶୁକ୍ରବାର ଭୋର ୫ଟା ୩୦ ପର୍ଯ୍ୟନ୍ତ ୩ ଘଣ୍ଟା ମଧ୍ୟରେ ୧୫୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି।

ପ୍ରବଳ ବର୍ଷା ଯୋଗୁ ଦିଲ୍ଲୀ ବିମାନବନ୍ଦରର ଟର୍ମିନାଲ-୧ରେ ଥିବା ଏକ ଶେଡ୍‌ର ଛାତ ଭୁଶୁଡ଼ି ଜଣେ କ୍ୟାବ୍ ଡ୍ରାଇଭର ପ୍ରାଣ ହରାଇଥିବାବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ଫଳରେ ବିମାନ ଉଡ଼ାଣ ବାତିଲ ହୋଇଛି। ଆହତମାନଙ୍କୁ ମେଦାନ୍ତା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଛାତ ଭୁଶୁଡ଼ିବା ସହ ଏହାର ସହାୟକ ବିମ୍ ଭୁଶୁଡ଼ି ଟର୍ମିନାଲର ପିକ୍-ଅପ୍ ଏବଂ ଡ୍ରପ୍ ଅଞ୍ଚଳରେ ଥିବା କେତେକ କାର୍ ଭାଙ୍ଗିରୁଜି ଯାଇଛି। ଡିସିପି ଉଷା ରଙ୍ଗନାନୀଙ୍କ ସୂଚନା ଅନୁଯାୟୀ, ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ବୈଦେଶିକ ସେବାରେ ମହିଳା



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟୁଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା।




# ଶେଫାଳିଙ୍କ ଦ୍ରୁତତମ ଦ୍ୱିଶତକ

**ଚେନ୍ନାଇ, ୨୮।୬ (ପି.ଟି.)**

ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଶୁକ୍ରବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମହିଳା କ୍ରିକେଟ ଟେଷ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଭାରତ ଏକାଧିକ ରେକର୍ଡ ସୃଷ୍ଟି କରିଛି। ବିସ୍ଫୋରକ ବ୍ୟାଟିଂ ପାଇଁ ବିଶେଷ ପରିଚିତ ଓପନର ଶେଫାଳି ବର୍ମା ଦ୍ରୁତତମ ଦ୍ୱିଶତକର ଅଧିକାରୀ ହୋଇଛନ୍ତି। ଶେଫାଳି ଓ ସ୍ମୃତି ମନ୍ଧାନା ଓପନିଂ ଭାଗୀଦାରିରେ ୨୯୨ ରନ ସଂଗ୍ରହ କରିଥିବାବେଳେ ପ୍ରଥମ ଦିବସ ଶେଷବେଳକୁ ଭାରତ ୪ ଉଇକେଟ ହରାଇ ୫୨୫ ରନ ସଂଗ୍ରହ କରିଛି। ଏହା ମଧ୍ୟ ଏକ ରେକର୍ଡ। ୨୦୫ ରନକରି ☞ପୃଷ୍ଠା-୪



# ବାରମଜା

## ମନୋରଞ୍ଜନର ନୂଆ ପ୍ରୟାସ














ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟାଳୟରେ ଶୁକ୍ରବାର ଲୋକାର୍ପିତ ହୋଇଛି ଧରିତ୍ରୀର ନୂଆ ଡିଜିଟାଲ୍ ମନୋରଞ୍ଜନ ଚ୍ୟାନେଲ୍ 'ବାରମଜା'। ଏଥିରେ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଧରିତ୍ରୀ ପରିବାର ସଦସ୍ୟ ଉପସ୍ଥିତ ଅଛନ୍ତି।

ରାଜ୍ୟ ଖବର

# ରଥଯାତ୍ରା ପାଇଁ ଗଡ଼ିବ ୩୧୫ ସ୍ୱତନ୍ତ୍ର ଟ୍ରେନ୍

**ଯାତ୍ରୀଙ୍କ ନିମନ୍ତେ ବ୍ୟାପକ ବନ୍ଦୋବସ୍ତ**

ଭୁବନେଶ୍ୱର,୨୮।୬
(ଅନୁରାଧା ମହାରଣା)



ରେଳ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପୁରୀ ରେଳଷ୍ଟେଶନରେ ରଥଯାତ୍ରା ପାଇଁ ହୋଇଥିବା ବ୍ୟବସ୍ଥାର ଯାଞ୍ଚ କରୁଛନ୍ତି।

ରଥଯାତ୍ରା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଜୁଲାଇ ୬ରୁ ୧୯ ପର୍ଯ୍ୟନ୍ତ ତୀର୍ଥଯାତ୍ରୀଙ୍କ ସୁବିଧାଜନକ ଯାତ୍ରା ପାଇଁ ଏହି ଯୋଜନା କରାଯାଇଛି। ଚଳିତବର୍ଷ ଗୁଣ୍ଡିଚା ଯାତ୍ରା ଦୁଇ ଦିନ ଧରି ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ପୂର୍ବ ରଥଯାତ୍ରା ଅଭିଜ୍ଞତାକୁ ନଜରକୁ ନେଇ ପୂର୍ବତଟ ରେଳପଥ ଓଡିଶାର ବିଭିନ୍ନ ସ୍ଥାନ ସହିତ ପଡୋଶୀ ରାଜ୍ୟରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ଯୋଜନା କରିଛି। ଜୁନାଗଡ଼ ରୋଡ, ସମ୍ବଲପୁର, କେନ୍ଦୁଝରଗଡ, ପାରାଦୀପ, ଭଦ୍ରକ, ଅନୁଗୋଳ, ଗୁଣପୁର, ବାଙ୍ଗିରିପୋଷି ବ୍ୟତୀତ ନୂତନ ଭାବେ ସଂଯୋଗ ହୋଇଥିବା ବାଦାମପାହାଡ, ରାଉରକେଲା, ବାଲେଶ୍ୱର, ସୋନପୁର ଏବଂ ଦଶପଲ୍ଲାଠାରୁ ସ୍ୱତନ୍ତ୍ର ଟ୍ରେନ ପୁରୀକୁ ଚଳାଚଳ କରିବ। ଏହା ବ୍ୟତୀତ ସନ୍ଧ୍ୟା ଦର୍ଶନ, ବାହୁଡାଯାତ୍ରା ଏବଂ ସୁନାବେଶ ଓ ଅଧରପଣା ଉତ୍ସବ ପାଇଁ ମଧ୍ୟ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ପୂର୍ବତଟ ରେଳପଥ ଯୋଜନା କରିଛି। ସେହିପରି ଦୂରଦୂରାନ୍ତରରୁ ଯାତ୍ରା କରୁଥିବା କିଛି ସ୍ୱତନ୍ତ୍ର ଟ୍ରେନରେ ସଂରକ୍ଷିତ କ୍ଲାସ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରଥଯାତ୍ରା ସମୟରେ ଯାତ୍ରୀଙ୍କ ଯାତାୟାତ ସୁବିଧା ବ୍ୟତୀତ ଯାତ୍ରୀ ପରିସେବା ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ତୀର୍ଥଯାତ୍ରୀ ତଥା ଭକ୍ତଙ୍କ ପାଇଁ ଉତ୍ତମ ସୁବିଧା ଯୋଗାଇଦେବାକୁ ପୂର୍ବତଟ ରେଳପଥକୁ ପରାମର୍ଶ ଦେଇଛନ୍ତି। ଯାତ୍ରୀ ଭିଡ଼ ପରିଚାଳନା, ଟ୍ରେନ ସୂଚନା ପ୍ରଣାଳୀ, ଅନୁସନ୍ଧାନ କାଉଣ୍ଟର, ଭିଡିଓ ୱାଲ ପ୍ରଦର୍ଶନ, ଅତିରିକ୍ତ ଟିକେଟ ବୁକିଂ କାଉଣ୍ଟର ଏବଂ ମୋବାଇଲ ଟିକେଟ କାଉଣ୍ଟର, ୧୫ ହଜାର ତୀର୍ଥଯାତ୍ରୀ ବିଶ୍ରାମ ନେବା ଭଳି ଅପେକ୍ଷାସ୍ଥଳ, ଶେଡ୍ ପାଇଁ ମଧ୍ୟ ପୂର୍ବତଟ ରେଳପଥ ପଦକ୍ଷେପ ନେଇଛି। ଏହା ବ୍ୟତୀତ ସୁରକ୍ଷା ବ୍ୟବସ୍ଥା, କ୍ୟାଟରିଂ ସେବା, ମେଡିକାଲ ସୁବିଧା ଏବଂ ଆମ୍ବୁଲାନ୍ସ ଏବଂ ଯାତ୍ରୀ ବିଶେଷକରି ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ବିଦ୍ୟୁତ୍‌ଯୋଗାଣ, ଜଳଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ନିରାପତ୍ତା, ପାନୀୟ ଜଳ ଏବଂ ପର୍ଯ୍ୟାପ୍ତ ଶୌଚାଳୟ ଯୋଗାଇବା ପାଇଁ ମଧ୍ୟ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବତଟ ରେଳ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶୁକ୍ରବାର ପୁରୀ ରେଳଷ୍ଟେଶନରେ ରଥଯାତ୍ରା ବ୍ୟବସ୍ଥା ଯାଞ୍ଚ କରି ତୀର୍ଥଯାତ୍ରୀଙ୍କୁ ଦିଆଯାଉଥିବା ସୁବିଧାଗୁଡ଼ିକ ସମ୍ବନ୍ଧରେ ଅବଗତ ହେବା ସହିତ ରଥଯାତ୍ରା କାର୍ଯ୍ୟସୂଚୀର ବହୁ ପୂର୍ବରୁ ଯାତ୍ରୀ ସୁବିଧା ଉପଲବ୍ଧ କରାଇବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଡିପ୍‌ଥେରିଆ ଅନୁଧ୍ୟାନ ପାଇଁ ରାୟଗଡ଼ାରେ ୫ ଜଣିଆ ଟିମ୍



ରାୟଗଡା ଗସ୍ତରେ ଆସିଥିବା ଟିମ୍ ସିଡିଏମ୍‌ଓଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡା,୨୮।୬(ଆଶିଷ ରଞ୍ଜନ ପଣ୍ଡା)

ଜାତୀୟ ସ୍ୱାସ୍ଥ୍ୟ ବିଭାଗର ଡେପୁଟି କମିଶନର ଡାକ୍ତର ଆଶିଷ ଚକ୍ରବର୍ତ୍ତୀ, ଉପନିର୍ଦ୍ଦେଶକ ଡାକ୍ତର ରମେଶ ଚନ୍ଦ୍ରା ଏବଂ ଏପିଡେମୋଲୋଜିଷ୍ଟ ଡାକ୍ତର ଆରତି ନରେଡାଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ଶୁକ୍ରବାର ରାୟଗଡ଼ା ଜିଲା ଗସ୍ତରେ ଆସିଛନ୍ତି। ଏହି ଟିମ୍ ଡିପ୍‌ଥେରିଆ ରୋଗ ସଂକ୍ରମିତ ଅଞ୍ଚଳ ପରିଦର୍ଶନରେ ଯିବେ। ସେଠାରେ ସ୍ଥିତି ଅନୁଧ୍ୟାନ କରିବା ସହିତ ଦିଆଯାଇଥିବା ଇଞ୍ଜେକ୍ସନର ପ୍ରଭାବ କିଭଳି ରହିଛି ଏବଂ ରୋଗ ବ୍ୟାପିବାର କାରଣ ଉପରେ ଅନୁଧ୍ୟାନ କରିବେ। ଏହାକୁ ଭିତ୍ତିକରି ଜାତୀୟ ସ୍ତରରେ ଏହି ରୋଗ ନିୟନ୍ତ୍ରଣ ପାଇଁ ଯୋଜନା କରାଯିବ ବୋଲି ଜଣାପଡିଛି। ଏହି ଟିମ୍ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସିଡିଏମ୍‌ଓ ଲାଲ ମୋହନ ରାଉତରାୟଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ କାର୍ଯ୍ୟରେ ଅବହେଳା ଓ ଅନିୟମିତତା ନେଇ ଜିଲା ଶ୍ରମ ଅଧିକାରୀ ଜସ୍ମିନ ଶୁଭଦର୍ଶିନୀ ସାହୁଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଥିବା ରାୟଗଡା ଡ଼ିଭିଜନାଲ ଶ୍ରମ କମିଶନର ପ୍ରସନ୍ନ କୁମାର ପାଣିଗ୍ରାହୀ କହିଛନ୍ତି। ତେବେ ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଜସ୍ମିନ ଶୁଭଦର୍ଶିନୀ ସାହୁଙ୍କୁ ପଚାରିବାରୁ ସେ କହିଲେ,ଏନେଇ ତାଙ୍କ ପାଖକୁ ଏପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ କୌଣସି ଚିଠି ଆସିନନାହିଁ।

# ଜିଲା ଶ୍ରମ ବିଭାଗ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆରମ୍ଭ



ଭିଜିଲାନ୍ସ ଇନ୍ସପେକ୍ଟର ତରୁଲତା ବେହେରା ଆଲୋଚନା କରୁଛନ୍ତି।

ରାୟଗଡା,୨୮।୬(ଆଶିଷ ରଞ୍ଜନ ପଣ୍ଡା)

ଜିଲା ଶ୍ରମ ବିଭାଗରେ ହୋଇଥିବା ବିଭିନ୍ନ ଦୁର୍ନୀତିର ଏବେ ଖୋଳତାଡ ଆରମ୍ଭ ହୋଇଛି। ଏନେଇ ଗତ ୧୬ ତାରିଖରେ ଅତିରିକ୍ତ ଶ୍ରମ କମିଶନର ଘାସିରାମ ଟୁଡୁ ଓ ଅନ୍ୟ ଅଧିକାରୀମାନେ ରାୟଗଡା ଆସି ତଦନ୍ତ କରି ଫେରିଥିଲେ। ବିଶେଷକରି ସାଇକେଲ ବଣ୍ଟନରେ ଅନିୟମିତତା ଓ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ବୀମା ରାଶିରେ ହେରଫେର କରାଯାଇଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏବେ ଏହି ଦୁର୍ନୀତିର ଭିଜିଲାନ୍ସ ଖୋଳତାଡ ଆରମ୍ଭ ହୋଇଛି। ଶୁକ୍ରବାର ରାୟଗଡା

**୪ ଜଣିଆ ଟିମ୍ କରୁଛନ୍ତି ଖୋଳତାଡ଼**

ଭିଜିଲାନ୍ସ ଇନ୍ସପେକ୍ଟର ତରୁଲତା ବେହେରାଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ଆସି ଜିଲା ଶ୍ରମ କାର୍ଯ୍ୟାଳୟରୁ ସମସ୍ତ ତଥ୍ୟ ସଂଗ୍ରହ କରିଥିଲା। ଏନେଇ ଇନ୍ସପେକ୍ଟର ତରୁଲତାଙ୍କୁ ପଚାରିବାରୁ ଶ୍ରମ ବିଭାଗରେ ହୋଇଥିବା ଦୁର୍ନୀତି ନେଇ ହୋଇଥିବା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

# 'ତ୍ୱରିତ ନ୍ୟାୟ ପ୍ରଦାନକୁ ଗୁରୁତ୍ୱ ଦିଅନ୍ତୁ ବିଚାରପତି'

କଟକ,୨୮।୬ (କାର୍ତ୍ତିକ ସାହୁ)

**ଜିଲାଜଜ୍ ସମ୍ମିଳନୀ ଉଦ୍‌ଘାଟିତ**

ଓଡ଼ିଶା ହାଇକୋର୍ଟ ପକ୍ଷରୁ ତିନିଦିନିଆ ଜିଲା ଜଜ୍ ସମ୍ମିଳନୀ ଓଡ଼ିଶା ଜୁଡିସିଆଲ୍ ଏକାଡେମୀ ପରିସରସ୍ଥ ଜଷ୍ଟିସ୍ ଗତିକୃଷ୍ଣ ମିଶ୍ର ଅଡିଟୋରିୟମଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଯୋଗଦେଇ ଜିଲାଜଜ୍ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ତ୍ୱରିତ ନ୍ୟାୟ ପ୍ରଦାନକୁ ବିଚାରପତିମାନେ ଗୁରୁତ୍ୱ ଦେବାକୁ ମୁଖ୍ୟ ବିଚାରପତି ଜିଲାଜଜ୍‌ମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ଏହି ଅବସରରେ ୨୦୨୩ର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଓଡ଼ିଶା ହାଇକୋର୍ଟ ବିଚାରପତି କୃଷ୍ଣରାମ ମହାପାତ୍ର, ବିଚାରପତି ବିଭୁ ପ୍ରସାଦ ରାଉତରାୟ, ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ, ବିଚାରପତି ସାବିତ୍ରୀ ରଥ, ବିଚାରପତି ଶଶିକାନ୍ତ ମିଶ୍ର, ବିଚାରପତି ଚିତ୍ତରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲା କୋର୍ଟରେ କରାଯାଉଥିବା ଶୁଣାଣି, ନ୍ୟାୟିକ ପ୍ରକ୍ରିୟା ଓ ତ୍ୱରିତ ନ୍ୟାୟ ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି, ରେଜିଷ୍ଟ୍ରାର୍ ଜେନେରାଲ ପ୍ରତାପ କୁମାର ପାତ୍ର, ରାଜ୍ୟର ବିଭିନ୍ନ ଜିଲାର ସେସନ୍ସ ଜଜ୍, ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍, ବିଚାର ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।




ସମ୍ମିଳନୀରେ ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂଙ୍କ ସମେତ ଅନ୍ୟ ବିଚାରପତି ୨୦୨୩ର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ଡିଲ୍ ବେଳେ ବନବିଭାଗର ଚଢ଼ାଉ, ୩ ଗିରଫ

**ଗୋଟିଏ ହାତୀଦାନ୍ତ, ଶମ୍ବର ଶିଙ୍ଗ, ବଜ୍ରକାପ୍ତା କାତି ଜବତ**



ଜବତ ହାତୀଦାନ୍ତ, ବଜ୍ରକାପ୍ତା କାତି, ଶମ୍ବର ଶିଙ୍ଗ ଓ ଗିରଫ ୩ ଅଭିଯୁକ୍ତ।

ନୀଳଗିରି, ୨୮।୬
(ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ୧୬ନଂ. ଜାତୀୟ ରାଜପଥ ଖନ୍ତାପଡା ଥାନା ଦହିସଡା ନିକଟରେ ଶୁକ୍ରବାର ଗୋଟିଏ ଭଙ୍ଗା ହାତୀଦାନ୍ତ, ବଜ୍ରକାପ୍ତା କାତି ଓ ୩ଟି ଶମ୍ବର ଶିଙ୍ଗ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ କୁଲଡିହା ବନବିଭାଗ ଓ ଜଳେଶ୍ୱର ବନବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ୩ଜଣ ବେପାରୀଙ୍କ ପାଖରୁ ଗୋଟିଏ ଭଙ୍ଗା ହାତୀଦାନ୍ତ, ବଜ୍ରକାପ୍ତା କାତି ଓ ୩ଟି ସମ୍ବର ଶିଙ୍ଗ ଜବତ କରାଯାଇଛି। ଗୋଟିଏ ମୋଟର ସାଇକେଲ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି। ଅଧିକ ତଦନ୍ତ ଚାଲିଥିବାରୁ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକାଶ କରାଯିବ ବୋଲି ବିଭାଗ ସୂଚନା ଦିଆଯାଇଛି।




# ଓଡ଼ିଶା ଫେରୁଥିବା ବିବାଦୀୟ ଆଇଏଫ୍ଏସ୍‌ଙ୍କୁ ନେଇ ବନ ବିଭାଗର ଚିନ୍ତା

**ଯୌନ ନିର୍ଯାତନା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ**

ଉପଯୁକ୍ତ ପଦ ମାଗିଲେ କାର୍ତ୍ତିକ, ମହିଳା କର୍ମଚାରୀ ଥିବା ଅଫିସ୍‌ରେ ପୋଷ୍ଟିଂ ନ ଦେବାକୁ ଚିଠି କରିଥିଲା ସେଣ୍ଟ୍ରାଲ ଏକାଡେମୀ

ଭୁବନେଶ୍ୱର, ୨୮।୬
(ଅସମାପିକା ସାହୁ)

ବିବାଦୀୟ ଭାରତୀୟ ବନସେବା (ଆଇଏଫ୍ଏସ୍) ଅଧିକାରୀ ଭି. କାର୍ତ୍ତିକ ଓଡ଼ିଶା ଫେରୁଛନ୍ତି। ୨୦୦୯ ବ୍ୟାଚ୍‌ର ଏହି ଓଡ଼ିଶା କ୍ୟାଡରର ଆଇଏଫ୍ଏସ୍ ଅଧିକାରୀ ଆସନ୍ତା ୨ ତାରିଖ ଦିନ ରାଜ୍ୟ ବନ ବିଭାଗରେ ଯୋଗଦେବେ। ତେବେ ଏହା ପୂର୍ବରୁ କାର୍ତ୍ତିକ ଓଡ଼ିଶା ପିସିସିଏଫ୍ ତଥା ଓଡ଼ିଶା ବନ ବାହିନୀ ମୁଖ୍ୟଙ୍କୁ ଚିଠି ଲେଖି ଉପଯୁକ୍ତ ସ୍ଥାନରେ ଅବସ୍ଥାପିତ କରିବା ପାଇଁ ଅନୁରୋଧ କରିଛନ୍ତି। ତେବେ ଏହି ଚିଠି ପାଇବା ପରେ ରାଜ୍ୟ ବନ ବିଭାଗର ଚିନ୍ତା ବଢ଼ିଛି। କାର୍ତ୍ତିକଙ୍କୁ କେଉଁ ଅଫିସ୍‌ରେ ଏବଂ କେଉଁ ପଦବୀରେ ଅବସ୍ଥାପିତ କରାଯିବ ତାହାକୁ ନେଇ ଉପର ମହଲରେ ବିଚାରବିମର୍ଶ ହେଉଥିବା ସୂଚନା ମିଳିଛି। ବିଶେଷକରି ନୂଆ ସରକାରଙ୍କ ସ୍କାନରରେ ଏହି ଅଫିସର ନିହାତି ରହିବେ। କାରଣ କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ମାମଲାରେ କାର୍ତ୍ତିକ ଦୋଷୀ ସାବ୍ୟସ୍ତ ହୋଇ ତାମିଲନାଡୁରୁ ଗତ ମେ' ମାସରୁ ବିଦା ହୋଇଛନ୍ତି।

୨୦୨୦ ଜୁନ୍‌ରୁ କାର୍ତ୍ତିକ ଡେପୁଟେଶନରେ ଯାଇ ତାମିଲନାଡୁର କୋଇମ୍ବାଟୁରସ୍ଥିତ ସେଣ୍ଟ୍ରାଲ ଏକାଡେମୀ ଫର୍ ଷ୍ଟେଟ୍ ଫରେଷ୍ଟ ସର୍ଭିସ୍‌ରେ ଅଧ୍ୟାପକ ଭାବରେ କାର୍ଯ୍ୟ କରୁଥିଲେ। ଏକାଡେମୀର ଛାତ୍ରୀ ଏବଂ ମହିଳା କର୍ମଚାରୀଙ୍କୁ ହ୍ୱାଟ୍ସଆପ୍‌ରେ ଆପତ୍ତିଜନକ ମେସେଜ ପଠେଇବା ସହିତ ଅନ୍ତରଙ୍ଗ ସମ୍ପର୍କ ରଖିବା ଅପରାଧରେ କୋଇମ୍ବାଟୁରର ତଦନ୍ତ କମିଟି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ଏଥିସହ ତାଙ୍କ ବିରୋଧରେ ବହୁ ଅଭିଯୋଗ ହୋଇଛି। ଏହି ଘଟଣା ପରେ ସେଣ୍ଟ୍ରାଲ ଏକାଡେମୀ ଫର୍ ଷ୍ଟେଟ୍ ଫରେଷ୍ଟ ସର୍ଭିସ ଅଧ୍ୟକ୍ଷ ଭି. ଥିରୁନାଭୁକାରସୁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ଡାଇରେକ୍ଟୋରେଟ ଅଫ୍ ଫରେଷ୍ଟ ଏଜୁକେଶନର ନିର୍ଦ୍ଦେଶକଙ୍କୁ ଲେଖିଥିବା ପତ୍ରରୁ କାର୍ତ୍ତିକଙ୍କ କଳାକାରନାମା ବିଷୟରେ ଜଣାପଡ଼ିଥିଲା। ଏହି ଚିଠିର ନକଲ ଡେରାଡୁନସ୍ଥିତ ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଫରେଷ୍ଟ ଏକାଡେମୀ ନିର୍ଦ୍ଦେଶକ ଏବଂ ଓଡ଼ିଶା ପିସିସିଏଫ୍ ତଥା ଓଡ଼ିଶା ବନବାହିନୀ ମୁଖ୍ୟଙ୍କୁ ଦିଆଯାଇଥିଲା। ଭି. ଥିରୁନାଭୁକାରସୁ ଉକ୍ତ ଚିଠିରେ ଆଇଏଫ୍ଏସ୍ ଭି. କାର୍ତ୍ତିକଙ୍କ କାରନାମାକୁ ଅତ୍ୟନ୍ତ କଡ଼ାଭାଷାରେ ନିନ୍ଦା କରିବା ସହିତ ନିଜ ପଦବୀ ଏବଂ କ୍ଷମତାର ଅପବ୍ୟବହାର କରି ମହିଳାଙ୍କ ପ୍ରତି ଏପରି ବ୍ୟବହାର ଅକ୍ଷମଣୀୟ ବୋଲି ଦର୍ଶାଇଛନ୍ତି। ତେଣୁ ମହିଳା କାର୍ଯ୍ୟ କରୁଥିବା କୌଣସି ଅଫିସରେ ତାଙ୍କୁ ପୋଷ୍ଟିଂ ନ ଦେବା ପାଇଁ ମଧ୍ୟ ଲେଖାଯାଇଛି।

ଉଲ୍ଲେଖଯୋଗ୍ୟ, କାର୍ତ୍ତିକ ଅନୁଗୋଳରେ ଡିଏଫ୍ଓ ଥିବାବେଳେ ଓଡ଼ିଶା ଫରେଷ୍ଟ ରେଞ୍ଜର୍ସ କଲେଜର ଅତିରିକ୍ତ ଦାୟିତ୍ୱରେ ଥିଲେ। ସେତେବେଳେ ନିଜ ଡିଭିଜନର ଫିଲ୍ଡ ଷ୍ଟାଫ୍ ଏବଂ ମହିଳା ଟ୍ରେନି ରେଞ୍ଜ ଅଫିସରଙ୍କୁ ଶୋଷଣ କରିବା ଅଭିଯୋଗ ହୋଇଥିଲା। କିନ୍ତୁ ସେତେବେଳେ ଅଣଓଡ଼ିଆ ଲବି ଅତ୍ୟନ୍ତ ଶକ୍ତିଶାଳୀ ଥିବାରୁ ସେହି ମାମଲାକୁ ରଫାଦଫା କରି ଦିଆଯାଇଥିଲା। ତେବେ ଭି. ଥିରୁନାଭୁକାରସୁ ଗତମାସରୁ କାର୍ତ୍ତିକଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଓଡ଼ିଶାକୁ ପତ୍ର ଲେଖିଥିଲେ ମଧ୍ୟ ବଡ଼ବଡ଼ିଆ ଲବି ଯୋଗୁ ଦେଢ଼ମାସରୁ ଊର୍ଦ୍ଧ୍ୱ ହେବ ଉକ୍ତ ଚିଠିକୁ ଚାପି ଦିଆଯାଇଛି। ଏବେ କାର୍ତ୍ତିକ ରାଜ୍ୟ ବନ ବିଭାଗକୁ ଭଲ ସ୍ଥାନରେ ପୋଷ୍ଟିଂ ମାଗିଲେଣି। ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦବୀ ଦିଆଗଲେ ସେ ପୁଣି କାରନାମା ଦେଖାଇବାକୁ ସୁଯୋଗ ପାଇବେ ବୋଲି ଚର୍ଚ୍ଚା ହେଉଛି। ସେପଟେ ଯୌନ କେଲେଙ୍କାରିର ଦୋଷୀ ସାବ୍ୟସ୍ତ କାର୍ତ୍ତିକଙ୍କୁ ବନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦବୀରେ ଅବସ୍ଥାପିତ କରିବା ପାଇଁ ଏକ ଗୋଷ୍ଠୀ ମସୁଧା ଚଳାଇଥିବା ମଧ୍ୟ ଶୁଣିବାକୁ ମିଳୁଛି।

# 'ପୁରୀ ହେବ ଦେଶର ସର୍ବଶ୍ରେଷ୍ଠ ତୀର୍ଥକ୍ଷେତ୍ର'

## ରଥଯାତ୍ରା ପାଇଁ କ୍ଷେତ୍ର ପରିଦର୍ଶନ କଲେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ପୁରୀ, ୨୮।୬
(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରକୁ ଦେଶର ସର୍ବଶ୍ରେଷ୍ଠ ତୀର୍ଥକ୍ଷେତ୍ର ଭାବେ ପରିଗଣିତ କରାଯିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଶୁକ୍ରବାର ଅପରାହ୍ଣରେ ମନ୍ତ୍ରୀ ହରିଚନ୍ଦନ ପୁରୀ ଗସ୍ତରେ ଆସି ରଥଯାତ୍ରା ଆୟୋଜନ ନେଇ ସମୀକ୍ଷା ସହ କ୍ଷେତ୍ର ପରିଦର୍ଶନ ଏବଂ ଅନୁଧ୍ୟାନ କରିଛନ୍ତି।

ହରିଚନ୍ଦନ ପ୍ରଥମେ ସର୍କିଟ ହାଉସରେ ପହଞ୍ଚି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ପିନାକ ମିଶ୍ରଙ୍କ ସହ ଆଲୋଚନା କରିବା ପରେ ସମଙ୍ଗ ପାର୍କିଂ ସ୍ଥାନ ପରିଦର୍ଶନ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ଗାଡ଼ି ସେଠାରେ ପାର୍କିଂ ବ୍ୟବସ୍ଥା କରାଯାଇଥିବାରୁ ବିଭିନ୍ନ ଆବଶ୍ୟକ ସୁବିଧା ପ୍ରସ୍ତୁତ ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାପରେ ଗଦାଧର ହାଇସ୍କୁଲ ଓ ଶ୍ରୀମନ୍ଦିର ନିକଟରେ ଅତିଥିମାନଙ୍କ ପ୍ରସ୍ତାବିତ ବସିବା ସ୍ଥାନକୁ ମନ୍ତ୍ରୀ ଅନୁଧ୍ୟାନ କରିଥିଲେ। ସିଂହଦ୍ୱାରଠାରୁ ବଡ଼ଦାଣ୍ଡରେ ଯେପରି ଶ୍ରଦ୍ଧାଳୁମାନେ ସୁବିଧାରେ ରହି ମହାପ୍ରଭୁଙ୍କୁ ଦର୍ଶନ କରିବେ ଓ ରଥ ଟାଣିବେ ସେ ନେଇ ମନ୍ତ୍ରୀ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ଦୀର୍ଘ ୫୩ ବର୍ଷ ପରେ ଚଳିତ ବର୍ଷ ବିରଳ ରଥଯାତ୍ରା ପଡ଼ୁଛି। ଗୋଟିଏ ଦିନରେ ରଥଯାତ୍ରା, ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ପଡ଼ୁଛି। ତେଣୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୂର୍ବାପେକ୍ଷା ବହୁ ଅଧିକ ଭକ୍ତ ପୁରୀକୁ ଆସିବେ। ଅନ୍ୟପକ୍ଷରେ ରାଷ୍ଟ୍ରପତି ମଧ୍ୟ ପୁରୀ ଆସୁଛନ୍ତି। ତେଣୁ ଯାହା ବି ଯୋଜନା କରାଯାଉଛି, ତାହା ସମସ୍ତଙ୍କ ନିମନ୍ତେ ଚ୍ୟାଲେଞ୍ଜ। ତେବେ ପୂର୍ବରୁ ରଥଯାତ୍ରା ସମନ୍ୱୟ ବୈଠକ ସରିଛି। ଆସନ୍ତା ୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥାକୁ ଟିକିନିଖି ଅନୁଧ୍ୟାନ କରାଯାଉଛି। ଆଇନଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଉଛି। ସରକାର ଓ ପ୍ରଶାସନର ଯୋଜନା ମୁତାବକ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ପୂର୍ବବର୍ଷ ତୁଳନାରେ ଚଳିତ ରଥଯାତ୍ରାରେ ଅଧିକ ଭକ୍ତଙ୍କ ସମାବେଶକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା ସୁନିୟନ୍ତ୍ରିତ ଭାବେ କରାଯାଉଛି। ମହାପ୍ରଭୁଙ୍କ ନିୟମିତ ଦର୍ଶନ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ରଥଯାତ୍ରା ପରେ ସମସ୍ତଙ୍କ ପରାମର୍ଶ ନିଆଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ। ପୁରୀକୁ ଦେଶର ସର୍ବଶ୍ରେଷ୍ଠ ତୀର୍ଥକ୍ଷେତ୍ରରେ ପରିଣତ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିବ ଏବଂ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି। ଏହି ସମୟରେ ଜିଲାପାଳ ଏବଂ ଏସ୍‌ପିଙ୍କ ସମେତ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁ, ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଅତିରିକ୍ତ ଜିଲାପାଳ(ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କ୍ଷେତ୍ର ପରିଦର୍ଶନ ଅବସରରେ ପୁରୀ ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି।

# ସୃଷ୍ଟି ହେଲା ଲଘୁଚାପ, ବଢ଼ିବ ବର୍ଷା

**ସତର୍କ ରହିବାକୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର, ୨୮।୬
(ଅସମାପିକା ସାହୁ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଶୁକ୍ରବାର ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ଆସନ୍ତା ୨ଦିନ ଉତ୍ତରପଶ୍ଚିମ ଦିଗରେ ଗତି କରିବ। ଫଳରେ ୩୦ ତାରିଖ ପର୍ଯ୍ୟନ୍ତ ବର୍ଷା ପରିମାଣ ବଢ଼ିବ। ଲଘୁଚାପ ପ୍ରଭାବରେ କିଛି ଦିନ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆଗାମୀ ତିନି ଦିନ ଯାଏ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ବର୍ଷା ଜାରି ରହିଥିଲେ ମଧ୍ୟ ୩୪ ପ୍ରତିଶତ କମ୍ ବର୍ଷିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଶୁକ୍ରବାର ସକାଳ ସାଢ଼େ ୮ଟାରୁ ଅପରାହ୍ଣ ସାଢ଼େ ୫ଟା ମଧ୍ୟରେ ଅନୁଗୋଳରେ ସର୍ବାଧିକ ୧୦୨ମି.ମି. ବର୍ଷା ହୋଇଛି। ସେହିଭଳି ନୟାଗଡ଼ରେ ୩୨ମି.ମି., ବଲାଙ୍ଗୀରରେ ୨୬ମି.ମି., ଭବାନୀପାଟଣାରେ ୧୬.୪ମି.ମି., ଟିଟିଲାଗଡ଼ରେ ୧୩.୨ମି.ମି. ଓ ସୋନପୁରରେ ୧୧ମିମି ବର୍ଷା ରେକର୍ଡ ହୋଇଛି। ୨୯ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାବେଳେ ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳରେ ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଇଛି। ସେହିଭଳି ୩୦ରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼ ଓ କେନ୍ଦୁଝରରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ତେଣୁ ଏହି ଦୁଇଦିନ ଉକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ସେପଟେ ପାଣିପାଗର ଆକଳନକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ଶୁକ୍ରବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଛନ୍ଦିହେଲେ ତତ୍କାଳୀନ ଆଡ୍‌ଭୋକେଟ୍ ଜେନେରାଲ

**ପାତ୍ରପଡାରେ ୨୫୦ କୋଟିର ଜମି ଦୁର୍ନୀତି ମାମଲା**

- ନୃସିଂହଙ୍କ କେଲେଙ୍କାରୀରେ ୮ଜଣ ସବ୍‌ରେଜିଷ୍ଟ୍ରାରଙ୍କ ସମ୍ପୃକ୍ତି ଅଭିଯୋଗ
- ନାଗେଶ୍ୱରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲେ ମାରିକ୍

ଭୁବନେଶ୍ୱର, ୨୮।୬
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରର ପାତ୍ରପଡା ମୌଜାରେ ହୋଇଥିବା ୨୫୦ କୋଟିର ସରକାରୀ ଜମି ଦୁର୍ନୀତି ମାମଲାକୁ ନେଇ ରାଜ୍ୟରେ ଚର୍ଚ୍ଚା ଲାଗି ରହିଛି। ଦିନ ଯେତିକି ଗଡୁଛି ଏହି ବଡ଼ କେଲେଙ୍କାରୀରେ ସରକାରୀ ବାବୁଙ୍କ ସମ୍ପୃକ୍ତି ତାଲିକା ସେତେ ଲମ୍ବୁଛି। ଏହି ମାମଲାରେ ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓ ଏବଂ ଓଡ଼ିଶାର ତତ୍କାଳୀନ ଡିଜିପି ସଞ୍ଜୀବ ମାରିକଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଥିବାବେଳେ ଏହା ଭିତରେ ଆଉଏକ ଚାଞ୍ଚଲ୍ୟକର ଖବର ପଦାକୁ ଆସିଛି। ୭.୫ ଏକର ସରକାରୀ ଜମିକୁ ଘରୋଇ ଲୋକଙ୍କ ନାମରେ କରିବା ପଛରେ ତତ୍କାଳୀନ ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜାଙ୍କ ନାଁ ଛନ୍ଦି ହୋଇଯାଇଛି। ଅଶୋକଙ୍କ ସମେତ ଏହି ମାମଲାରେ ୨୦୦୩ରୁ ୨୦୧୮ ପର୍ଯ୍ୟନ୍ତ ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ୮ଜଣ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓଏସ୍ଏଏ) ପକ୍ଷରୁ ଶୁକ୍ରବାର ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ୪ ଆଇପିଏସ୍ ଅଫିସର, ଜମି ମାଫିଆଙ୍କୁ ଅଶୋକ ଅହେତୁକ ଅନୁକମ୍ପା ଦେଖାଇ ସରକାରୀ ସମ୍ପତ୍ତି ଲୁଟ୍ କରିବାରେ ପରୋକ୍ଷରେ ସହଯୋଗ କରିଛନ୍ତି ବୋଲି ଓଏସ୍ଏଏ ସାଂଘାତିକ ଅଭିଯୋଗ ଉଠାଇଛି।

ଓଏସ୍ଏଏର ଅଭିଯୋଗ ଅନୁଯାୟୀ, ଜମି ମାଫିଆ ନୃସିଂହ ଉକ୍ତ ଜମିକୁ ଜାଲିଆତି କରିଥିବା ଜଣାପଡିବା ପରେ ଭୁବନେଶ୍ୱର ଉପଜିଲାପାଳ ୨୦୦୨ରେ ଏହି ଲିଜ୍ ବାତିଲ କରି ସରକାରୀ ଖାତାକୁ ଫେରାଇ ନେଇଥିଲେ। ୨୦୦୩ରେ ସମ୍ପୃକ୍ତ ଜମି ମାଫିଆ ଓ ଅନ୍ୟମାନେ କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଏହି ମାମଲା ଭୁବନେଶ୍ୱରସ୍ଥିତ ଚକବନ୍ଦୀ ଏବଂ ବନ୍ଦୋବସ୍ତ କମିଶନରଙ୍କ କୋର୍ଟରେ ବିଚାର ଚାଲିଥିଲା। ଏପରିକି ମାମଲା ଚାଲିଥିବା ବେଳେ ବି ନୃସିଂହ ଜାଲିଆତି ପଟାକୁ ବ୍ୟବହାର କରି କିଣାବିକା କରିଥିଲେ। ଏନେଇ ୨୦୨୨ରେ ଓଏସ୍ଏଏ ପକ୍ଷରୁ ଅଭିଯୋଗ ହୋଇଥିଲା। ୨୦୨୨ ସେପ୍ଟେମ୍ବର ୧୨ରେ କମିଶନର ଏହି ମାମଲାରେ ନିରପେକ୍ଷ ରାୟ ଦେବା ସହ ଉପଜିଲାପାଳଙ୍କ ନିଷ୍ପତ୍ତିକୁ କାଏମ ରଖିଥିଲେ। କୌଣସି ବି ପରିସ୍ଥିତିରେ ଉକ୍ତ ଜମିକୁ ନୃସିଂହ ଓ ଅନ୍ୟମାନଙ୍କୁ ଦିଆଯାଇପାରିବ ନାହିଁ ବୋଲି ରିପୋର୍ଟରେ ଦର୍ଶାଇଥିଲେ। କମିଶନରଙ୍କ ରିପୋର୍ଟ ମୁତାବକ, ତଦନ୍ତ ପାଇଁ ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲ୍ ପାତ୍ରପଡା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କୁ ନେଇ ତଦନ୍ତ କରିବା ପରେ ମାଫିଆମାନଙ୍କୁ ଉକ୍ତ ଜମି ନ ଦେବାକୁ କହି କମିଶନର କାରଣ ଦର୍ଶାଇଥିଲେ। ହେଲେ ଏହି ରାୟକୁ ନୃସିଂହ ଓ ଅନ୍ୟମାନେ ୨୦୨୨ରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମାମଲାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ଓ ଅନ୍ୟ ଦୁଇଜଣ ମାମଲା ପରିଚାଳନା କରିଥିଲେ। ହେଲେ ଏହି ମାମଲାରେ ଆଡ୍‌ଭୋକେଟ ଜେନେରାଲ ଅଶୋକ ଜମି ମାଫିଆମାନଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଏଥିସହ ସେ ଏହି ମାମଲା ପୁଣିଥରେ ବିଚାର ପାଇଁ କମିଶନରଙ୍କ ପାଖକୁ ପଠାଯାଉ ବୋଲି କହିଥିବା ନେଇ ଖବରଦାତା ସମ୍ମିଳନୀରେ ଓଏସ୍ଏଏର ଶ୍ରୀକାନ୍ତ ପାକଳ, ସୁଧୀର ମହାନ୍ତି, ସର୍ବେଶ୍ୱର ବେହୁରା ଓ ହୃଦାନନ୍ଦ କୋଦମାସିଂ କହିଛନ୍ତି। ଅପରପକ୍ଷରେ ଏହି ଅଭିଯୋଗକୁ ନେଇ ଅଶୋକ କହିଛନ୍ତି, ୨୦୨୨ର କଥା କିଛି ତାଙ୍କର ମନେ ନାହିଁ। ଏହି କେସ୍ ବିଷୟରେ ସେ କିଛି ଜାଣିନାହାନ୍ତି ବୋଲି ଅଶୋକ କହିଛନ୍ତି।

ଏପଟେ ଏହି ଜମି ଦୁର୍ନୀତି ମାମଲାରେ ପୂର୍ବତନ ପୋଲିସ ଡିଜି ସଞ୍ଜୀବ ମାରିକଙ୍କ ଉପରକୁ ନାଗେଶ୍ୱର ଅଙ୍ଗୁଳି ଉଠାଇଥିଲେ। ଜମି କିଣି ଠକାମିର ଶିକାର ହୋଇଥିବା ନେଇ ସେ ୨୦୧୫ରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଅଭିଯୋଗ କରିଥିବାବେଳେ ମାରିକଙ୍କ ଚାପରେ ଇଓଡବ୍ଲ୍ୟୁ ମାମଲା କରି ନ ଥିବା ନେଇ ନାଗେଶ୍ୱର ଅଭିଯୋଗ ଉଠାଇଥିଲେ। ଏନେଇ ଚର୍ଚ୍ଚା ଚାଲିଥିବା ବେଳେ ନାଗେଶ୍ୱରଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ ମାରିକ। ଶୁକ୍ରବାର ମାରିକ ପୁଣି କହିଛନ୍ତି, ୨୦୧୫ ନଭେମ୍ବର ୫ରେ ନାଗେଶ୍ୱର ଦେଇଥିବା ଏତଲାକୁ ଇଓଡବ୍ଲ୍ୟୁ ଗ୍ରହଣ କରିଥିଲେ। ହେଲେ ଏହାର ଦୁଇଦିନ ପରେ ସେ ଟ୍ରାନ୍ସଫର୍ ହୋଇଯାଇଥିଲେ। ଡିଜିପି ନ ଥିବା ବେଳେ ଏହି ମାମଲାକୁ ସେ କେମିତି ଚାପିଲେ ବୋଲି ପ୍ରଶ୍ନ କରିଛନ୍ତି। ନାଗେଶ୍ୱର ତାଙ୍କ ବିରୋଧରେ ମିଛ କହୁଛନ୍ତି। ତାଙ୍କ ବିରୋଧରେ ପୂର୍ବରୁ ସେ ଏକ ରିପୋର୍ଟ ଦେଇଥିବାରୁ ରାଗରେ ନାଗେଶ୍ୱର ଏଭଳି କରିଛନ୍ତି। ନାଗେଶ୍ୱରଙ୍କ ବିରୋଧରେ ସେ ମାନହାନୀ ମାମଲା କରିବା ସହ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ମାରିକ ପୁଣି ଦୋହରାଇଛନ୍ତି।



ଖବରଦାତା ସମ୍ମିଳନୀରେ ଓଡ଼ିଶା ସୂଚନା ଅଧିକାର ଅଭିଯାନର କର୍ମକର୍ତ୍ତାମାନେ ଅଭିଯୋଗ କରୁଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାର, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ଣ ୨ଟା ୩୦ ।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସିବିଶନ 'ବଏ ଡ୍ୟାମ୍ବର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ଣ ୪ଟା ୩୦ ।
- ଶିଳାଶ୍ରୀ ୧୭ତମ ବାର୍ଷିକୋତ୍ସବ, ସ୍ଥାନ: ବୁଦ୍ଧମନ୍ଦିର ସଭାକକ୍ଷ, ସମୟ: ସନ୍ଧ୍ୟା ୬ଟା ।
- ୨୨ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦ ।

## କଟକ

- ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡା. ମୋହିତ ଗୁପ୍ତାଙ୍କ ମୋଟିଭେସନାଲ ଟକ୍, ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ଏସ୍‌ସିବି ମେଡିକାଲ କଲେଜ, ସମୟ: ଅପରାହ୍ଣ ୩ଟା ୩୦ ।
- ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ଜନ୍ମବାର୍ଷିକ ସମାରୋହ, ସ୍ଥାନ: ସଚ୍ଚିଦାନନ୍ଦ ମଠ ପରିସର, ବାଉଁଶଗଳି, ଓଡ଼ିଆବଜାର, ସମୟ: ଅପରାହ୍ଣ ୪ଟା ।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଅନ୍ନପୂର୍ଣ୍ଣା ଥିଏଟର 'ବି' ଗ୍ରୁପ୍ ମିଳିତ ଆନୁକୂଲ୍ୟରେ ମଞ୍ଚସ୍ଥ ହେବ ନାଟକ ମାଟିର ମଣିଷ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର ବି-ଗ୍ରୁପ୍ ପ୍ରେକ୍ଷାଳୟ, ବାରପଥର, ସମୟ: ସନ୍ଧ୍ୟା ୭ଟା ୧୫ ।

## ପୁରୀ

- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦ ।

## ଖୋର୍ଦ୍ଧା

- ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଜନସମ୍ପର୍କ ଧନ୍ୟବାଦ ଯାତ୍ରା, ସ୍ଥାନ: ଜାଗୁଳିପାଟଣାସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିର, ସମୟ: ପୂର୍ବାହ୍ଣ ୧୦ଟା ୩୦ ।

## ବାଲେଶ୍ୱର

- ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବିଭିନ୍ନ ବିଦ୍ୟାଳୟ ପ୍ରାଙ୍ଗଣ, ବାଲେଶ୍ୱର, ସମୟ: ସକାଳ ୬ଟା ୩୦ ।
- ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟାନିକେତନ, ବାରାପାଳ, ରୂପସା, ସମୟ: ସକାଳ ୮ଟା ।
- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନଶିପ୍ ସିଜନ୍-୪ର ଦ୍ୱିତୀୟ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ୍, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦ ।
- ମୋନା ବାଲେଶ୍ୱରର ଅଷ୍ଟମ ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଆତିଥ୍ୟ ସଭାଗୃହ, ପାଣିଚାଙ୍କି, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା ।
- ଏ-୧ ମେଟ୍ରିକ ମେଧା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଭୋଳାନାଥ ବିଦ୍ୟାପୀଠ, ବାଡ଼ସରିଷା, ଚନ୍ଦନେଶ୍ୱର, ଭୋଗରାଇ, ସମୟ: ପୂର୍ବାହ୍ଣ ୧୦ଟା ।
- ମା' ବଡ଼ାମ ବୁଢ଼ୀ ଗ୍ରାମ ଦେବତୀଙ୍କ ପୂଜା, ସ୍ଥାନ: ଖୁଆଡ଼, ଜଳେଶ୍ୱର, ସମୟ: ଅପରାହ୍ଣ ୩ଟା ।
- ଜୀବନ ସଂଗ୍ରାମ ଓ ଅ ଆ କ ଖ ପୁସ୍ତକର ପାଠକାର୍ପଣ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ

- ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ବେଳମଳା ପ୍ରାଥମିକ ବିଦ୍ୟାଳୟ, ଦୋବଲ, ଧାମନଗର, ସମୟ: ପୂର୍ବାହ୍ଣ ୧୧ଟା ।
- ବିଦ୍ୟାର୍ଥୀ ବିକାଶ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଦିବ୍ୟମ୍ ହଲ୍, ଜାନୁଗଞ୍ଜ, ଭଦ୍ରକ, ସମୟ: ପୂର୍ବାହ୍ଣ ୧୧ଟା ।
- ଭାରତ ବିକାଶ ପରିଷଦ ଭଦ୍ରକ ଶାଖାର ବୈଠକ, ସ୍ଥାନ: ସିଟି ରେସିଡେନ୍ସି ସମ୍ମିଳନୀ କକ୍ଷ, ବନ୍ତ ଛକ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ।
- ଯୁବ କଳା ଉତ୍ସବ, ସ୍ଥାନ: ଧୁଷୁରୀ, ଧାମନଗର, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦୁଝର

- ବିଦ୍ୟାଳୟ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ : ଫକୀରପୁର ଉଚ୍ଚ ବିଦ୍ୟାଳୟ, ଆନନ୍ଦପୁର, ସମୟ: ସକାଳ ୭ ଟା ।
- ଶନିଙ୍କ ମନ୍ଦିରରେ ମେଳା ଏବଂ ଯଜ୍ଞ, ସ୍ଥାନ: ମୋଟରାଗଡିଆ, ହାଟଡ଼ିହୀ, ସମୟ: ସକାଳ ୭ ଟା ।
- ଗ୍ରହରାଜ ଶନିଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ଛେନାପଦି, ହାଟଡ଼ିହୀ, ସମୟ: ସକାଳ ୭ ଟା ।
- ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଜିଲାସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ସରକାରୀ ବାଳିକା ବିଦ୍ୟଳୟ, କେନ୍ଦୁଝର, ସମୟ: ସକାଳ ୯ଟା ।
- ଆନନ୍ଦପୁର ବିଧାୟକଙ୍କ ବିଭିନ୍ନ ପଞ୍ଚାୟତରେ ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ଣ ୧୦ ଟା ଏବଂ ଅପରାହ୍ଣ ୪ ଟା ।

## ମୟୂରଭଞ୍ଜ

- ଏକ ପେଡ୍ ମା' କେ ଲିୟେ କାର୍ଯ୍ୟକ୍ରମ, ସ୍ଥାନ: ପର୍ଯ୍ୟଟନ କାର୍ଯ୍ୟାଳୟ, ବାରିପଦା, ସମୟ: ଅପରାହ୍ଣ ୪ଟା ।
- ବାଥୁଡ଼ି ସାଂସ୍କୃତିକ ସମାଜ ପକ୍ଷରୁ ନବ ନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଉଦଳା ବ୍ଲକ ଅଧୀନ ପାଟପୁର ବଡ଼ାମ ଭଜନ ସଭାଗୃହ, ସମୟ: ଅପରାହ୍ଣ ୪ଟା ।

## ବ୍ରହ୍ମପୁର

- ନାଟକ ପରିବେଷଣ, ସ୍ଥାନ: ପ୍ରକାଶମ୍ ହଲ, ଗିରିମାର୍କେଟ, ସମୟ: ସନ୍ଧ୍ୟା ୬ଟା ୩୦ ।
- କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ବକ୍ତୃତାମାଳା,ସ୍ଥାନ:ଉତ୍କଳ ଆଶ୍ରମ ସଭାକକ୍ଷ,ସମୟ: ସନ୍ଧ୍ୟା ୭ଟା ।

## ଗଞ୍ଜାମ

- ଯୋଗ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ପ୍ରାତଃ ୫ଟା ।
- ସମ୍ବର୍ଦ୍ଧନା ସଭା, ସ୍ଥାନ: ଜଗନ୍ନାଥ ପ୍ରସାଦ ବ୍ଲକ ବିଡ଼ିପୁର କଲେଜ, ସମୟ: ପୂର୍ବାହ୍ଣ ୧୧ଟା ।
- ମା' ଫୁଲକେଶିନୀ ଠାକୁରାଣୀଙ୍କ ଯାତ୍ରାର ଅନ୍ତିମ ଘଟ ପରିକ୍ରମା, ସ୍ଥାନ: ଆସିକା ଲାଲାଗୋର୍ଜି ଛକରୁ ଆରମ୍ଭ, ସମୟ: ସନ୍ଧ୍ୟା ୭ଟା ।

## କନ୍ଧମାଳ

- ବଣିକ ସଂଘର ମାସିକ ବୈଠକ, ସ୍ଥାନ: ନୂଆଗାଁ ଜଗନ୍ନାଥ ,ମନ୍ଦିର,ସମୟ: ପୂର୍ବାହ୍ଣ ୧୦ଟା ।
- ମେଗା ଚାରାରୋପଣ, ସ୍ଥାନ: ଫୁଲବାଣୀସ୍ଥିତ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସର, ସମୟ-ପୂର୍ବାହ୍ଣ ୧୧ଟା ୩୦ ।

## ରାୟଗଡ଼ା

- କିନ୍ନରଙ୍କ ଦ୍ୱାରା ରେନ୍‌ବୋ ପ୍ରାଇଡ୍ ୱାକ, ସ୍ଥାନ: କୋରାପୁଟ ଛକରୁ କପିଳାସ ଛକ, ସମୟ: ସକାଳ ୯ଟା ୩୦ ।

## ନବରଙ୍ଗପୁର

- ମୁଖ୍ୟମନ୍ତ୍ରୀ ମକା ମିଶନ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା ୩୦ ।

## କୋରାପୁଟ

- ଜିଲାପାଳଙ୍କ ନନ୍ଦପୁର ବ୍ଲକ ରାଇସିଂ ପଞ୍ଚାୟତ ପରିଦର୍ଶନ ଓ ସମୀକ୍ଷା, ସ୍ଥାନ: ରାଇସିଂ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ ଟା ୩୦ ।
- ଜିଲାପାଳଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୪ ଟା ।

## ମାଲକାନଗିରି

- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ଶିପ୍, ସ୍ଥାନ:ଇନ୍‌ଡୋର ଷ୍ଟାଡିୟମ, ବାଲିମେଳା, ସମୟ: ସକାଳ ୯ଟା ।

## ସମ୍ବଲପୁର

- କଲମ ପରିବାର ପକ୍ଷରୁ ସମ୍ବଲପୁରୀ ବହିହାଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଉପଯୋଗିତା କେନ୍ଦ୍ର, ସମୟ : ପୂର୍ବାହ୍ଣ ୧୦ଟା ।
- ସମ୍ବଲପୁରୀ ସାହିତ୍ୟର୍ ଲେଖକ- ପାଠକ- ପ୍ରକାଶକ ଭିତରେ ସମନ୍ୱୟ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର, ସ୍ଥାନ : ଜିଏମୟୁ ଉପଯୋଗିତା କେନ୍ଦ୍ର, ସମୟ : ପୂର୍ବାହ୍ଣ ୧୧ଟା ୩୦ ।
- ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ସମ୍ବଲପୁରୀ ସାଧାରଣ ଜ୍ଞାନ ପରୀକ୍ଷା, ସ୍ଥାନ : ଜିଏମୟୁ ଉପଯୋଗିତା କେନ୍ଦ୍ର, ସମୟ : ଅପରାହ୍ଣ ୩ଟା ।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୫ଟା ୩୦ ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ଜିଲା ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର

- ସନ୍ତରଣ ପ୍ରତିଯୋଗୀଙ୍କ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ।
- ଗୁରୁ ଭଗବାନ ସାହୁ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ଲୋଇସିଂହା ସୁରଙ୍ଗମ, ସମୟ: ଅପରାହ୍ଣ ୪ଟା ।

## ସୁବର୍ଣ୍ଣପୁର

- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର,ବୀରମହାରାଜପୁର, ସମୟ: ପୂର୍ବାହ୍ଣ ୧୧ଟା ।

## ବରଗଡ଼

- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(ଜିଜ୍ଞାସା), ସ୍ଥାନ: ବାଳକ ଉଚ୍ଚ ବିଦ୍ୟାଳୟ ଭଟଲି, ଜାଣ୍ଡୋଲ ଉଚ୍ଚ ବିଦ୍ୟାଳୟ ଭେଡ଼େନ, ଜମଲା ଉଚ୍ଚ ବିଦ୍ୟାଳୟ ପଦ୍ମପୁର, ଜର୍ଜ ହାଇସ୍କୁଲ ବରଗଡ଼, ସରକାରୀ ଉଚ୍ଚ ବିଦ୍ୟାଳୟ ବିଜେପୁର, ସୁକୁଡ଼ା ଉଚ୍ଚ ବିଦ୍ୟାଳୟ ଭଟଲି, ବରାହଗୋଡ଼ା ଉଚ୍ଚ ବିଦ୍ୟାଳୟ ବରଗଡ଼, ପାଣିମୋରା ସରକାରୀ ଉଚ୍ଚ ବିଦ୍ୟାଳୟ ସୋହେଲା, ସମୟ: ପୂର୍ବାହ୍ଣ ୧୦ଟା ।
- ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର(ଓଡ଼ିଆ ବିଭାଗ) ବରଗଡ଼, ସମୟ: ପୂର୍ବାହ୍ଣ ୧୦ଟା ।
- ସଂକୁଳସ୍ତରୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ପଦ୍ମପୁର, ସମୟ: ପୂର୍ବାହ୍ଣ ୧୦ଟା ।
- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭାଜପାର ସମ୍ବର୍ଦ୍ଧନା, ସ୍ଥାନ: ଭି.ଡି ପେଲେସ୍, ବରଗଡ଼, ସମୟ: ପୂର୍ବାହ୍ଣ ୧୧ଟା ୩୦ ।
- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଡିଆରଡିଏ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ଅପରାହ୍ଣ ୪ଟା ।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର, ସମୟ: ସକାଳ ୭ଟା ।
- ରଥଯାତ୍ରା ପାଇଁ ରଥ କାମ ଆରମ୍ଭ, ସ୍ଥାନ: ସହରସ୍ଥିତ ଝଣ୍ଡା ଛକ, ସମୟ: ସକାଳ ୮ ଟା ।

## ରାଉରକେଲା

- ଉଷୁ ଆସୋସିଏଶନ ସୁନ୍ଦରଗଡର ଖବରଦାତା ସମ୍ମିଳନୀ,ସ୍ଥାନ: ଏସଟିଆଇ ରୋଡ, ସମୟ: ପୂର୍ବାହ୍ଣ ୧୦ଟା ୩୦ ।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା,ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା୩୦ ।

## ଦେବଗଡ଼

- ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ନୂଆଁଗାଁ ଉ.ପ୍ରା. ସ୍କୁଲ, ସମୟ: ପୂର୍ବାହ୍ଣ ୧୧ଟା ।
- ଶିକ୍ଷା ବିକାଶ ସମିତି ଓଡ଼ିଶା ପକ୍ଷରୁ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦେବଗଡ, ସମୟ: ଅପରାହ୍ଣ ୨ଟା ।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା ।

## କଳାହାଣ୍ଡି

- ଅଷ୍ଟପ୍ରହର ନାମାରମ୍ଭ, ସ୍ଥାନ: ସ୍ଥାନ: କେସିଙ୍ଗା ସହରର ବୋରିଙ୍ଗପଦର, ବନଛୋରପଡା, ସମୟ: ସକାଳ ୮ଟା ।
- ଗଣତନ୍ତ୍ର ଓ ଧର୍ମ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ବାବା ବଳିଆଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା, ଜିହାର, ସମୟ: ପୂର୍ବାହ୍ଣ ୧୦ଟା ।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା ।

## ବୌଦ୍ଧ

- ୪୦ତମ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଶୁଭାରମ୍ଭ, ସ୍ଥାନ: ବିଜୁ ପଟ୍ଟନାୟକ ସନ୍ତରଣାଗାର, ବୌଦ୍ଧ, ସମୟ: ସକାଳ ୭ଟା ।
- କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳିର ଖୁଣ୍ଟିଗୋରାଠାରେ ମତଦାତା ସମ୍ପର୍କ ଅଭିଯାନ, ସ୍ଥାନ: ଖୁଣ୍ଟିଗୋରା, କନ୍ଧମାଳ, ସମୟ: ପୂର୍ବାହ୍ଣ ୧୧ଟା ।

## ଢେଙ୍କାନାଳ

- ଗୀତା ଜ୍ଞାନଯଜ୍ଞ ଉଦ୍‌ଯାପନ ଦିବସ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ୍ ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା ।

## ଜଗତ୍‌ସିଂହପୁର

- ପୌରପରିଷଦ କାଉନ୍‌ସିଲ ବୈଠକ, ସ୍ଥାନ: ପୌର ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ:ପୂର୍ବାହ୍ଣ ୧୦ଟା ।
- ପୌରପରିଷଦର ବାର୍ଷିକ ବଜେଟ ଉପରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ପୌର ପ୍ରଶାସନିକ ଭବନ, ପାରାଦୀପ, ସମୟ: ପୂର୍ବାହ୍ଣ ୧୧ଟା ।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖାଲଗାଁ, ବାଲିକୁଦା, ଜଗତ୍‌ସିଂହପୁର, ସମୟ: ମଧ୍ୟାହ୍ନ ୧୨ଟା ।
- ବିଧାୟକଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଶିକ୍ଷକ ଭବନ, ବାଲିକୁଦା ବ୍ଲକ ଛକ, ସମୟ: ମଧ୍ୟାହ୍ନ ୧୨ଟା ।

## କେନ୍ଦ୍ରାପଡ଼ା

- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ଣ ୫ଟା ।

## ନୟାଗଡ଼

- ବିଜେଡିର କୃତଜ୍ଞତା ସଭା, ସ୍ଥାନ: ଖୁଣ୍ଟୁବନ୍ଧ, ନୟାଗଡ଼, ସମୟ ମଧ୍ୟାହ୍ନ ୧୨ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ନିଜ ପରିସରରେ ସାହାଯ୍ୟ ମାଗୁଥିବା ଲୋକଟିକୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ । ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ । ସନ୍ତାନ, ଉଚ୍ଚଶିକ୍ଷା, ଆଲୋଚନା, ସଭାସମିତି ପ୍ରଭୃତି ଚିନ୍ତାଜନକ ରହିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇପାରେ ।

**ବୃଷ** ବନ୍ଧୁଙ୍କ ନିକଟରୁ ଆର୍ଥିକ ସହଯୋଗ ଲାଭକରି ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରିବେ । ଅପରାହ୍ଣେ ପ୍ରିୟଜନଙ୍କ ଆଗମନ ଯୋଗୁ ମଉଜ ମଜଲିସରେ ସମୟ ଅତିବାହିତ ହେବ । ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ କିନ୍ତୁ ପରିବହନ ସମସ୍ୟା ବହୁଳ ହୋଇପାରେ । ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବ ।

**ମିଥୁନ** ସହକର୍ମୀଙ୍କ ସାହାଯ୍ୟ ନେଇ ଆରମ୍ଭ କରିଥିବା କାର୍ଯ୍ୟ ହାସଲରେ ସମର୍ଥ ହେବେ । କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବଢ଼ିପାରେ । ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି, ଯାହାକି ପରିସ୍ଥିତିକୁ ସରଳ କରିବାରେ ସହାୟକ ହେବ । ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ସାମିଲ୍ ହୋଇ ବ୍ୟସ୍ତତା ଅନୁଭବ କରିପାରନ୍ତି ।

**କର୍କଟ** ଭୁଲ୍ ବୁଝାମଣା କାରଣରୁ ବୃଥା ସନ୍ଦେହ ଜନିତ ସାଧାରଣ କଥାରେ କଳହ ଘଟିବାର ଆଶଙ୍କା ରହିଛି । ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି । ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହେବ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଗ୍ରଣୀଭୂମିକା ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି ।

**ସିଂହ** ଭୁଲ୍ ବୁଝାମଣାରୁ ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବ । ଅର୍ଥସଂକଟ ଲାଗି ରହିଥିଲେ ମଧ୍ୟ ଆବଶ୍ୟକ ସମୟରେ ତାହା ପାଇବା କଷ୍ଟକର ହେବନାହିଁ । ଆଲୋଚନା ପରିସରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ ।

**କନ୍ୟା** ସମୟୋଚିତ ପଦକ୍ଷେପ ଗ୍ରହଣ କରି ପରିବାରର ଅସଜଡା ପରିସ୍ଥିତି ସୁଧାରିବାକୁ ଚେଷ୍ଟା କରିପାରନ୍ତି । ଶିଳ୍ପ, ସଙ୍ଗୀତ ସମାରୋହ, ସାମ୍ବାଦିକତା, ସାହିତ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ । ଜମିଜମା ବିବାଦ କିମ୍ବା ଋଣଗ୍ରସ୍ତ ସାଙ୍ଗକୁ କରଜଦାତାଙ୍କ ଚାପ ଚିନ୍ତା ବଢ଼ାଇବ । ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ ।

**ତୁଳା** ବନ୍ଧୁଙ୍କ ନିକଟରୁ କୌଣସି ବିଭ୍ରାନ୍ତିକର ଖବର ପାଇ ବିବ୍ରତ ହୋଇପାରନ୍ତି । କ୍ରନିକ୍ ରୋଗପୀଡ଼ା ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ । ମନକୁ ନ ପାଇବା ହେତୁ କିଣି ଆଣିଥିବା ଜିନିଷ ବଦଳାଇବା କଷ୍ଟକର ହେବ । ତଥାପି ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହେବେ ।

**ବିଛା** ପୂର୍ବସ୍ଥିରୀକୃତ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ପ୍ରିୟଜନଙ୍କ ପରାମର୍ଶ ନେବା ଭଲ ହେବ । ଅର୍ଥ ସମ୍ପର୍କୀୟ କାମରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ । ବୃଥାଶଙ୍କା ଓ ଅସ୍ଥିରତା ଜନିତ କର୍ମକ୍ଷେତ୍ରର ଘଟଣାଗୁଡ଼ିକ ଅସାଧାରଣ ମନେ ହେବ । ପାରିବାରିକ ସ୍ତରରେ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି ।

**ଧନୁ** ଦେବଗୁରୁଙ୍କ ପୃଷ୍ଠଦେଶରେ ପାପଯୁକ୍ତ ଅଷ୍ଟମାଧିପ ହେତୁ ସମ୍ପର୍କୀୟ ଚାହିଁଲେ ମଧ୍ୟ ଅନିଷ୍ଟ କରିପାରିବେ ନାହିଁ । ପୂର୍ବାଷାଢ଼ା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ । ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହେବ । ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ । ମହିଳା କାମ ହାସଲରେ ସମର୍ଥ ହେବେ ।

**ମକର** କର୍ମକ୍ଷେତ୍ରରେ ଅଟକି ରହିଥିବା ସକାଶେ ଫାଇଲ୍ କାମ ସମ୍ପନ୍ନ କରିବାରେ ସମର୍ଥ ହେବେ । ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ ମାତ୍ର ଖର୍ଚ୍ଚ ପରିମାଣ ବୃଦ୍ଧିରୁ ଅଶାନ୍ତ ରହିପାରନ୍ତି । ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି । ବିବାଦର ଆଶଙ୍କା କରୁଥିବା ଘଟଣାରେ ସେମିତି କିଛି ହେବ ନାହିଁ ।

**କୁମ୍ଭ** ଯେତେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ । ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କଲେ ଅସୁବିଧାରେ ପଡ଼ିବେ । ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି । ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ।

**ମୀନ** ପ୍ରତ୍ୟେକ ଦିଗରେ ଶୁଭଫଳ ପ୍ରଦାନ ସକାଶେ ଆଜିର ଅନୁକୂଳ ଗ୍ରହସ୍ଥିତି ରହିଛି । କିନ୍ତୁ ଦୂରଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ । କଳା, ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ସଭାସମିତି କ୍ଷେତ୍ରରେ ଉପକୃତ ହେବେ । ଜମିଜମା ସମ୍ବନ୍ଧୀୟ କେତେକ କାଗଜପତ୍ରକୁ କେନ୍ଦ୍ରକରି ଯୁକ୍ତିତର୍କର ସୂଚନା ରହିଛି ।

ଆଜି ଜୁନ୍ ୨୯ ତାରିଖ, ଜାତୀୟ ପରିସଂଖ୍ୟାନ ଦିବସ, ଆଷାଢ଼ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ, ଶନିବାର, ରାଶିନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ, ଦିବା ଘ.୦୮।୪୯ ଗତେ ରେବତୀ ନକ୍ଷତ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ନବମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୧ ଗତେ ଘ.୧୨।୧୬ ମି. ମଧ୍ୟେ, ଘ.୦୩।୦୭ ଗତେ ଘ.୦୩।୪୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ. ୦୮।୩୨ ଗତେ ଘ.୧୦।୧୧ ମଧ୍ୟେ ରାହୁକାଳ ।।

# ପ୍ରଥମ ପୃଷ୍ଠାରୁ...

## ଶ୍ରେଣୀକକ୍ଷରେ ଛୁରାମାଡ଼...

ଉଭୟ ପରିବାର ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ମଧ୍ୟ ହୋଇଥିଲା । ଗତ ୨୬ ତାରିଖରେ ଉକ୍ତ ଗଣ୍ଡଗୋଳ ମାମଲା କୋର୍ଟରେ ବିଚାର ଚାଲିଥିବାବେଳେ ଓମ୍‌ଙ୍କ ମା' ଓ ଅନ୍ୟମାନେ ସାକ୍ଷ୍ୟ ପ୍ରଦାନ କରିଥିଲେ । ସେହିଦିନଠାରୁ ପିଉସାଙ୍କ ପରିବାର ସଦସ୍ୟ ଓମ୍‌ଙ୍କ ବାପା ହଂସ ପ୍ରଧାନ ଓ ତାଙ୍କ ପରିବାର ଲୋକଙ୍କୁ ଧମକ ଦେଇ ଆସୁଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ହାଇସ୍କୁଲ ପ୍ରଧାନ ଶିକ୍ଷକ ରଘୁନାଥ ମହାରଣା କହିଛନ୍ତି, ସେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ଆହତ ଛାତ୍ରଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଛନ୍ତି । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି । ଅନ୍ୟପକ୍ଷରେ ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ ନେଇ ଏହି ଛୁରାମାଡ଼ ହୋଇଥିବା ଚର୍ଚ୍ଚା ହେଉଥିବାରୁ ପୋଲିସ ଉଭୟ ଦିଗରୁ ତଦନ୍ତ ଚଳାଇଛି । ତେବେ ଏତଲା ମିଳିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି କହିଛନ୍ତି ।

## ବର୍ଷାରେ ଦିଲ୍ଲୀ ...

୧ ନମ୍ବର ଟର୍ମିନାଲ ବାହାରେ ପ୍ରସ୍ଥାନ ଗେଟ୍ ନଂ. ୧ରୁ ଗେଟ୍ ନଂ. ୨ ପର୍ଯ୍ୟନ୍ତ ରହିଥିବା ଶେଡ୍‌ର ଛାତ ପ୍ରବଳ ବର୍ଷାରେ ଭୁଶୁଡ଼ି ପଡ଼ିଥିଲା । ଫଳରେ ୪ଟି ଗାଡ଼ି ଭାଙ୍ଗିଯାଇଛି । ମୃତକ ରମେଶ କୁମାର(୪୫) ଜଣେ ଟ୍ୟାକ୍ସି ଡ୍ରାଇଭର ବୋଲି ଡିସିପି କହିଛନ୍ତି । ଦୀର୍ଘ ସମୟର ବର୍ଷା ଯୋଗୁ ଦିଲ୍ଲୀରେ ସାଧାରଣ ଜୀବନଯାତ୍ରା ଅଚଳ ହୋଇପଡ଼ିଥିବାବେଳେ ଉପରାଜ୍ୟପାଳ ଭି.କେ. ସାକ୍ସେନା ଏକ ଜରୁରୀ ବୈଠକ ଡାକି ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଏକ ଜରୁରୀ କଣ୍ଟ୍ରୋଲ ରୁମ୍ ଖୋଲିବା ସହ ଜଳାର୍ଣ୍ଣବ ହୋଇଥିବା ଅଞ୍ଚଳରୁ ପାଣି ନିଷ୍କାସନ ପାଇଁ ବଡ଼ ବଡ଼ ପମ୍ପ୍ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବରିଷ୍ଠ ଅଧିକାରୀମାନଙ୍କ ଛୁଟି ବାତିଲ କରାଯାଇ ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପରବର୍ତ୍ତୀ ୨ ମାସ ପର୍ଯ୍ୟନ୍ତ ଛୁଟି ମଞ୍ଜୁର ନ କରିବାକୁ କୁହାଯାଇଛି ।

ସୂଚନାଯୋଗ୍ୟ, ୧୯୩୬ ଜୁନ୍‌ରେ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ସର୍ବାଧିକ ୨୩୫.୫ ମିଲିମିଟର ବର୍ଷା ହୋଇଥିବାବେଳେ ଗତ ୮୮ ବର୍ଷ ମଧ୍ୟରେ ଏଭଳି ବର୍ଷା ଦେଖାଯାଇ ନ ଥିଲା । ଶୁକ୍ରବାର ୨୨୮.୧ ମିଲିମିଟର ବର୍ଷା ହୋଇଥିବାବେଳେ ଆଗାମୀ ୭ ଦିନ ଯାଏ ମଧ୍ୟମରୁ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଅନ୍ୟପକ୍ଷରେ ଆମ୍ ଆଦ୍‌ମୀ ପାର୍ଟି ବିଧାୟକ ସୋମନାଥ ଭାରତୀଙ୍କ ମତରେ ଗତ ୮୮ ବର୍ଷ ମଧ୍ୟରେ ଏହା ଦ୍ୱିତୀୟ ସର୍ବାଧିକ ବର୍ଷା । ଭାରତୀୟ ପାଣିପାଗ ବିଭାଗ କହିବା ଅନୁଯାୟୀ ୧୯୬୬ ପରେ ପ୍ରଥମ ଥର ପାଇଁ ୨୪ ଘଣ୍ଟାରେ ୨୨୮ ମିଲିମିଟର ବର୍ଷା ହୋଇଛି । ସମ୍ପୂର୍ଣ୍ଣ ମୌସୁମୀ ଋତୁରେ ଦିଲ୍ଲୀରେ ୮୦୦ ମିଲିମିଟର ବର୍ଷା ହୋଇଥାଏ, ଯାହାର ୨୫ ପ୍ରତିଶତରୁ ଅଧିକ ୨୪ ଘଣ୍ଟା ମଧ୍ୟରେ ହୋଇଯାଇଛି ।

## ମନୋଜ ଆହୁଜା ...

ତାଙ୍କ ଅବସର ପରେ ଜୁଲାଇ ୧ ତାରିଖରୁ ମନୋଜ ନୂଆ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି । ମୁଖ୍ୟ ଶାସନ ସଚିବ ସହିତ ସେ ସାଧାରଣ ପ୍ରଶାସନ(ଜିଏ) ଓ ସାଧାରଣ ଅଭିଯୋଗ (ପିଜି)ର ସଚିବ ଭାବେ ମଧ୍ୟ ଦାୟିତ୍ୱ ଗ୍ରହଣ କରିବେ । କେନ୍ଦ୍ରୀୟ ଡେପୁଟେଶନରେ ଥିବା ମନୋଜ ଆହୁଜାଙ୍କୁ ଓଡ଼ିଶା ଫେରାଇ ଆଣିବା ପାଇଁ ରାଜ୍ୟର ପ୍ରଥମ ଭାଜପା ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । ୨୦୨୪ ଜୁନ୍ ୨୫ ତାରିଖରେ କେନ୍ଦ୍ର କ୍ୟାବିନେଟର ନିଯୁକ୍ତି ସଂକ୍ରାନ୍ତୀୟ କମିଟି ତାଙ୍କୁ ଓଡ଼ିଶା ଫେରିବା ପାଇଁ ଅନୁମତି ଦେଇଛି । କେନ୍ଦ୍ରୀୟ ଡେପୁଟେଶନରୁ ଫେରିବା ପରେ ମନୋଜ ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ ହୋଇପାରନ୍ତି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଥିଲା । ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା ।

ମନୋଜ ଆହୁଜା ପଟିଆଲାଠାରେ ଥିବା ଥାପର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରୁ ମେକାନିକାଲ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି । ଏଥିସହିତ ସେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ୟୁନିଭରସିଟିରୁ ଏମ୍‌ବିଏ ଏବଂ ୟୁଏସ୍‌ଏସ୍ଥିତ ହାର୍ଭାର୍ଡ ୟୁନିଭରସିଟିରୁ ପବ୍ଲିକ ଆଡ୍‌ମିନିଷ୍ଟ୍ରେଶନ(ଇଣ୍ଟରନ୍ୟାଶନାଲ ଡେଭଲପମେଣ୍ଟ)ରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି । ସେ କେନ୍ଦ୍ର ସରକାରଙ୍କ ଅଧୀନରେ କୃଷି ସଚିବ ଭାବେ କାର୍ଯ୍ୟ କରିବା ପୂର୍ବରୁ ପର୍ସୋନେଲ ଟ୍ରେନିଂ/ପର୍ସୋନେଲ ଆଣ୍ଡ ଜେନେରାଲ ଆଡ୍‌ମିନିଷ୍ଟ୍ରେଶନର ଯୁଗ୍ମ ନିର୍ଦ୍ଦେଶକ ଏବଂ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ଚେୟାରମ୍ୟାନ ଥିଲେ । ଏଥିସହିତ ସେ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି, କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ସମେତ ଅନେକ ବିଭାଗର ଦାୟିତ୍ୱ ତୁଲାଇଛନ୍ତି । ପ୍ରଶାସନିକ କ୍ଷେତ୍ରରେ ତାଙ୍କର ଦୀର୍ଘବର୍ଷର ଅଭିଜ୍ଞତା ରହିଛି । ମୁଖ୍ୟ ଶାସନ ସଚିବ ନିଯୁକ୍ତି ହେବା ପରେ ମନୋଜ ଓଡ଼ିଶା ଫେରିବାକୁ ନେଇ ବହୁତ ଖୁସିଥିବା କହିଛନ୍ତି । ଆସନ୍ତା ସପ୍ତାହକ ମଧ୍ୟରେ ସେ ଓଡ଼ିଶା ଫେରିବେ ବୋଲି ସୂଚନା ଦେଇଛନ୍ତି । ସେ ଆସନ୍ତା ଡିସେମ୍ବର ୩୧ରେ ଅବସର ନେବେ । ୨୦୧୭ରୁ ସେ କେନ୍ଦ୍ରୀୟ ଡେପୁଟେଶନରେ ଥିଲେ । ତାଙ୍କ ସ୍ତ୍ରୀ ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ଆରତୀ ଆହୁଜା କେନ୍ଦ୍ରୀୟ ଡେପୁଟେଶନରେ ଥିଲାବେଳେ ୨୦୨୪ ଫେବୃଆରୀରେ ଅବସର ନେଇ ସାରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ୧୯୮୩ ଏପ୍ରିଲରୁ ୧୯୮୫ ଡିସେମ୍ବର ପର୍ଯ୍ୟନ୍ତ ଅଣଓଡ଼ିଆ ଅଫିସର ଜ୍ଞାନ ଚାନ୍ଦ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଦାୟିତ୍ୱ ତୁଲାଇଥିଲେ । ୩୯ ବର୍ଷ ପରେ ଦ୍ୱିତୀୟ ଆଇଏଏସ୍ ଅଫିସର ଭାବେ ମନୋଜ ଆହୁଜାଙ୍କୁ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି ।

## ଶେଫାଳିଙ୍କ ଦ୍ରୁତତମ ...

ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହୋଇଥିବା ଶେଫାଳି ମାତ୍ର ୧୯୪ ବଲ୍‌ରେ ଦ୍ୱିଶତକ ପୂରଣ କରିଛନ୍ତି । ଏ କ୍ଷେତ୍ରରେ ସେ ଅଷ୍ଟ୍ରେଲିଆର ଆନାବେଲ ସୁଥରଲାଣ୍ଡଙ୍କ ରେକର୍ଡ ଭାଙ୍ଗିଛନ୍ତି । ସୁଥରଲାଣ୍ଡ ଚଳିତ ବର୍ଷ ପ୍ରାରମ୍ଭରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୪୮ ବଲ୍‌ରୁ ଦ୍ୱିଶତକ ପୂରଣ କରି ରେକର୍ଡର ଅଧିକାରୀ ଥିଲେ । ମିଥାଲି ରାଜଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା କ୍ରିକେଟର ଭାବେ ଶେଫାଳି ଟେଷ୍ଟରେ ଦ୍ୱିଶତକ ହାସଲ କରିଛନ୍ତି । ମିଥାଲି ୨୦୦୨ ଅଗଷ୍ଟରେ ଟନଟନଠାରେ ଇଂଲଣ୍ଡ ବିପକ୍ଷରେ ୪୦୭ ବଲ୍‌ରୁ ୨୧୪ ରନ କରିଥିଲେ । ଦ୍ୱିଶତକୀୟ ଇନିଂସ ଅବସରରେ ଶେଫାଳି ୨୩ ଚୌକା ଓ ୮ ଛକା ମାରିଥିଲେ । ଶେଫାଳି ଓ ସ୍ମୃତି ମନ୍ଧାନା ଓପନିଂ ଯୋଡ଼ିରେ ୨୯୨ ରନ ଯୋଡ଼ି ପାକିସ୍ତାନର ସାଜିଦା ଶାହା ଓ କିରନ ବାଲୁଚ୍‌ଙ୍କ ନାମରେ ଥିବା ରେକର୍ଡ ଭାଙ୍ଗିଛନ୍ତି । ୨୦୦୪ରେ ସାଜିଦା ଓ ବାଲଉଜ୍ କରାଚୀଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଓପନିଂ ଯୋଡ଼ିରେ ୨୪୧ ରନ ଯୋଗକରି ରେକର୍ଡର ଅଧିକାରୀ ଥିଲେ ।



ଶେଫାଳି ବର୍ମା

## ଜୁନ୍ ୩ରୁ କାର୍ଯ୍ୟରେ ଯୋଗଦେଇଛନ୍ତି ଆଶିଷ ସିଂ

### ଗୃହ ବିଭାଗର ଚିଠି ପରେ ସ୍ପଷ୍ଟ କଲେ ପୋଲିସ ଡିଜି

ଭୁବନେଶ୍ୱର,୨୮।୬ (ସୂର୍ଯ୍ୟକାନ୍ତ ବେହେରା)

ଆଇପିଏସ୍ ଅଫିସର ଆଶିଷ ସିଂଙ୍କ କାର୍ଯ୍ୟ ଓ ଉପସ୍ଥିତିକୁ ନେଇ ହେଉଥିବା ଚର୍ଚ୍ଚା ଉପରୁ ପରଦା ହଟାଇଛନ୍ତି ପୋଲିସ ଡିଜି ଅରୁଣ ଷଡଙ୍ଗୀ । ଗୃହ ବିଭାଗ ଚିଠି କରିବାର ଦିନକ ପରେ ଅର୍ଥାତ୍ ଶୁକ୍ରବାର ସ୍ପଷ୍ଟୀକରଣ ରଖି ଡିଜିପି କହିଛନ୍ତି, ସରକାର ଆଶିଷଙ୍କୁ ମେ ୪ରୁ ଜୁନ୍ ୨ ପର୍ଯ୍ୟନ୍ତ ଛୁଟି ମଞ୍ଜୁର କରିଥିଲେ । ଛୁଟି ସରିଲା ପରେ ଜୁନ୍ ୩ରେ ସେ କାର୍ଯ୍ୟରେ ଯୋଗଦେଇଛନ୍ତି । ଆଇଜିପି ଅଫ୍ ସିଏମ୍ ସିକ୍ୟୁରିଟି ଦାୟିତ୍ୱ ତୁଲାଉଛନ୍ତି । ଜଏନିଂ ଲେଟର ସେଠାରୁ ଆମ ଅଫିସକୁ ଆସିଥିବ । ଏହା ରୁଟିନ କରେସ୍‌ପଣ୍ଡେଣ୍ଟ । ତେଣୁ ଆମ ଅଫିସରୁ ସିଧା ଗୃହ ବିଭାଗକୁ ପଠାଯାଏ । ତେଣୁ ମୋ ନଜରରେ ଆସେନି । ତେବେ ଗୃହ ବିଭାଗ ପାଖରେ କେମିତି ଏହା ପହଞ୍ଚି ପାରିଲାନି, କେଉଁଠି ତ୍ରୁଟି ରହିଲା ତାହା ଉପରେ ତର୍ଜମା କରାଯିବ । ଏହାସହ ଏବେ ଗୃହ ବିଭାଗକୁ ଏନେଇ ଅବଗତ କରାଇ ଦିଆଯାଇଥିବା ଷଡଙ୍ଗୀ ଗଣମାଧ୍ୟମ ଆଗରେ କହିଛନ୍ତି । ସେହିପରି କେତେକ ବୈଠକରେ ମଧ୍ୟ ଆଇଜି ସିଂ ଯୋଗଦେଇଛନ୍ତି । ଗତ ୧୭ରେ ଡିଜିପି କ୍ୟାମ୍ପ ଅଫିସରେ ଚାଲିଥିବା ଏକ ବୈଠକରେ ମଧ୍ୟ ସେ ଉପସ୍ଥିତ ରହିଥିଲେ । ଆଶିଷ ତାଙ୍କ କାର୍ଯ୍ୟରେ ଯୋଗଦାନ ରିପୋର୍ଟ ଏସ୍‌ଆଇଡବ୍ଲୁରେ ଦେଇଛନ୍ତି ବୋଲି ଡିଜିପି ସ୍ପଷ୍ଟ କରିଛି । ଗୁରୁବାର ଆଇପିଏସ୍ ଅଧିକାରୀ ଆଶିଷ ସିଂ ଏବେ କେଉଁଠି ବୋଲି ଡିଜିପି ଷଡ଼ଙ୍ଗୀଙ୍କୁ ଗୃହ ବିଭାଗ ପଚାରିଥିଲା । ଏନେଇ ଗୃହ ବିଭାଗ ଅତିରିକ୍ତ ସଚିବ ମୁରଲୀଧର ମଲିକ ଏକ ଚିଠି କରିଥିଲେ । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ମେ' ୪ରୁ ମାସେ ଛୁଟି ନେଇଥିଲେ ବିବାଦୀୟ ଆଇପିଏସ୍ ଅଫିସର ଆଶିଷ । ଏବେ ଆଶିଷ ଚାକିରିରେ ଯୋଗ ଦେଲେଣି କି ନାହିଁ ବୋଲି ଚିଠିରେ ପଚାରିଥିଲା ବିଭାଗ । ସୂଚନାଯୋଗ୍ୟ, ନିର୍ବାଚନ ସମୟରେ ଅସୁସ୍ଥତା କାରଣ ଦର୍ଶାଇ ଛୁଟିରେ ଯାଇଥିଲେ ଆଶିଷ । ଛୁଟିରେ ଯାଇ ସେ ନିର୍ବାଚନରେ ବିଜେଡି ପାଇଁ କାମ କରୁଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା । ଏଭଳି ଅଭିଯୋଗ ପରେ ନିର୍ବାଚନ କମିଶନ ମେଡିକାଲ ବୋର୍ଡ ଗଠନ କରି ଆଶିଷଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବାକୁ ଏମ୍‌ସକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଶାରିରୀକ ଓ ମାନସିକ ସ୍ତରରେ ଆଶିଷ ସମ୍ପୂର୍ଣ୍ଣ ସୁସ୍ଥ ଥିବା ମେଡିକାଲ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନୂଆଦିଲ୍ଲୀଠାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟୁଛନ୍ତି।



ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ ଏବଂ ପ୍ରଭାତୀ ପରିଡ଼ା ସାକ୍ଷାତ କରୁଛନ୍ତି।

# ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଲାଗି ମେଳି

**ଭବାନୀପାଟଣା ପୌରପାଳିକା**

ଭବାନୀପାଟଣା,୨୮।୬(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକାରେ ଚାଲିଥିବା ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି, କାଉନ୍ସିଲରଙ୍କୁ ଉପେକ୍ଷା ଓ ମନଇଚ୍ଛା କାର୍ଯ୍ୟ କରାଯାଉଥିବା ଅଭିଯୋଗ ଆଣି ପୌରାଧ୍ୟକ୍ଷାଙ୍କ ବିରୋଧରେ ସେମାନେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ମେଳି ବାନ୍ଧୁଛନ୍ତି। ଉପାଧ୍ୟକ୍ଷ ବିଷ୍ଣୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସମସ୍ତ ୨୦ କାଉନ୍ସିଲର ଏ ନେଇ କଳାହାଣ୍ଡି ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି।

ଖବର ଅନୁଯାୟୀ, ପୌରାଧ୍ୟକ୍ଷାଙ୍କ କାର୍ଯ୍ୟକଳାପକୁ ନେଇ ଦୀର୍ଘଦିନ ହେଲା କାଉନ୍ସିଲରମାନେ ଅସନ୍ତୋଷ ଜାହିର କରିଆସୁଥିଲେ। ସରକାରୀ ନିୟମ ମୁତାବକ ଅଢେଇ ବର୍ଷ ପରେ ଅନାସ୍ଥାପ୍ରସ୍ତାବ ଗୃହୀତ ହୋଇପାରିବ। ଏବେ ଠିକ୍ ସମୟ ପହଞ୍ଚିବାରୁ କାଉନ୍ସିଲରମାନେ ତାଙ୍କ ଅସନ୍ତୋଷକୁ ଏହି ପ୍ରକ୍ରିୟାରେ ଜାହିର କରିଛନ୍ତି। ଏହାକୁ ନେଇ ସମସ୍ତ କାଉନ୍ସିଲରଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଭବାନୀପାଟଣା ପୌରପାଳିକାରେ ସମୁଦାୟ ୨୦ ୱାର୍ଡ ରହିଥିବାବେଳେ ସେଥିମଧ୍ୟରୁ ବର୍ତ୍ତମାନ ୧୮ ଜଣ ବିଜେଡି କାଉନ୍ସିଲର ରହିଛନ୍ତି। ସେହିପରି ଜଣେ ଲେଖାଏ ଭାଜପା ଓ କଂଗ୍ରେସ କାଉନ୍ସିଲର ଅଛନ୍ତି। ଏ ନେଇ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରାଙ୍କୁ ପଚାରିବାରୁ ପୌରପାଳିକାରେ ସମସ୍ତ ଉନ୍ନୟନ କାମ ଠିକ୍ ଚାଲିଛି। କୌଣସି କାଉନ୍ସିଲରଙ୍କୁ ଉପେକ୍ଷା କରାଯାଉନାହିଁ। ତେବେ ସେମାନେ କ'ଣ ପାଇଁ ଏମିତି ଅଭିଯୋଗ କରିଛନ୍ତି ମୁଁ ଜାଣେ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ପୌର ଉପାଧ୍ୟକ୍ଷ ବିଷ୍ଣୁ ପ୍ରଧାନଙ୍କୁ ପଚାରିବାରୁ କାଉନ୍ସିଲରଙ୍କୁ ଉପେକ୍ଷା ଓ ପୌରାଧ୍ୟକ୍ଷାଙ୍କ ପୁଅ ସମସ୍ତ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବାରୁ ଏପରି କରାଯାଇଥିବା ପ୍ରକାଶ କରିଛନ୍ତି।




# ବଲେ ବଲେ ଢାବା ବନ୍ଦ ପାଇଁ ନୋଟିସ

## ଧର୍ମଶାଳାର ପୂର୍ବତନ ବିଧାୟକଙ୍କୁ ଟାର୍ଗେଟ କଲେ ହିମାଂଶୁ

ଧର୍ମଶାଳା/କାଏମା,୨୮।୬
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)





ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ପ୍ରଶାସନ ପକ୍ଷରୁ ନେଉଳପୁରସ୍ଥିତ ଧର୍ମଶାଳା ଭବନ ପରିସରରେ ଥିବା 'ବଲେ ବଲେ ଢାବା' ଏବଂ ରେଷ୍ଟୁରାଣ୍ଟ ବନ୍ଦ ପାଇଁ ନୋଟିସ କରାଯାଇଛି। ଶୁକ୍ରବାର ଢାବା ବନ୍ଦ ଥିବାବେଳେ ସେଠାରେ କୌଣସି କର୍ମଚାରୀ ନ ଥିଲେ। ତେଣୁ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ଢାବାରେ ଲଟକା ଜାରି କରାଯାଇଛି। ଏହି ଢାବାଟି ସେଠାରେ ବେଆଇନଭାବେ ଚାଲିଥିବା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଅଭିଯୋଗ ପାଇ ନୋଟିସ ଜାରି କରିଛନ୍ତି। ୩ ଦିନ ମଧ୍ୟରେ ଢାବା ଖାଲି କରିବାକୁ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଇଛି।

ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ୨୪ ତାରିଖରେ ଧର୍ମଶାଳା ବ୍ଲକରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ ବ୍ଲକ ଅଞ୍ଚଳରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିଡିଓଙ୍କୁ ପଚାରି ବୁଝିଥିଲେ। ହେଲେ ବିଡିଓ ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ଏହାକୁ ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଥିବା ସଭାଗୃହ, ଜାରକା ଟ୍ୟାକ୍ସି ଷ୍ଟାଣ୍ଡ ପାଖରେ ଥିବା ସିଭିକ ସେଣ୍ଟର ଓ ନେଉଳପୁରସ୍ଥିତ ଧର୍ମଶାଳା ଭବନ କାହାକୁ କେଉଁ ସର୍ତ୍ତରେ ଲିଜ ଦିଆଯାଇଛି ସେ ସମ୍ପର୍କରେ ପଚାରିଥିଲେ। ଏଥିସହ ଧର୍ମଶାଳା ଭବନ ପରିସରରେ ଥିବା ଏକ ଢାବା ବେଆଇନ ଭାବେ କରାଯାଇଥିବା ନେଇ ସେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡିଓଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚାକୁ ଆସିବା ପରେ ଢାବା ବନ୍ଦ କରିବାକୁ ବିଡିଓ ନୋଟିସ ଜାରି କରିଛନ୍ତି।

ବ୍ଲକ ପଞ୍ଚାୟତ ଅଧିକାରୀ ମାନଗୋବିନ୍ଦ ଧଳ କର୍ମଚାରୀଙ୍କ ସହ ବଲେ ବଲେ ଢାବାରେ ପହଞ୍ଚିଥିଲେ। ଢାବା ବନ୍ଦ ଥିବାରୁ ପଞ୍ଚାୟତ ଅଧିକାରୀ ନେଇଥିବା ନୋଟିସକୁ ହୋଟେଲ କାନ୍ଥରେ ମାରିଥିଲେ। ତେବେ କେଉଁ ଉଦ୍ଦେଶ୍ୟରେ ସରକାରୀ ତହବିଲରୁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇ ସେଠାରେ ଏକ ଢାବା କରାଯାଇଛି ତାହାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ଏହି ଢ଼ାବାକୁ ଜଣେ ବିଜେଡି ନେତ୍ରୀ ପରିଚାଳନା କରୁଥିଲେ ବୋଲି କୁହାଯାଉଛି। ଢାବାଟିକୁ ୩ ଦିନ ମଧ୍ୟରେ ବନ୍ଦ କରିବା ଲାଗି ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଥିବାବେଳେ କେବେ ଏହି ଢାବା ବନ୍ଦ ହେଉଛି ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହାକୁ ସମସ୍ତଙ୍କ ଅପେକ୍ଷା ରହିଛି।

ଏ ସମ୍ପର୍କରେ ବିଡିଓ ବଳ କହିଛନ୍ତି, ଧର୍ମଶାଳା ଭବନ ଅକ୍ଷୟ ନାୟକ ନାମକ ବ୍ୟକ୍ତିଙ୍କୁ ନିଲାମ ଦିଆଯାଇଥିଲା। କିନ୍ତୁ ସେଠାରେ ନିର୍ମିତ ଢାବା ଓ ଲଜ୍ ଉପରେ ଅଭିଯୋଗ ଆସିବା ପରେ ଏହା ଉପରେ ନୋଟିସ କରାଯାଇଛି। ଏଥିପାଇଁ ତିନି ଦିନ ସମୟ ଦିଆଯାଇଛି। ପରେ ଏହା ଉପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ବିଧାୟକ ସାହୁ ଏନେଇ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଟାର୍ଗେଟ କରି ଉଭୟ ଧର୍ମଶାଳା ଓ ରସୁଲପୁର ବ୍ଲକ କାର୍ଯ୍ୟାଳୟରେ ହୋଇଥିବା ଅନିୟମିତତା ଉପରେ ବର୍ଷିଛନ୍ତି। ସାହୁ କହିଛନ୍ତି, ବଲେ ବଲେ ଢାବା ସହିତ ଧର୍ମଶାଳା ଭବନରେ ୪ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ଓ ୨ ସାଧାରଣ ପ୍ରକୋଷ୍ଠ ରହିଛି। ଏହା ସରକାରୀ ଅନୁଦାନରେ ହୋଇଥିଲେ ହେଁ କୌଣସି କାଗଜପତ୍ର ନ କରି ଭୁବନେଶ୍ୱରର ଜଣେ ବିଜେଡି ନେତ୍ରୀଙ୍କ ସ୍ୱାମୀଙ୍କ ନାମରେ ଏହି ଢାବା ଲିଜ୍ ଦିଆଯାଇଛି। ଏଠାରେ ରଙ୍ଗଶାଳା କରି ଟଙ୍କା କାରବାର କରୁଥିବା ମଧ୍ୟ ସ୍ଥାନୀୟ ଲୋକେ ଅଭିଯୋଗ କରିଥିବା ବିଧାୟକ ସାହୁ ପ୍ରକାଶ କରିଛନ୍ତି।

# ସଭାପତି ଇସ୍ତଫା ଦେବା ନେଇ ଆଲୋଚନା କରିଥିଲେ: ଅଜୟ କୁମାର

**କଂଗ୍ରେସ ରାଜନୀତି**

ଭୁବନେଶ୍ୱର, ୨୮।୬(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନରେ ରାଜ୍ୟରେ ପ୍ରଥମ ଥର ଲାଗି ଭାଜପା ସରକାର କ୍ଷମତାକୁ ଆସିଥିବା ବେଳେ ୨୦୧୯ ତୁଳନାରେ କଂଗ୍ରେସର ବିଧାୟକଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ବିଜେଡି ୨୪ ବର୍ଷ ଧରି ସରକାରରେ ଥିବାବେଳେ ଏଥର ରାଜ୍ୟବାସୀ ତାକୁ କ୍ଷମତାଚ୍ୟୁତ କରିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ବିରୋଧୀ ଦଳ ନେତା ଭାବେ ବାଛି ସାରିଥିବା ବେଳେ ଭାଜପା ବିଧାୟକ ଦଳ ନେତା ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେଇସାରିଲେଣି। ହେଲେ ଏ ପର୍ଯ୍ୟନ୍ତ କଂଗ୍ରେସ ବିଧାୟକ ଦଳ ନେତା ଚୟନରେ ପଛରେ ପଡ଼ିଯାଇଛି। ବିଧାୟକ ଦଳ ନେତା ପଦବୀକୁ ନେଇ କଂଗ୍ରେସ ଭିତରେ ଦ୍ୱନ୍ଦ୍ୱ ଚାଲିଥିବା ଜଣାପଡିଛି। ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଇସ୍ତଫା ନେଇ ମଧ୍ୟ ଦଳ ଭିତରେ ଆଲୋଚନା ଜୋର୍ ଧରିଲାଣି। ଏଭଳି ସ୍ଥିତିରେ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର କହିଛନ୍ତି , ବିଧାୟକ ଦଳ ନେତା କିଏ ହେବେ ତାକୁ ନେଇ ଯେଉଁ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା ତାହା ଏଆଇସିସି (ଅଖିଳ ଭାରତ କଂଗ୍ରେସ କମିଟି) ସଭାପତିଙ୍କ ନିକଟକୁ ପଠାଇ ଦିଆଯାଇଛି। ଖୁବ୍‌ଶୀଘ୍ର ଏନେଇ ଘୋଷଣା କରାଯିବ। ଅନ୍ୟପଟେ ପିସିସି ସଭାପତିଙ୍କ ଇସ୍ତଫାକୁ ନେଇ ଚାଲିଥିବା ଆଲୋଚନା ଉପରେ ପ୍ରତିକ୍ରିୟା ଦେଇ ଅଜୟ କୁମାର କହିଛନ୍ତି, ଶରତ ପଟ୍ଟନାୟକ ନିର୍ବାଚନ ପରେ ତାଙ୍କ ଇସ୍ତଫା ଦେବା ନେଇ କହିଦେଇଥିଲେ। ହେଲେ ସମୟ ଅନୁସାରେ ସବୁ ହେବ। ହଠାତ୍ ସବୁ କିଛି ଦଳରେ ହୁଏ ନାହିଁ। ସେହିପରି ରାଜ୍ୟରେ ନିର୍ବାଚନ ବିପର୍ଯ୍ୟୟ ବିଷୟ ନେଇ ବରିଷ୍ଠ ନେତାମାନେ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି। ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ ଶୁକ୍ରବାର ଗଣମାଧ୍ୟମକୁ କହିଥିଲେ, ସେ ଶରତ ପଟ୍ଟନାୟକଙ୍କୁ ବିପର୍ଯ୍ୟୟ କାରଣ ନେଇ ବୈଠକ କରିବାକୁ ଚିଠି ଲେଖିଥିଲେ ମଧ୍ୟ ଏଯାଏଁ ଏନେଇ କିଛି କରାଗଲା ନାହିଁ କି ଉତ୍ତର ମିଳିଲା ନାହିଁ। ଏନେଇ ଅଜୟ କୁମାର କହିଛନ୍ତି, ୨ ବରିଷ୍ଠ ଏଆଇସିସି ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। ପାର୍ଲାମେଣ୍ଟ ଅଧିବେଶନ ଶେଷ କଂପେରେ ଏହା ଉପରେ ଆଲୋଚନା ହେବ। ରାଜ୍ୟକୁ ଉଭୟ କେନ୍ଦ୍ରୀୟ ନେତା ଆସିବେ ନ ହେଲେ ଦିଲ୍ଲୀକୁ ରାଜ୍ୟ ନେତାଙ୍କୁ ଡାକି ବୈଠକ କରାଯିବ ବୋଲି ସେ କହିଛନ୍ତି।

# ରାଜ୍ୟ ସଭାରେ ଏନ୍‌ଇଇଟି ପ୍ରସଙ୍ଗ ଉଠାଇଲା ବିଜେଡି

**ଦୋଷୀଙ୍କୁ ଛଡ଼ାଯିବ ନାହିଁ: ଧର୍ମେନ୍ଦ୍ର**

ଭୁବନେଶ୍ୱର,୨୮।୬(ଅନିଲ ଦାସ): ଏନ୍‌ଇଇଟି ପ୍ରସଙ୍ଗରେ ବିରୋଧୀ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି । ଏହି କ୍ରମରେ ରାଜ୍ୟ ସଭାରେ ପ୍ରଶ୍ନପତ୍ର ଲିକ୍ ବିରୋଧରେ ବିଜେଡିସଦସ୍ୟମାନେପ୍ରତିବାଦକରିଥିବାଦେଖିବାକୁମିଳିଛି। ଏନ୍‌ଇଇଟି ଜାଲିଆତି ଓ ପ୍ରଶ୍ନପତ୍ର ଲିକ୍ ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ଏହା ଗୃହରେ ଆଲୋଚନା କରିବାକୁ ବିଜେଡି ଦାବି କରିଛି । ପ୍ରଥମେ ନିଜ ଆସନ ନିକଟରେ ଛିଡ଼ାହୋଇ ବିଜେଡି ସଦସ୍ୟମାନେ ପ୍ରତିବାଦ କରିଥିଲେ। ଅଧ୍ୟକ୍ଷ ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ଗୃହର ମଧ୍ୟଭାଗକୁ ଆସି ଏନ୍‌ଇଇଟି ସମ୍ପର୍କରେ ଆଲୋଚନା ପାଇଁ ସେମାନେ ଦାବି କରିଥିଲେ। ଓଡ଼ିଶାର ହଜାର ହଜାର ପିଲାଙ୍କ କ୍ୟାରିୟର ପ୍ରଭାବିତ ହୋଇଥିବା ଅଭିଯୋଗ କରି ଏନ୍‌ଡିଏ ସରକାର ବିରୋଧରେ ବିଜେଡି ଏମ୍‌ପିମାନେ ବିକ୍ଷୋଭ କରିଥିବା ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏନ୍‌ଇଇଟି ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ। ପ୍ରଶ୍ନପତ୍ର ଲିକ୍‌ରେ ଯିଏ ବି ସମ୍ପୃକ୍ତ ଥିବେ, ତାଙ୍କୁ ଛଡ଼ାଯିବ ନାହିଁ । ସିବିଆଇ ତଦନ୍ତ କରୁଛି, କଡ଼ା କାର୍ଯ୍ୟାନୁଷ୍ଠାନ ହେବ ।

# ପଶ୍ଚିମ ଓଡ଼ିଶାର ବହୁ ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରୁନାହିଁ: ରାଜସ୍ୱ ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର, ୨୮।୬ (ସୁନିତ୍ ମିଶ୍ର)

ରାଜ୍ୟରେ ସମ୍ଭାବ୍ୟ ବର୍ଷା ଓ ଚାଷର ସ୍ଥିତି ସମ୍ପର୍କରେ ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି। ପାଣିପାଗ ବିଭାଗର ପୂର୍ବାନୁମାନ ସମ୍ପର୍କିତ ସତର୍କ ସୂଚନା ଜନସାଧାରଣ ତଥା କୃଷକମାନଙ୍କ ନିକଟରେ କିପରି ଏହାର ବିଶ୍ୱସନୀୟତା ବୃଦ୍ଧି କରାଯାଇପାରିବ ସେ ଦିଗରେ ଦୃଷ୍ଟିଦେବା ଉଚିତ । ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀ ବର୍ତ୍ତମାନ ଧାନ ତଳି ପକାଇପାରୁନାହିଁ। ପାଣିର ଅଭାବ ଦେଖାଦେଇଛି। ରାଜ୍ୟର ଅଧିକାଂଶ ସ୍ଥାନରେ ମେଗା ଓ ଉଠା ଜଳସେଚନ ପ୍ରକଳ୍ପରେ ଜଳ ନାହିଁ । ମେଗା ଓ ଉଠା ଜଳସେଚନ ପ୍ରକଳ୍ପ କେତେ ଅଞ୍ଚଳ ପରିମିତ ଜମିକୁ ଜଳସେଚନ ଯୋଗାଇପାରିବ ଏବଂ ବାସ୍ତବରେ କେତେ ଅଞ୍ଚଳକୁ ଜଳ ଯୋଗାଇ ଦିଆଯାଇଛି ସେ ସମ୍ପର୍କରେ ତର୍ଜମାର ଆବଶ୍ୟକତା ଦେଖାଦେଇଛି । ପଶ୍ଚିମ ଓଡ଼ିଶାର ବହୁ ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରୁନାହିଁ। ସେସବୁର କାର୍ଯ୍ୟକାରିତା ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପାଣିପାଗର ପୂର୍ବାନୁମାନ ସମ୍ପର୍କରେ ଚାଷୀମାନେ ଅବଗତ ହେଉଛନ୍ତି ନା ନାହିଁ, ଏହାଦ୍ୱାରା କେତେଜଣ ଚାଷୀ ଉପକୃତ ହେଉଛନ୍ତି, ସେ ଦିଗରେ ଦୃଷ୍ଟିଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିପରି କୃଷି, ଜଳ ସମ୍ପଦ ଓ ସମବାୟ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ଦ୍ୱାରା ହିଁ ଚାଷ ଓ ଚାଷୀକୁଳର ଉନ୍ନତି ହୋଇପାରିବ ବୋଲି ସେ ମତପ୍ରକାଶ କରିଛନ୍ତି। କୃଷିବୀମା କ୍ଷେତ୍ରରେ ଫସଲହାନି ଯୋଗୁ ଚାଷୀମାନେ କୃଷିବୀମା ଦ୍ୱାରା ଠିକ୍ ଭାବେ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଛନ୍ତି । ସାର ଓ ବିହନ କିପରି ସୁବ୍ୟବସ୍ଥିତ ଭାବେ ଚାଷୀମାନଙ୍କ ନିକଟରେ ପହଞ୍ଚାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏବେ ରାଜ୍ୟର ୩୧୪ଟି ବ୍ଲକ୍‌ରେ ବୃଷ୍ଟି ମାପକ ଯନ୍ତ୍ର ରହିଥିବାବେଳେ ଆଗାମୀ ଦିନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଏହି ବ୍ୟବସ୍ଥା କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, କୃଷି ନିର୍ଦ୍ଦେଶକ ଓ ଭାରତୀୟ ପାଣିପାଗ କେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶିକା ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।

ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। **-ଶ୍ରୀମା**



# ବୈଦେଶିକ ସେବାରେ ମହିଳା



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଭାରତୀୟ ବୈଦେଶିକ ସେବା (ଆଇଏଫ୍ଏସ୍)ରେ ମହିଳାଙ୍କ ସଂଖ୍ୟା ୨୦୧୪ରୁ ୨୦୨୨ ମଧ୍ୟରେ ୬.୬% ବୃଦ୍ଧି ପାଇ ବର୍ତ୍ତମାନ ୩୭.୮% ରହିଛି। ଉଲ୍ଲେଖନୀୟ ଯେ, ୨୦୧୮ରୁ ୨୦୨୦ ମଧ୍ୟରେ ଆଇଏଫ୍ଏସ୍‌ରେ ମହିଳାଙ୍କ ନିଯୁକ୍ତି ୪୦%ରୁ ଅଧିକ ଥିଲା। ହେଲେ କୂଟନୈତିକ ବୃତ୍ତିରେ ଲିଙ୍ଗଗତ ସମାନତା ହାସଲ କରିବା ପାଇଁ ଅନେକ କିଛି କରିବାକୁ ହେବ। ଆଇଏଫ୍ଏସ୍‌ରେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କୁ ଚ୍ୟାଲେଞ୍ଜିଂ ନିଯୁକ୍ତିରୁ ବାଦ ଦିଆଯିବା ଏବଂ ବିବାହ ପାଇଁ ସରକାରୀ ଅନୁମୋଦନ ଆବଶ୍ୟକ ଭଳି ଅନେକ ଆହ୍ୱାନର ସମ୍ମୁଖୀନ ହେଉଥିଲେ। ଏଭଳି ଅସମାନତା ବିରୋଧରେ ୧୯୭୯ରେ ସି.ବି. ମୁଥାମ୍ମା ଲଢ଼ିଥିଲେ ଓ ୧୯୮୦ ଦଶକରେ ଏଥିରେ ଉନ୍ନତି ଆସିଥିଲା, ତଥାପି ଆଇଏଫ୍ଏସ୍ ଅପେକ୍ଷାକୃତ ଏକ କ୍ଷୁଦ୍ର ସେବା ହୋଇ ରହିଛି। ତେବେ ନିଯୁକ୍ତି ସଂଖ୍ୟା ବଢ଼ିବା ଦ୍ୱାରା ମହିଳାମାନେ ଅଧିକ ସଂଖ୍ୟାରେ ସେବାରେ ଯୋଗ ଦେଉଛନ୍ତି। ଏଭଳି ସ୍ଥିତି ୨୦୧୫ରେ ଦେଖାଯାଇଥିଲା, ଯେତେବେଳେ ୧୭ ଜଣ ମହିଳାଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ସମ୍ପ୍ରତି ମହିଳାମାନେ କେବଳ ୮ଟି ଭାରତୀୟ କୂଟନୈତିକ ଦୂତାବାସର ମୁଖ୍ୟ ରହିଛନ୍ତି, କିନ୍ତୁ ପ୍ରମୁଖ ରାଜଧାନୀରେ କେହି ନାହାନ୍ତି। ୨୦୦୮ ତୁଳନାରେ ଏହା ଏକ ବଡ଼ ହ୍ରାସ, ଯେତେବେଳେ ମହିଳାମାନେ ପ୍ରମୁଖ ପଦବୀ ସମେତ ୨୫ ରୁ ଅଧିକ ଦୂତାବାସର ନେତୃତ୍ୱ ନେଇଥିଲେ। ଏବେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ୭ଟି ଉଚ୍ଚସ୍ତରୀୟ ପଦବୀ ମଧ୍ୟରୁ କେବଳ ଗୋଟିଏରେ ଜଣେ ମହିଳା ଅଛନ୍ତି। ଆଇଏଫ୍ଏସ୍‌ରେ ପ୍ରକୃତ ଲିଙ୍ଗଗତ ସମାନତା ହାସଲ କରିବାକୁ ହେଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ମହିଳାଙ୍କ ଉନ୍ନତି ଏବଂ ନେତୃତ୍ୱ ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରିବାକୁ ହେବ ଏବଂ ଏଥିପାଇଁ ଗଠନମୂଳକ ତଥା ସାଂସ୍କୃତିକ ପ୍ରତିବନ୍ଧକକୁ ଦୂର କରିବାକୁ ପଡ଼ିବ।

### ତ୍ୱରିତ ନିଯୁକ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସମୟ ନଷ୍ଟ କରୁନାହାନ୍ତି। ନୂତନ କେନ୍ଦ୍ର ମନ୍ତ୍ରୀମାନେ ଦାୟିତ୍ୱ ନେବା ପରେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟକ୍ତିଗତ ସଚିବମାନଙ୍କୁ ଶୀଘ୍ର ନିଯୁକ୍ତ କରାଯାଉଛି। ନିଯୁକ୍ତିର ପ୍ରଥମ ପର୍ଯ୍ୟାୟରେ ନୀତିନ ଗଡକରୀ, ମନୋହରଲାଲ ଖଟ୍ଟର, ଗିରିରାଜ ସିଂ ଏବଂ ହରଦୀପ୍ ସିଂ ପୁରୀଙ୍କ ଭଳି କେନ୍ଦ୍ର ମନ୍ତ୍ରୀଙ୍କ ପାଇଁ ବ୍ୟକ୍ତିଗତ ସଚିବଙ୍କ ନାମ ଘୋଷଣା କରାଯାଇଥିଲା। ଏମାନେ ହେଉଛନ୍ତି ୨୦୧୦, ୨୦୧୧ ଏବଂ ୨୦୧୨ ଆଇଏଏସ୍ ବ୍ୟାଚର ସିନ୍ଦେ ଦୀପକ ଅର୍ଜୁନ, ରସାଲ ଦ୍ୱିବେଦୀ, ରମଣ କୁମାର ଏବଂ ବି.ବିଜୟ ଦତ୍ତ। କୌତୂହଳର ବିଷୟ ହେଉଛି, ମନ୍ତ୍ରୀଙ୍କଠାରୁ ଅଧିକ ତଥ୍ୟ ବା ସୂଚନା ବିନା ଏହି ନିଯୁକ୍ତି କରାଯାଇଥିଲା, ବିଶେଷକରି ଗଡ଼କରୀଙ୍କ କ୍ଷେତ୍ରରେ ମଧ୍ୟ ଏହା ଘଟିଥିଲା। ପରବର୍ତ୍ତୀ ସମୟରେ ଦ୍ୱିତୀୟ ପର୍ଯ୍ୟାୟରେ ୬ଜଣ ଅଧିକାରୀଙ୍କୁ କେନ୍ଦ୍ର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବରେ ନିଯୁକ୍ତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ କର୍ନାଟକ କ୍ୟାଡରର ଅନିରୁଦ୍ଧ ଶ୍ରବଣ ପୁଲିପାକାଙ୍କୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ବ୍ୟକ୍ତିଗତ ସଚିବ ଭାବରେ ନିଯୁକ୍ତି ଦିଆଯାଇଛି। ନିର୍ବାଚନ ଘୋଷଣା ହେବା ପୂର୍ବରୁ ଅମଲାତନ୍ତ୍ର ଏବଂ ନୀତି ଆୟୋଗ ଅଧିକାରୀଙ୍କ ଦ୍ୱାରା ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକ ପାଇଁ ୧୦୦ ଦିନିଆ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଥିବା ଯୋଗୁ ଏହି ନିଯୁକ୍ତି ତତ୍ପରତା ପ୍ରକାଶ ପାଇଛି। ଯୋଜନାଗୁଡ଼ିକ ପାଇଁ ଆବଶ୍ୟକ ହେଉଥିବା ବୈଧାନିକ ଅନୁମୋଦନ କିମ୍ବା ପାଣ୍ଠି ଆସନ୍ତା ମାସରେ ଉପସ୍ଥାପିତ ହେବାକୁ ଥିବା ବଜେଟରେ ଜଣାପଡ଼ିବ।

### ଇଏମ୍ଆଇରେ ଲାଞ୍ଚ

ଗୁଜରାଟର ଅଧିକାରୀମାନେ ବର୍ତ୍ତମାନ ପୀଡ଼ିତଙ୍କ ଉପରେ ବୋଝ କମାଇବା ପାଇଁ ଇଏମ୍ଆଇ(ଇକ୍ୱେଟେଡ୍ ମନ୍ଥଲି ଇନଷ୍ଟାଲମେଣ୍ଟ) ଆଧାରରେ ଲାଞ୍ଚ ଗ୍ରହଣ କରୁଛନ୍ତି। ଏହି ବାବୁମାନେ ବୋଧହୁଏ ବ୍ୟାଙ୍କିଙ୍ଗ ସିଷ୍ଟମରୁ ଏକ ଲିଖିତ ନିର୍ଦ୍ଦେଶ ନେଇଛନ୍ତି, ଯାହା ନାଗରିକମାନଙ୍କୁ ସହଜ କିସ୍ତିରେ ଲାଞ୍ଚ ଦେବାକୁ ଅନୁମତି ଦେଇଛି । ଆପଣଙ୍କୁ ଲାଞ୍ଚ ଦେବାକୁ ଥିଲେ ତାହାକୁ ଏକାଥରକେ ନ ଦେଇ ବର୍ତ୍ତମାନ ଅନେକ ମାସ ମଧ୍ୟରେ ଏହା ଦେଇପାରିବେ। ଉଦାହରଣ ସ୍ୱରୂପ, ଚଳିତ ବର୍ଷ ପ୍ରାରମ୍ଭରେ ରାଜ୍ୟ ଜିଏସ୍‌ଟି ବୋଗସ ବିଲିଂ ସ୍କାମ୍‌ରେ ଜଡିତ ଜଣେ ବ୍ୟକ୍ତିଙ୍କ ଠାରୁ ୨୧ ଲକ୍ଷ ଟଙ୍କା ଲାଞ୍ଚ ଦାବି କରାଯାଇଥିଲା। ଖୁସିର କଥା, ୯ ମାସ ପାଇଁ ମାସକୁ ୨ ଲକ୍ଷ ଟଙ୍କା ଦେବାର ଏକ ଇଏମ୍ଆଇ ଯୋଜନା ମିଳିଗଲା । ସେହିଭଳି ଜଣେ ସାଇବର କ୍ରାଇମ୍ ୟୁନିଟ୍ ଅଧିକାରୀ ଜଣଙ୍କଠାରୁ ୧୦ ଲକ୍ଷ ଟଙ୍କା ଦାବିକରି ତାହା ୪ଟି କିସ୍ତିରେ ଗ୍ରହଣ କରିଥିବା ଜଣାପଡ଼ିଥିଲା। ସୁରଟରେ ଜଣେ ଡେପୁଟି ସରପଞ୍ଚ ଏବଂ ପଞ୍ଚାୟତ ସମିତି ସଦସ୍ୟ ଜଣେ ଗ୍ରାମବାସୀଙ୍କ ଚାଷ ଜମିକୁ ସମାନ କରିବା ପାଇଁ ତାଙ୍କୁ ୮୫,୦୦୦ ଟଙ୍କା ମାଗିଥିଲେ। କିନ୍ତୁ ଗ୍ରାମବାସୀଙ୍କ ଆର୍ଥିକ ସ୍ଥିତିକୁ ଦେଖି ସେମାନେ ଏକ ଇଏମ୍ଆଇ ବିକଳ୍ପ ପ୍ରଦାନ କରିଥିଲେ, ଯେଉଁଥିରେ ପ୍ରଥମେ ୩୫,୦୦୦ ଟଙ୍କା ଦେଇଥିଲେ ଓ ବାକି ଟଙ୍କା ୩ଟି କିସ୍ତିରେ ଦେବାକୁ ସ୍ଥିର କରାଯାଇଥିଲା। ଏକ ନାଟକୀୟ ଘଟଣା କ୍ରମରେ ଦୁଇ ପୋଲିସ ଅଧିକାରୀ ସେମାନେ ସାବରକାନ୍ତ ଜିଲାର ଜଣେ ବାସିନ୍ଦାଙ୍କଠାରୁ ପ୍ରଥମ କିସ୍ତିରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ ଓ ତାଙ୍କଠାରୁ ୪ ଲକ୍ଷ ନେଇ ଅବଶିଷ୍ଟ ଟଙ୍କା ପାଇଁ ଅପେକ୍ଷା ନ କରି ପଳାଇଯାଇଥିଲେ। ବରିଷ୍ଠ ପୋଲିସ ଅଧିକାରୀମାନେ ସ୍ୱୀକାର କରିଛନ୍ତି ଯେ, ଚଳିତ ବର୍ଷ ଅତି କମ୍‌ରେ ୧୦ଟି ଏମିତିକା ମାମଲା ରୁଜୁ ହୋଇଛି । ତେବେ ବର୍ତ୍ତମାନ ଦେଶର ଅବଶିଷ୍ଟ ରାଜ୍ୟଗୁଡ଼ିକ ଗୁଜରାଟ ମଡେଲର ଲୁକ୍କାୟିତ ଦିଗଗୁଡ଼ିକ ବିଷୟରେ ଜାଣିବାକୁ ପାଉଛନ୍ତି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | 3 | 9 | | |
| | | | 1 | | | | 8 | |
| | | 6 | | | 9 | 2 | | |
| | | | | | 2 | 7 | 3 | |
| 9 | | | | | | | 5 | |
| | | | 5 | | | 4 | | |
| | | 7 | | | | | | |
| 8 | 3 | | | 2 | | | | |
| | 5 | | 4 | 3 | | 6 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 5 | 6 | 8 | 7 | 1 | 9 | 3 |
| 9 | 8 | 7 | 4 | 1 | 3 | 5 | 2 | 6 |
| 1 | 6 | 3 | 9 | 2 | 5 | 8 | 4 | 7 |
| 5 | 1 | 2 | 7 | 4 | 9 | 3 | 6 | 8 |
| 8 | 3 | 4 | 1 | 5 | 6 | 9 | 7 | 2 |
| 7 | 9 | 6 | 8 | 3 | 2 | 4 | 1 | 5 |
| 6 | 7 | 8 | 5 | 9 | 1 | 2 | 3 | 4 |
| 3 | 5 | 1 | 2 | 7 | 4 | 6 | 8 | 9 |
| 2 | 4 | 9 | 3 | 6 | 8 | 7 | 5 | 1 |

ଗତକାଲିର ଉତ୍ତର

# ସଭ୍ୟତାର ପ୍ରତାରଣା



**ଡ. ଛାୟାକାନ୍ତ ଷଡ଼ଙ୍ଗୀ**

ଆଦିମ ମାନବ ଅରଣ୍ୟରେ ରହୁଥିଲା ଓ ପଶୁପକ୍ଷୀ ଶିକାର କରି ସେମାନଙ୍କ ମାଂସ ଖାଇ ବଞ୍ଚୁଥିଲା। ସେ ପଶୁବତ୍ ଉଲଗ୍ନ ରହୁଥିଲା ଓ ପ୍ରବୃତ୍ତିଗତ ଜୀବନଯାପନ କରୁଥିଲା। କ୍ରମେ ସେ ପୋଷାକ ପିନ୍ଧି ନିଜକୁ ସୁନ୍ଦର ମଣିଲା। ଜୀବନକୁ ଉନ୍ନତ କରିବା ପାଇଁ ସେ ନୂଆ ନୂଆ କଥା ଚିନ୍ତା କଲା। ଫଳରେ ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ସମ୍ଭବ ହେଲା। ସେ ସମାଜକୁ ଶୃଙ୍ଖଳିତ କରିବା ପାଇଁ ଆଇନ ତିଆରି କଲା ଓ ତାକୁ ମାନି ଚଳିଲା। ଏହି ପ୍ରକ୍ରିୟାରେ ବର୍ବର ମଣିଷ ସଭ୍ୟ ହେଲା। ଏଣୁ ପ୍ରଖ୍ୟାତ ଚିନ୍ତାନାୟକ ସି.ଇ.ଏମ୍. ଜୋଡ୍ କହିଲେ, ଯିଏ ସୁନ୍ଦର ପଦାର୍ଥ ସୃଷ୍ଟି କରିପାରେ, ମୁକ୍ତ ଭାବରେ ନୂଆ ନୂଆ କଥା ଚିନ୍ତା କରିପାରେ ଓ ଆଇନ ମାନି ଚଳେ ସେ ସଭ୍ୟ। ଏହି ପରିଭାଷା ଅନୁଯାୟୀ ଏକବିଂଶ ଶତାବ୍ଦୀର ମଣିଷକୁ ସଭ୍ୟ କୁହାଯାଇପାରେ। ମାତ୍ର ତା'ର ଏହି ସଭ୍ୟତା ଯେ ବର୍ବରତାରୁ ସମ୍ପୂର୍ଣ୍ଣ ମୁକ୍ତ ନୁହେଁ ତାହା ପ୍ରମାଣ କରେ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ କଥିତ ଏକ ମଜା କଥା। ଜଣେ ଧର୍ମପ୍ରଚାରକ ଏକ ଅନୁନ୍ନତ ଅଞ୍ଚଳରୁ ଫେରି କହୁଥାନ୍ତି ''ମୁଁ ସେ ଅଞ୍ଚଳର ସମସ୍ତ ଅସଭ୍ୟ ମଣିଷକୁ ସଭ୍ୟ କରିଦେଇଛି।'' ଅନେକ ବର୍ଷ ଅତିକ୍ରାନ୍ତ ହେଲା। ଜଣେ ପରିବ୍ରାଜକ ସେହି ଅଞ୍ଚଳରୁ ଫେରି ସେହି ଧର୍ମପ୍ରଚାରକଙ୍କୁ କହିଲେ, ''ମହାଶୟ, ମୁଁ ଦେଖିଲି ସେ ଅଞ୍ଚଳରେ ଏବେ ବି ଲୋକ ନରମାଂସ ଖାଉଛନ୍ତି। ଆପଣ ସେମାନଙ୍କୁ ସଭ୍ୟ କରିଦେଲେ ବୋଲି କେମିତି କହୁଛନ୍ତି ?'' ଧର୍ମପ୍ରଚାରକ ଉତ୍ତର ଦେଲେ, ''ସେମାନେ ନରମାଂସ ଖାଉଥାଇପାରନ୍ତି, ମାତ୍ର ପୂର୍ବର ଅସଭ୍ୟ ଅଭ୍ୟାସ ଅନୁସାରେ ସେମାନେ ହାତରେ ଖାଉନାହାନ୍ତି, କଣ୍ଟା ଚାମଚରେ ଖାଉଛନ୍ତି।'' ଧର୍ମପ୍ରଚାରକଙ୍କ ପରିଭାଷାରେ ସେମାନେ ସଭ୍ୟ ହୋଇଥାଇପାରନ୍ତି, ମାତ୍ର ସେମାନେ ଏବେ ବି ସେହି ଆଦିମ ପ୍ରବୃତ୍ତି ଦ୍ୱାରା ପରିଚାଳିତ। ହିଂସାଚରଣ ବା ବର୍ବରତାର ଇତିହାସ ଦୀର୍ଘ। ପଶୁମାନଙ୍କ ହିଂସାଚରଣ ପ୍ରବୃତ୍ତିଗତ ମାତ୍ର ମଣିଷର ହିଂସାଚରଣ ଏକ ସଚେତଆବେଗ। ସେ କେତେବେଳେ କ୍ଷମତା ଲୋଭରେ ତ କେତେବେଳେ ଧନସମ୍ପଦ ଲୋଭରେ ଓ ଆଉ କେତେବେଳେ କାମନା ବାସନାର ପରିପୂର୍ତ୍ତି ପାଇଁ ହିଂସାଚରଣ କରେ। ଆଧୁନିକ ତଥାକଥିତ ସଭ୍ୟ ମଣିଷ ଅତୀତର ଅସଭ୍ୟ ମଣିଷଠାରୁ ବେଶି ହିଂସ୍ର। ସେ ଆଧୁନିକ ସ୍ୱୟଂଚାଳିତ ବନ୍ଧୁକ ବ୍ୟବହାର କରି, ଦୂର ନିର୍ଦ୍ଦେଶିତ ବିସ୍ଫୋରଣ କରି ଖୁବ କମ୍ ସମୟରେ ଅସଂଖ୍ୟ ଲୋକଙ୍କୁ ହତ୍ୟା କରୁଛି। ଏଣୁ ମଣିଷର ଚେତନା ନିହିତ ହିଂସାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହି ଦୃଷ୍ଟିରୁ ଆଧୁନିକ ମଣିଷ ସଭ୍ୟ ହେଲା କିପରି ତାହା ବିତର୍କର ବିଷୟ।

ଆଧୁନିକ ମଣିଷର କ୍ଷମତା ପିପାସା, ଶଠତା ଶୋଷଣ, ଲୁଣ୍ଠନ, ଦୁର୍ବଳ ଉପରେ ଅତ୍ୟାଚାର ଓ ହିଂସାଚରଣ ଦେଖିଲେ ତାକୁ ସଭ୍ୟ କୁହାଯିବା କେତେ ଯଥାର୍ଥ ତାହା ପୁନଃବିଚାର୍ଯ୍ୟ। ଦିନେ ବିଶିଷ୍ଟ ଲେଖକ ସୁରେନ୍ଦ୍ର ମହାନ୍ତିଙ୍କୁ ଏ ସମ୍ପର୍କରେ ପୁନର୍ବିଚାର କରିବାକୁ ବାଧ୍ୟ କରିଥିଲା ଦୁଇଟି ସାଧାରଣ ଘଟଣା। ଗାଁରେ ପଡ଼ିଶା ଘରେ ଗୋଟିଏ ଗାଈ ବାରମ୍ବାର ହମ୍ବାରଡ଼ି କରୁଥାଏ। ଲେଖକ ତାଙ୍କ କ୍ଷୀରବାଲା ଗୁଆଲାକୁ ହମ୍ବାରଡ଼ିର କାରଣ ପଚାରନ୍ତେ ସେ କହିଲା, ''ଗାଈଟା ବାଛୁରିକୁ ଖୋଜୁଛି କ୍ଷୀର ଦେବା ପାଇଁ। ଗାଈ ମାଲିକ ବାଛୁରିକୁ ତା' ମା ଠାରୁ ଦୂରେଇ କେଉଁଠି ବାନ୍ଧି ରଖିଛି। ଗାଈ ପହ୍ନାରେ କ୍ଷୀର ଭିଡ଼େଇବା ବେଳେ ଗାଈକୁ କଷ୍ଟ ହେଉଛି। ସେ ତା'ର ବାଛୁରିକୁ ଖୋଜୁଛି ପହ୍ନାରୁ କ୍ଷୀର ପିଆଇ ଦେଲେ, କଷ୍ଟ ରହନ୍ତା ନାହିଁ। ହେଲେ ବାଛୁରିକୁ ପାଉନାହିଁ।'' ଲେଖକ ବାଛୁରିକୁ ଦୂରେଇ ରଖିବାର କାରଣ ପଚାରନ୍ତେ ଗୁଆଲା କହିଲା, ''ବାଛୁରି ତ ସବୁ କ୍ଷୀର ପିଇଯିବ-ମାଲିକ ପାଇବ କ'ଣ ? ବିକିବ କ'ଣ ?'' ମୂକ ଅସହାୟ ଗାଈକୁ ଶୋଷଣ କରୁଥିବା ଆଧୁନିକ ମଣିଷର ବ୍ୟବହାର ଲେଖକଙ୍କୁ ମନେ ପକାଇଦେଲା ତାଙ୍କ ଫୁଲବାଣୀ ରହଣିର ଆଉ ଏକ ଅଭିଜ୍ଞତା। ସେ ବେଲଘର ଅଞ୍ଚଳର ରେଭିନ୍ୟୁ ସେଡ଼ରେ ରହିଥାନ୍ତି। ସକାଳେ ଚା' କପେ ପିଇବା ପାଇଁ ତାଙ୍କ ଇଚ୍ଛା ହେବାରୁ ସେ ଚୌକିଦାରକୁ କ୍ଷୀର ଆଣିବା ପାଇଁ କହିଲେ। ଚୌକିଦାର କହିଲା, ''ଏ ଅଞ୍ଚଳର ଲୋକେ କ୍ଷୀର ଖାଆନ୍ତି ନାହିଁ। ତେଣୁ ସେମାନେ ଗାଈ ରଖନ୍ତି ନାହିଁ।'' ଆଶ୍ଚର୍ଯ୍ୟ ହେଲେ ଲେଖକ। ସେ କହିଲେ, ''ସେମାନେ ନ ଖାଆନ୍ତୁ, ଅନ୍ତତଃ ତାକୁ ବିକ୍ରି କରି ଦି' ପଇସା ରୋଜଗାର କରିପାରନ୍ତେ।'' ତାଙ୍କୁ ଆହୁରି ଚକିତ କରିଥିଲା ଚୌକିଦାରର ପରବର୍ତ୍ତୀ କଥା। ସେ କହିଲା, ''ଏଠାକାର କନ୍ଧମାନେ କହନ୍ତି କ୍ଷୀର ଉପରେ ବାଛୁରିର ଅଧିକାର। ସେମାନେ ବାଛୁରି ମୁହଁରୁ ତା'ର ଆଧାର ଛଡ଼େଇବେ କାହିଁକି? ସେମାନେ କ୍ଷୀର ଦୁହନ୍ତି ନାହିଁ। ବାଛୁରି କ୍ଷୀର ପିଇଯାଏ।'' ଏହି ପ୍ରସଙ୍ଗରେ ଲେଖକ ସୁରେନ୍ଦ୍ର ମହାନ୍ତିଙ୍କ ମନ୍ତବ୍ୟ ହେଉଛି- ''ସବୁ ସଭ୍ୟତାର ଭିତ୍ତି ହେଉଛି ଶୋଷଣ ଓ ଲୁଣ୍ଠନ। ଦୁର୍ବଳକୁ ଶୋଷଣ କରି ଗଢ଼ିଉଠେ ସବୁ ସଭ୍ୟତାର ମୀନାର। ମଣିଷ ହେଉଛି ମଣିଷର ସବୁଠାରୁ ବଳି ଶୋଷକ। ସିଏ ରାଷ୍ଟ୍ର ହେଉ, ସାହୁକାର ମହାଜନ ହେଉ, ସବୁ ପ୍ରକାର ଭେଦ ମାତ୍ର। ସେଇଦିନୁ ମୁଁ ଭାବି ଆସୁଛି ମଣିଷ ଯଦି କେଉଁଦିନ ଅଭିବ୍ୟକ୍ତିର କୌଣସି ଏକ ପର୍ଯ୍ୟାୟରେ ଆଦର୍ଶ ସଂସ୍କୃତି ସମ୍ପନ୍ନ ମଣିଷ ହୋଇପାରେ, ତା'ହେଲେ ସେ ହେବ ଜଣେ ଲେଙ୍ଗୁଟି ପିନ୍ଧା ଆଦିବାସୀ। ଅବଶ୍ୟ ତା'ଠାରେ ରହିବ ଶୁଚିବୋଧ, ଶିକ୍ଷା ଓ ସଂସ୍କୃତି। ସେଇଦିନ କେବଳ ଶୋଷଣମୁକ୍ତ ସମାଜ ସମ୍ଭବ ହୋଇପାରିବ। କିନ୍ତୁ ସେ ଶିକ୍ଷା ଓ ସଂସ୍କୃତି-ସମ୍ପନ୍ନ ହେବାପରେ ପୁଣି ଯେ ଏକ ଶୋଷକ ସାଜି, ଗାଈ ଦୁହିବା ପାଇଁ ବାଛୁରିକୁ ଅଲଗା କରି ନ ରଖିବ, ତା'ର କେଉଁ ସ୍ଥିରତା ଅଛି ? ସଭ୍ୟତା ପ୍ରକୃତରେ ଏକ ଅଭିଶାପ।''



ଆଉଦିନେ ଦୁଇଜଣ ଆଦିବାସୀ ମହୁ ସଂଗ୍ରହକାରୀଙ୍କ ପାଖରୁ ଲେଖକ ମାତ୍ର ପନ୍ଦର ଟଙ୍କାରେ କିଣିଥିଲେ ଗୋଟିଏ ଠେକି ଖାଣ୍ଟି ମହୁ। ଦିଆସିଲି କାଠି ମାରି ମହୁକୁ ଜାଳି ତା'ର ଖାଣ୍ଟିତ୍ୱ ପରୀକ୍ଷା କରିଥିଲେ। ସେମାନେ ଥିଲେ ନିରକ୍ଷର ଓ ବେଶଭୂଷାରେ ଅର୍ଦ୍ଧଅନାବୃତ୍ତ। ସେମାନେ ଲେଖକ ଦେଇଥିବା ଦଶଟଙ୍କିଆ ଓ ପାଞ୍ଚଟଙ୍କିଆ ନୋଟକୁ ଆଙ୍ଗୁଠିରେ ମାପି ଚିହ୍ନିଥିଲେ। ଗୋଟିଏ ବର୍ଷ ପରେ ସେମାନେ ଆସିଥିଲେ ଲେଖକଙ୍କ ସହରକୁ ମହୁ ବିକ୍ରୟ କରିବା ପାଇଁ। ପ୍ରଥମ ଥର ସେମାନେ ପିନ୍ଧିଥିଲେ ଖଣ୍ଡେ ଖଣ୍ଡେ କାଛିଆ। ମାତ୍ର ଏଥର ପିନ୍ଧିଥିଲେ ଧୋତି ଓ ରଙ୍ଗିନ ଗେଞ୍ଜି। ଏଥର ସେମାନେ ସେତକ ମହୁକୁ ଚାଳିଶ ଟଙ୍କା ନେଲେ ଓ ଆଙ୍ଗୁଠିରେ ନୋଟ୍ ନ ମାପି ତା'ର ଚେହେରାରୁ ନୋଟଗୁଡ଼ିକୁ ଚିହ୍ନି ପାରିଥିଲେ। ମାତ୍ର ଲେଖକ ଲକ୍ଷ୍ୟ କଲେ ଏଥରର ମହୁରେ ପୂର୍ବବର୍ଷର ମହୁର ସୁଗନ୍ଧ ନ ଥିଲା। ସେଥିରେ କିଛି ଗୁଡ଼ପାଣି ମିଶିଥିବା ଭଳି ମନେ ହେଉଥିଲା। ତୃତୀୟ ବର୍ଷ ସେମାନେ ପୁଣି ଆସିଲେ। ଦେଖାଯାଉଥିଲେ ପୂର୍ବାପେକ୍ଷା ଅଧିକ ଶିକ୍ଷିତ ଓ ମାର୍ଜିତ। ଲେଖକ ପୁଣି ସେମାନଙ୍କଠାରୁ ମହୁ କିଣିବା ବେଳେ ତା'ର ବିଶୁଦ୍ଧତା ପରୀକ୍ଷା କରିବା ପାଇଁ ଦିଆସିଲି କାଠି ମାରିଲେ। ମାତ୍ର ମହୁ ଜଳିଲା ନାହିଁ। ଲେଖକ ବିରକ୍ତ ହୋଇ କହିଲେ, ''ତୁମ ମହୁ ଭେଜାଲ''। ସେମାନଙ୍କ ମଧ୍ୟରୁ ଜଣେ କହିଲା, ''ବାବୁ, ଆଉ ଖାଣ୍ଟି ଜିନିଷ କାହିଁ ? ଆଜିକାଲି ସବୁକିଛି ଭେଜାଲ୍। ଏଣୁ ସେଦିନର ଖାଣ୍ଟି ମହୁ ଆଜି ମିଳିବ କିପରି ?'' ଏହି ଅଭିଜ୍ଞତା ଲେଖକଙ୍କୁ ସଭ୍ୟତାର ନୂତନ ସଂଜ୍ଞା ଖୋଜିବାକୁ ବାଧ୍ୟ କରିଥିଲା। ପ୍ରଥମ ସାକ୍ଷାତ ସମୟରେ ଯେଉଁ ଆଦିବାସୀମାନେ ଥିଲେ ନିରକ୍ଷର, ବନ୍ୟ ଓ ଅମାର୍ଜିତ ସମୟର ଗତିରେ ସେମାନେ ହେଲେ ଶିକ୍ଷିତ ଓ ମାର୍ଜିତ। ସଭ୍ୟ ହେବା ପଥରେ ସେମାନେ ଆଗେଇଲେ, ମାତ୍ର ତାଙ୍କ ଚରିତ୍ରର ଗୁଣାତ୍ମକ ଅଧୋଗତି ଓ ବିକୃତି ମଧ୍ୟରେ। ଏଣୁ ସୁରେନ୍ଦ୍ର ମହାନ୍ତି ତାଙ୍କ 'ଶେଷଗ୍ରନ୍ଥ' ରେ ଲେଖିଲେ ସଭ୍ୟତାର ଅନ୍ୟନାମ ହେଉଛି ବିକୃତି ଓ ଶଠତା।

ମୋ:୯୪୩୭୩୨୯୨୬୩

# ପୋଲିସର ନିରଙ୍କୁଶ ଗିରଫ କ୍ଷମତା



**ହରିଶଙ୍କର ମିଶ୍ର**

କବିବର ରାଧାନାଥ ରାୟ ଦେଶ ସ୍ୱାଧୀନ ହେବାର ବହୁବର୍ଷ ଆଗରୁ ଦରବାର କାବ୍ୟରେ ଲେଖିଥିଲେ ଯେ ''କିଏ କହେ ମୁହିଁ ଅଟଇ ପୋଲିସ। ବିନା ମେଘେ ସୃଜି ପାରଇ କୁଳୀଶ।'' ଇଂରେଜମାନଙ୍କ ଶାସନ ସମୟରେ ନିଯୁକ୍ତ ପୋଲିସ ମୁଖ୍ୟତଃ ସାଧୀନତା ସଂଗ୍ରାମୀ ବା ଗଡ଼ଜାତମାନଙ୍କରେ ପ୍ରଜା ଆନ୍ଦୋଳନକାରୀମାନଙ୍କୁ ଦମନ କରିବା ପାଇଁ ନିର୍ମମ ଅତ୍ୟାଚାର କରୁଥିଲେ। ଦେଶ ସ୍ୱାଧୀନ ହେବାପରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ସରକାର ଶାସନ କଲେ। କିନ୍ତୁ ବ୍ରିଟିଶ ଶାସନାଧୀନ ପୋଲିସଙ୍କର ଚରିତ୍ର ଯାହା ଥିଲା ସ୍ୱାଧୀନତାର ଅମୃତ ମହୋତ୍ସବ ଅବଧି ପାଳନ ସତ୍ତ୍ୱେ ସେମାନଙ୍କର ମାନସିକତାରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇପାରିନାହିଁ। ଏଥିପାଇଁ ମାନବାଧିକାର କମିଶନଙ୍କ ପାଖରେ ସର୍ବାଧିକ ଅଭିଯୋଗ ପୋଲିସ ବିରୁଦ୍ଧରେ ରହିଛି। କମିଶନଙ୍କ ଅନେକ ପ୍ରତିକୂଳ ମନ୍ତବ୍ୟ ସହ ବିଭିନ୍ନ ସଙ୍ଗଠନ ଦ୍ୱାରା ବିଭିନ୍ନ ଘଟଣାରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନର ବିରୋଧ ସତ୍ତ୍ୱେ ସେମାନେ ଖାକି ପୋଷାକ ପିନ୍ଧି ଦେଲେ ନିଜକୁ ସର୍ବେସର୍ବା ମନେ କରୁଛନ୍ତି। ଆମର ଲୋକମୁଖରେ କୁହାଯାଉଥିଲା 'ମାଛ ଖାଇବ ଇଲିଶି ଚାକିରି କରିବ ପୁଲିସ' କଥାଟି ସେଥିପାଇଁ ଏବେ ବି ଗୁରୁତ୍ୱ ବହନ କରୁଛି। ସରକାରୀ ସ୍ତରରେ ପୋଲିସ୍‌ର ମାନସିକତା ପରିବର୍ତ୍ତନ ଓ ଥାନାରେ ଅଭିଯୋଗକାରୀଙ୍କ ତିକ୍ତ ଅନୁଭୂତି ପ୍ରଶମନ ପାଇଁ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିଲେ ବି ତାହା ଉପରେ ପ୍ରାଥମିକ ଅବସ୍ଥାରେ ତତ୍ପରତା ଦେଖାଯାଏ ଏବଂ ସମୟକ୍ରମେ ଲୋକଦେଖାଣିଆ ଓ ପ୍ରହସନରେ ପରିଣତ ହୋଇଥାଏ। ଏବେ ଖାକି ପୋଷାକଧାରୀଙ୍କ ପାଖରେ ମାନବିକତା ହାର ମାନୁ ଥିବା ବେଳେ ଲୋକଙ୍କ ମନରେ ପୋଲିସ ପ୍ରତି ଘୃଣା ଭାବ ସମ୍ପୂର୍ଣ୍ଣ ଅପସାରିତ ହୋଇନାହିଁ। ସେମାନଙ୍କର ଚାକିରି ଆରମ୍ଭରୁ ଆଇନଶୃଙ୍ଖଳା ରକ୍ଷା ଓ ଦେଶର ସମ୍ବିଧାନକୁ ସମ୍ମାନ ଦେବାର ଅଙ୍ଗୀକାର ବଦ୍ଧତା କେବଳ ଔପଚାରିକ ହୋଇଯାଇଛି। ଲାଞ୍ଚ ନେଇ ଧରାପଡ଼ିବା, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଥାନାରେ ବର୍ବରତା ପ୍ରଦର୍ଶନ ଯୋଗୁ ଅନେକ ପୋଲିସ ଅଧିକାରୀ ଦଣ୍ଡିତ ହୋଇଥିଲେ ମଧ୍ୟ ଏହା ବିଭାଗୀୟ ଅନ୍ୟ ଅଧିକାରୀ ବା କର୍ମଚାରୀଙ୍କୁ ପୂର୍ଣ୍ଣ ପ୍ରଭାବିତ କରିପାରୁ ନାହିଁ। ରାଜ୍ୟରେ ଗତ ସରକାର ସମୟରେ ମୋ ସରକାର ନାମରେ ଯେଉଁ କାର୍ଯ୍ୟ ଆରମ୍ଭ ହୋଇ ପୋଲିସକୁ ଲୋକଙ୍କ ନିକଟତର କରିବା ସହ ଥାନା ପ୍ରତି ରହିଥିବା ବିତୃଷ୍ଣାଭାବ ଦୂର ପାଇଁ ପ୍ରୟାସ କରାଯାଇ ଥିଲା ତାହା ପୋଲିସ ପ୍ରତି ଲୋକଙ୍କ ମନରେ ଆସ୍ଥା ନ ଥିବା ସ୍ପଷ୍ଟ କରୁଥିଲା ; ଯାହା କି କ୍ରମେ କ୍ରମେ ପୋଲିସର ସହଜାତ ପ୍ରକୃତି ଯୋଗୁ ପ୍ରହସନ ହୋଇଗଲାଣି ବୋଲି ଅନୁଭବୀମାନେ ଜାଣିଛନ୍ତି। ଏହାର ଏକମାତ୍ର କାରଣ ହେଉଛି ସେମାନେ ସାମାଜିକ କର୍ତ୍ତବ୍ୟ ଅପେକ୍ଷା ରାଜନୈତିକ ତୁଷ୍ଟିକରଣକୁ ଅଧିକ ଗୁରୁତ୍ୱ ଦିଅନ୍ତି ବା ଦେବାକୁ ସୁଯୋଗ ଭାବେ ଗ୍ରହଣ କରନ୍ତି। ସେଥିପାଇଁ ପୋଲିସ ରାଜନୈତିକ ବଶମ୍ବଦରେ ରହୁଥିବା ପର୍ଯ୍ୟନ୍ତ ଏହାର ପୂର୍ଣ୍ଣ ନିରାକରଣ ସମ୍ଭବ ନୁହେଁ।



ପ୍ରତିପକ୍ଷଙ୍କୁ ଆପରାଧିକ ଓ ଆଇନର ଜାଲରେ ଛନ୍ଦି ରାଜନୈତିକ ଉଦ୍ଦେଶ୍ୟ ପୂରଣ ପାଇଁ ପୋଲିସକୁ ବ୍ୟବହାର କରାଯିବା ଆମର ଅଲିଖିତ ପରମ୍ପରା ହୋଇଯାଇଛି। ପୋଲିସ ଯେତେ ଅପରାଧ କଲେ ତାକୁ ବିରୋଧ କରୁଥିବା ଅଭିଯୋଗକାରୀ ନିର୍ଯାତିତ ହେବା ନିଶ୍ଚିତ। ଯେବେଠାରୁ ପୋଲିସ ବା କ୍ଷମତାସମ୍ପନ୍ନ ବ୍ୟକ୍ତିଙ୍କ 'ଆମ ଲୋକ' ପଦର ବିଲୁପ୍ତି ନ ହୋଇଛି ସେପର୍ଯ୍ୟନ୍ତ ଏହି ପରମ୍ପରା ନିଶ୍ଚିତ ଚାଲିଥିବ, ଏଥିରେ ସନ୍ଦେହ ନାହିଁ।

ଆମର ଆଇନ ସମସ୍ତଙ୍କ ପାଇଁ ସମାନ କେବଳ କଥାରେ ସୀମିତ। ଯେଉଁ ଅଭିଯୋଗ ଆଧାରରେ କୌଣସି ରାଜନୈତିକ ବା ପୋଲିସ ଆକ୍ରୋଶର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଅଭିଯୋଗ ଆଧାରରେ ଗିରଫ କରାଯାଏ ତା' ଠାରୁ ଜଘନ୍ୟ ଅପରାଧରେ ସମ୍ପୃକ୍ତ ଧନ ବା କ୍ଷମତାରେ ପ୍ରତିପତ୍ତିଶାଳୀ ନତୁବା ପୋଲିସର ସମ୍ପର୍କୀୟ ବ୍ୟକ୍ତିଙ୍କୁ ତଦନ୍ତ ଆଳରେ ସୁରକ୍ଷା ଦିଆଯାଇଥାଏ। ସେମାନେ ଉଚ୍ଚନ୍ୟାୟାଳୟଠାରୁ ଆଗୁଆ ଜାମିନ ମଧ୍ୟ ପାଇଥାନ୍ତି। କାରଣ ଅଧିକ ଟଙ୍କାରେ ନିଯୁକ୍ତ ନାମୀ ଓକିଲ ଆଇନର ଗଳାବାଟ ସୃଷ୍ଟି କରିପାରନ୍ତି। ଆମ ବିଚାର ପ୍ରକ୍ରିୟାରେ ପ୍ରଥମ ଜାମିନ ଦରଖାସ୍ତକୁ ଅଭିଯୋଗର ଆପରାଧିକ ଦଫା ଅନୁଯାୟୀ ବିଚାର ହୋଇଥାଏ। ସେଥିପାଇଁ ଆଇନ ବ୍ୟବସ୍ଥାର ଦୁରୁପଯୋଗ କରି ପୋଲିସ ପ୍ରଶାସନ ଯେପରି ଉଦ୍ଦେଶ୍ୟମୂଳକ ଗିରଫ କରିପାରେ ତା'ର ଉଦାହରଣର ଅଭାବ ନାହିଁ। ରାଜନୈତିକ ସ୍ୱାର୍ଥସାଧନ ପାଇଁ ପୋଲିସ ମିଥ୍ୟା ଅଭିଯୋଗ ସୃଷ୍ଟି କରି କଠୋର ଦଫାରେ ମାମଲା କରନ୍ତି ବା ଆବଶ୍ୟକ ସ୍ଥଳେ ନିଜେ ଅଭିଯୋଗକାରୀ ହୋଇପାରନ୍ତି। କିନ୍ତୁ ଅପରାଧ କରିଥିବା ବ୍ୟକ୍ତି ଯଦି ପୋଲିସଙ୍କ ସମ୍ପର୍କୀୟ ହୋଇଥାନ୍ତି ନତୁବା ଅର୍ଥ କିମ୍ବା କ୍ଷମତା ଚାପରେ ଦଫାକୁ କୋହଳ କରାଯାଏ। ଅଣ୍ଡା ମାଡ଼କୁ ହତ୍ୟା ଉଦ୍ୟମ, କଳାପତାକା ପ୍ରଦର୍ଶନକୁ ଦେଶଦ୍ରୋହ, ସାଧାରଣ ସ୍ଥାନକୁ ଅନଧିକାର ପ୍ରବେଶ ସହ ଜୀବନରେ ମାରିଦେବାକୁ ଧମକର ଦଫା ଲଗାଇଦେଲେ ନିମ୍ନ ଅଦାଲତରୁ ଜାମିନ ମିଳିବା କଷ୍ଟକର ହୋଇଥାଏ। ଏବେ ବି ରାଜ୍ୟର ସମସ୍ତ କାରାଗାରରେ ମିଥ୍ୟା ମାମଲାରେ ଜଡ଼ିତ ଅନେକ ନିରପରାଧ ବ୍ୟକ୍ତି ରହିଛନ୍ତି। ଏପରି କି କୋର୍ଟରୁ ଜାମିନ ମିଳିଥିବା ସତ୍ତ୍ୱେ ଆବଶ୍ୟକୀୟ କାଗଜାଦି ଦାଖଲ ନ କରି ଅନେକେ କାରାଗାରରୁ ମୁକ୍ତ ହୋଇପାରି ନ ଥିବା ରାଷ୍ଟ୍ରପତିଙ୍କ ଅନୁଭବ ରହିଛି। ଆପରାଧିକ ମାମଲାରେ ସମ୍ପୃକ୍ତ ବ୍ୟକ୍ତି ଫେରାର ହେବା, ସାକ୍ଷୀଙ୍କୁ ପ୍ରଭାବିତ ବା ପ୍ରମାଣ ନଷ୍ଟ ଅଥବା ପୁନଃ ଅପରାଧର ସମ୍ଭାବନା ଥିଲେ ବା ଅପରାଧ ଅତି ଗୁରୁତର ହୋଇଥିଲେ ଗିରଫ ଆବଶ୍ୟକ ହୋଇପାରେ। କିନ୍ତୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କାରାଗାର ବା ସରକାରଙ୍କୁ ପ୍ରଭାବିତ କରୁଛି। ଆଗାମୀ ଜୁଲାଇ ୧ ତାରିଖରୁ ନୂତନ ଅପରାଧ ଓ ଦଣ୍ଡବିଧି ସଂହିତା ଏବଂ ସାକ୍ଷ୍ୟ ପ୍ରଦାନ ନିୟମ ପ୍ରବର୍ତ୍ତନ ହେଉଥିବାରୁ ପୋଲିସକୁ ନିରଙ୍କୁଶ ଗିରଫ ଓ ଆପରାଧିକ ଦଫା ପ୍ରୟୋଗ କ୍ଷମତା ପରିବର୍ତ୍ତେ ଏହାର ପୂର୍ବାନୁମତି ପାଇଁ କ୍ଷମତାପ୍ରାପ୍ତ ଅଧିକାରୀ ନିଯୁକ୍ତିକୁ ଗୁରୁତ୍ୱ ପ୍ରଦାନ ଜରୁରୀ ମନେହୁଏ।

**୧୧୩, ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

## ଏଇ ଭାରତରେ

ବୋନ୍‌ମ୍ୟାରୋ କ୍ୟାନ୍‌ସରକୁ ହରାଇ ଏକ ନୂତନ ଜୀବନ ଜିଉଛନ୍ତି ବାରାଣସୀର ଶ୍ୟାମ ଶ୍ରୀବାସ୍ତବ। ନୂଆ ଜୀବନରେ ଶିକ୍ଷାଦାନକୁ ବ୍ରତ କରିଛନ୍ତି ଓ ମାଗଣାରେ ଗରିବ, ଅସହାୟ ପିଲାମାନଙ୍କୁ ସେ ପଢ଼ାଉଛନ୍ତି। ଏଥିପାଇଁ ସେ ତିନୋଟି କେନ୍ଦ୍ରରେ ପିଲାମାନଙ୍କୁ ପଢ଼ାଉଛନ୍ତି। ବାରାଣସୀର ଜନସା ଗାଁରେ ୨୦୧୯ରେ ଶ୍ୟାମ ପ୍ରଥମେ ଏହି ପିଲାମାନଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ତାହା ପୁଣି ଗୋଟିଏ ନିମ୍ବ ଗଛମୂଳେ। ପରେ ଏକ ଘରେ ପଢ଼ାଉଛନ୍ତି, ଯାହାର ସ୍ଥିତି ଭଲ ନାହିଁ। ସେଥିପାଇଁ ଗ୍ରାମବାସୀଙ୍କ ସାହାଯ୍ୟ ଲୋଡ଼ି ଘର ତିଆରି ଆରମ୍ଭ କରିଛନ୍ତି। ଶ୍ୟାମଙ୍କ ଜୀବନ ଭଲରେ କଟୁଥିବାବେଳେ ୨୦୧୮ରେ ତାଙ୍କୁ ବୋନ୍‌ମ୍ୟାରୋ କ୍ୟାନ୍‌ସର ହୋଇଥିବା ଜଣାପଡ଼ିଥିଲା । ୨୦୧୯ରେ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ପରେ ସେଥିରୁ ସେ ମୁକ୍ତ ହୋଇ ଗରିବ ପିଲାମାନଙ୍କୁ ପଢ଼ାଇବା ଲାଗି ନିଷ୍ପତ୍ତି ନେଇଥିଲେ ଓ ତାହା ଆରମ୍ଭ କରିଥିଲେ। କେବଳ ଜନସା ଗାଁ ନୁହେଁ, ୨୦୨୦ରେ ରାଜତଲାବ ଗାଁ ଓ ୨୦୨୧ରେ ରବିଦାସ ଘାଟରେ ମଧ୍ୟ ସେ ଶିକ୍ଷା କେନ୍ଦ୍ର ଖୋଲିଥିଲେ। ପ୍ରତି କେନ୍ଦ୍ରରେ ଏବେ ପାଖାପାଖି ୨୦୦ ପିଲା ପଢୁଛନ୍ତି। ପିଲାମାନଙ୍କ ପାଠ୍ୟ ଉପକରଣ ଅଭାବ ବହୁ ସଂସ୍ଥା ଓ ବଦାନ୍ୟ ବ୍ୟକ୍ତିଙ୍କ ଦାନରେ ପୂରଣ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୯ ଜୁନ୍ ୧୯୭୫**

- ସୂଚନା ଓ ବେତାର ବିଭାଗ ମନ୍ତ୍ରୀ ରୂପେ ବିଦ୍ୟାଚରଣ ଶୁକ୍ଳାଙ୍କ ଦାୟିତ୍ୱ ଗ୍ରହଣ।
- ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି ହୋଇଥିବା ଏକ ଆଦେଶ ବଳରେ ସମ୍ବିଧାନର ୧୪,୨୧ ଓ ୨୨ ଧାରା ଅନୁଯାୟୀ ମୌଳିକ ଅଧିକାରଗୁଡ଼ିକର କାର୍ଯ୍ୟକାରିତା ପାଇଁ ଅଦାଲତ ଯିବା ନିମନ୍ତେ ନାଗରିକଙ୍କର ଅଧିକାରକୁ ଅସ୍ଥାୟୀ ଭାବେ ରଦ୍ଦ କରାଯାଇଛି।
- ଭାରତ ଓ ବିଶ୍ୱବ୍ୟାଙ୍କ ମଧ୍ୟରେ ୧୭୦ ନିୟୁତ ଡଲାରର ଏକ ଋଣ ରିହାତି ରାଜିନାମା ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ପାର୍ଶ୍ୱ ଦେବଦେବୀଙ୍କ ନାମ ଲେଖାଯାଉ

ମହାଶୟ,

ବଡ଼ ଠାକୁର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ତିନିରଥର ଚତୁଃପାର୍ଶ୍ୱରେ ଲଗାଯାଉଥିବା ପାର୍ଶ୍ୱ ଦେବଦେବୀମାନଙ୍କ ଧାର୍ମିକ ନୀତିରୀତି ସମ୍ପନ୍ନର ପରମ୍ପରା ନିହିତ ରହିଛି । ସମସ୍ତ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ସାଥେ ସାଥେ ରଥର ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ଦର୍ଶନ କରିଥାଆନ୍ତି, କିନ୍ତୁ ସମସ୍ତଙ୍କ ନାମ ଉପରେ ସମ୍ପୂର୍ଣ୍ଣ ଭାବେ ଅବଗତ ନ ଥାଆନ୍ତି । ରଥରେ ବିରାଜମାନ କରୁଥିବା ପାର୍ଶ୍ୱ ଦେବଦେବୀଙ୍କ ନାମ ଲେଖିବାରେ ପ୍ରଶାସନ ପକ୍ଷରୁ ସମୀକ୍ଷା କରାଯାଉ। ଦ୍ୱିତୀୟତଃ ରଥଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରଥ ଉପରେ ବିରାଜିତ ଠାକୁରମାନଙ୍କୁ ଓ ରଥକୁ ସ୍ପର୍ଶ କରିବାଏବଂ ସାଧାରଣ ଭକ୍ତଙ୍କ ଯିବା ଉପରେ ପ୍ରଶାସନ ପକ୍ଷରୁ ବାରଣ କରାଯିବା ସ୍ୱାଗତଯୋଗ୍ୟ। କିନ୍ତୁ ରଥଯାତ୍ରା ସମୟରେ ରଥ ଉପରକୁ ପ୍ରାୟ ସେବାକାରୀମାନେ ପାର୍ଶ୍ୱ ଦେବଦେବୀଙ୍କ ଉପରେ ଗୋଡ଼ ଭରା ଦେଇ ଚଢ଼ିବା ଏବଂ ଗୋଡ଼ ଝୁଲାଇ ବସିବା ପାର୍ଶ୍ୱ ଦେବଦେବୀଙ୍କ ପ୍ରତିଷ୍ଠା ପ୍ରତି ଅବମାନନା। ଏହା ମଧ୍ୟ ଅତ୍ୟନ୍ତ ଦୁଃଖଦ ଓ ଦୁର୍ଭାଗ୍ୟଜନକ ପରି ମନେହୁଏ।

**-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବୁଡ଼ିଯାଏ ନିରିମମ ରବି
ଦିବସ ଅନ୍ତର କିବା କ୍ଷଣେ ଗଲା ଦ୍ରବି !
ଦୁହେଁ ଦୁଇ ମୁଖେ ଚାହିଁ ସ୍ଥିର ଅବିରତ
ଆସିବ ବିୟୋଗ, ନିଶା ଧୀରେ ଉପଗତ,
ଏପାରେ ରହିବ ଏକ, ଆନ ଆରପାରେ
ଚଳିବ ବିରହବ୍ୟଥା ଭାରେ !

-(ଚକ୍ରବାକ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ପ୍ରକାଶ ପାଇଲା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷାଫଳ

**ବଲାଙ୍ଗୀର,୨୮।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଶ୍ରେଣୀର ସମୁଦାୟ ପାସ୍ ହାର ୮୧.୬୨ ପ୍ରତିଶତ ରହିଛି। ସ୍ନାତକୋତ୍ତର ଶ୍ରେଣୀ କଳା ବିଭାଗ ପାସ୍ ହାର ୮୫.୮୪ ପ୍ରତିଶତ, ବିଜ୍ଞାନ ବିଭାଗ ପାସ୍ ହାର ୭୯.୪୬ ପ୍ରତିଶତ, ବାଣିଜ୍ୟ ବିଭାଗ ପାସ୍ ହାର ୬୪.୧୦ ପ୍ରତିଶତ ରହିଛି। ସ୍ନାତକ ଶ୍ରେଣୀର ସମୁଦାୟ ପାସ୍ ହାର ୫୫.୮୧ ପ୍ରତିଶତ ରହିଛି। ସ୍ନାତକ ଶ୍ରେଣୀର କଳା ବିଭାଗରେ ୫୪.୭୮ ପ୍ରତିଶତ, ବିଜ୍ଞାନ ବିଭାଗରେ ୬୦.୪୯ ପ୍ରତିଶତ ଏବଂ ବାଣିଜ୍ୟ ବିଭାଗରେ ୫୬.୫୧ ପ୍ରତିଶତ ପାସ୍ ହାର ରହିଛି। ସ୍ନାତକୋତ୍ତର ଶ୍ରେଣୀରେ କମ୍ପ୍ୟୁଟର ବିଜ୍ଞାନ ଛାତ୍ର ଅଭିଜିତ ଯୋଷୀ ଓ ପ୍ରାଣୀ ବିଜ୍ଞାନ ଛାତ୍ରୀ ପାୟଲ ପଟେଲ ମିଳିତ ଭାବେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସ୍ନାତକ ଶ୍ରେଣୀରେ କମ୍ପ୍ୟୁଟର ଛାତ୍ର ପାର୍ଥ ପ୍ରତୀମ ଖମାରୀ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ଓ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ନରେନ୍ଦ୍ର ରାଉତ କୁଳପତିଙ୍କ ଚ୍ୟାମ୍ବରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ ୨୦୨୪ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସବିଶେଷ ସୂଚନା ଦେଇଥିଲେ। ସ୍ନାତକୋତ୍ତର ଶ୍ରେଣୀର କଳା ବିଭାଗରେ ଚଳିତବର୍ଷ ୨୧୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୮୮ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବିଜ୍ଞାନ ବିଭାଗରେ ପରୀକ୍ଷା ଦେଇଥିବା ୧୧୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୯ ଜଣ ପାସ୍ କରିଛନ୍ତି। ବାଣିଜ୍ୟ ବିଭାଗରେ ୩୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫ ଜଣ ପାସ୍ କରିଥିବା ସୂଚନା ଦିଆଯାଇଛି। କଳା ବିଭାଗରେ ଓଡ଼ିଆ ଭାଷା ସାହିତ୍ୟ ଛାତ୍ରୀ ପୂଜା ସାହୁ ଓ ସଂସ୍କୃତ ଛାତ୍ରୀ ସ୍ମୃତିରେଖା ମିଶ୍ର ଉଭୟେ ସର୍ବୋଚ୍ଚ ୯.୧୧ ସିଜିପିଏ ମାର୍କ ରଖିଛନ୍ତି। ସ୍ନାତକୋତ୍ତର ବିଜ୍ଞାନ ବିଭାଗର କମ୍ପ୍ୟୁଟର ବିଜ୍ଞାନ ଛାତ୍ର ଅଭିଜିତ ଯୋଷୀ ଓ ପ୍ରାଣୀବିଜ୍ଞାନ ଛାତ୍ରୀ ପାୟଲ ପଟେଲ ୯.୫୦ ସିଜିପିଏ ଲେଖା ମାର୍କ ରଖି ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସ୍ନାତକୋତ୍ତର ବାଣିଜ୍ୟ ବିଭାଗରେ ଛାତ୍ରୀ ନିବେଦିତା ପଧାନ ସର୍ବୋଚ୍ଚ ୭.୭୮ ସିଜିପିଏ ମାର୍କ ରଖିଛନ୍ତି। ଏହାବାଦ୍ ଅର୍ଥନୀତିରେ ଛାତ୍ର ଅଭିନାଶ ପ୍ରଧାନ ୭.୮୩, ଶିକ୍ଷାରେ ସୀମା ନାଗ ୮.୪୪, ଇଂଲିଶ ଭାଷାରେ ଛାତ୍ର ଓମ୍‌କାର ପ୍ରସାଦ ତ୍ରିପାଠୀ ୭.୮୯, ଭୂଗୋଳରେ ଛାତ୍ରୀ ଦୀପିକା ବିଶି ୯.୦୬, ହିନ୍ଦୀରେ ଛାତ୍ରୀ ଉର୍ମିଳା ମଟାରୀ ୮.୫୬, ଇତିହାସରେ ଛାତ୍ରୀ ଲିଜା ବିଶ୍ୱାଳ ୭.୫୦, ଓଡିଆ ଭାଷା ଛାତ୍ରୀ ପୂଜା ସାହୁ ୯.୧୧, ଦର୍ଶନରେ ଛାତ୍ର ବିଭୂତି ଭୂଷଣ ପଲେଇ ଓ ଛାତ୍ରୀ ଲୀଳେଶ୍ୱରୀ ସାହୁ ୮.୭୨, ରାଜନୀତି ବିଜ୍ଞାନରେ ସତ୍ୟବତୀ ସାହୁ ୮.୧୧, ସଂସ୍କୃତରେ ଛାତ୍ରୀ ସ୍ମୃତିରେଖା ମିଶ୍ର ୯.୧୧, ଉଦ୍ଭିଦ ବିଜ୍ଞାନ ଛାତ୍ରୀ ମନୀଷା ପଟେଲ ୮.୫୬, ରସାୟନ ବିଜ୍ଞାନ ଛାତ୍ରୀ ଜ୍ୟୋତିର୍ମୟୀ ମେହେର ୮.୮୯, ଗଣିତରେ ଛାତ୍ରର ରତ୍ନପର୍ଣ୍ଣା ମେହେର ୮.୩୯, ପଦାର୍ଥ ବିଜ୍ଞାନରେ ଛାତ୍ରୀ ନିକିତା ମେହେର ୯.୨୮ ସିଜିପିଏ ମାର୍କ ରଖି ନିଜ ପାଠ୍ୟଏଲ୍ଲିରେ ସର୍ବୋଚ୍ଚ ମାର୍କ ରଖିଛନ୍ତି। ସ୍ନାତକ ଶ୍ରେଣୀ କଳା ବିଭାଗ ସଂସ୍କୃତ ବିଷୟ ଛାତ୍ରୀ ଜ୍ୟୋତିର୍ମୟୀ ପଧାନ ୯.୧୮, ବିଜ୍ଞାନ ବିଭାଗରେ କମ୍ପ୍ୟୁଟର ବିଜ୍ଞାନ ଛାତ୍ର ପାର୍ଥ ପ୍ରତୀମ ଖମାରୀ ୯.୩୧, ବାଣିଜ୍ୟ ବିଭାଗରେ ନାଇସ୍ କଲେଜ ଅଫ୍ କମର୍ସ ଛାତ୍ର ମୁକେଶ ସାହୁ ସର୍ବୋଚ୍ଚ ୮.୫୭ ସିଜିପିଏ ମାର୍କ ରଖି ପାସ୍ କରିଛନ୍ତି। ଏହାବାଦ୍ ଆନ୍ଥ୍ରୋପୋଲଜିରେ ସୋନପୁର ମଡେଲ କଲେଜ ଛାତ୍ରୀ ଆଶାରାଣୀ କୁଅଁର, ଅର୍ଥନୀତିରେ ସୋନପୁର ଡିଗ୍ରୀ କଲେଜ ଛାତ୍ର କିଶନ ପ୍ରଧାନ, ଶିକ୍ଷାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରୀ ବିଶ୍ୱ ଯଶସ୍ୱିନୀ ଭୋଇ, ଇଂରାଜୀରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ର ପ୍ରିୟପ୍ରିତମ ମିଶ୍ର, ଭୂଗୋଳରେ ରଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରୀ ସୃଷ୍ଟି ସୁଚରିତା ମିଶ୍ର, ହିନ୍ଦୀରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରୀ ସ୍ୱରୂପା ସିଂ, ଇତିହାସରେ ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି କଲେଜ ଛାତ୍ର କୋଦଣ୍ଡଧର ମେହେର, ଗୃହବିଜ୍ଞାନରେ ଲୋଇସିଂହା ଡିଗ୍ରୀ କଲେଜ ଛାତ୍ରୀ ଅରୁନ୍ଧତୀ ବ୍ରହ୍ମା, ଓଡିଆରେ ଡୁଙ୍ଗୁରିପାଲି ଡିଗ୍ରୀ କଲେଜ ଛାତ୍ରୀ ସୌଦାମିନୀ ଦଣ୍ଡସେନା, ଦର୍ଶନରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରୀ ଶିବାଶ୍ରୀ ସାହୁ, ରାଜନୀତି ବିଜ୍ଞାନରେ ସଇଁତଲା ପଞ୍ଚାୟତ ସମିତି କଲେଜ ଛାତ୍ରୀ ବର୍ଷାରାଣୀ ଷଡଙ୍ଗୀ, ମନୋବିଜ୍ଞାନରେ ବଲାଙ୍ଗୀର ସରକାରୀ ମହିଳା କଲେଜ ଛାତ୍ରୀ ଶୋଭନା ଦାଶ, ସଂସ୍କୃତରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରୀ ଜ୍ୟୋତିର୍ମୟୀ ପଧାନ, ସାମାଜିକ ବିଜ୍ଞାନ ସୋନପୁର ମୋଡେଲ କଲେଜ ଛାତ୍ର ନୀଳମଣି ଦିଶ୍ରୀ, ଉଦ୍ଭିଦ ବିଜ୍ଞାନରେ ଲୋଇସିଂହା କଲେଜ ଛାତ୍ରୀ ଗ୍ରୀଷ୍ମା ମିଶ୍ର, ରସାୟନ ବିଜ୍ଞାନରେ ସୋନପୁର କଲେଜ ଛାତ୍ର ସୃଷ୍ଟି ସୁମନ ପ୍ରଧାନ, ଗଣିତରେ ଯୁବୋଦୟ କଲେଜ ଅଫ୍ ଆଡଭାନ୍ସ ଟେକନୋଲଜି ଛାତ୍ରୀ ଜ୍ୟୋତିମୟୀ ଭୋଇ, ପଦାର୍ଥ ବିଜ୍ଞାନରେ ଯୁବୋଦୟ କଲେଜ ଅଫ୍ ଆଡଭାନ୍ସ ଟେକନୋଲଜି ଛାତ୍ର ଅମ୍ରିତ ଭୋଇ, ପ୍ରାଣୀବିଜ୍ଞାନରେ ପାଟଣାଗଡ ଜବାହାଲଲାଲ ଡିଗ୍ରୀ କଲେଜ ଛାତ୍ରୀ ସ୍ମରଣିକା ନାଥ ସର୍ବୋଚ୍ଚ ମାର୍କ ରଖି ପାଶ୍ କରିଛନ୍ତି।



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶ ଅବସରରେ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ଓ ଅନ୍ୟମାନେ।

- **ସ୍ନାତକରେ ପାର୍ଥ, ସ୍ନାତକୋତ୍ତରରେ ଅଭିଜିତ, ପାୟଲ ବିଶ୍ୱବିଦ୍ୟାଳୟ ଟପ୍ପର**
- **ସ୍ନାତକୋତ୍ତରରେ ୮୧.୬୨, ସ୍ନାତକରେ ୫୫.୮୧ ପ୍ରତିଶତ ପାସ୍**
- **ସ୍ନାତକୋତ୍ତର କଳାରେ ୮୫.୮୪, ବିଜ୍ଞାନରେ ୭୯.୪୬, ବାଣିଜ୍ୟରେ ୬୪.୧୦ ପ୍ରତିଶତ ପାସ୍ ହାର**
- **ସ୍ନାତକ କଳାରେ ୫୪.୭୮, ବିଜ୍ଞାନରେ ୬୦.୪୯, ବାଣିଜ୍ୟରେ ୫୬.୫୧ ପ୍ରତିଶତ ପାସ୍ ହାର**

# ଆଦିବାସୀ ସଂଘର ବିକ୍ଷୋଭ ପ୍ରଦର୍ଶନ



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବଲାଙ୍ଗୀର,୨୮।୬(ବୀରେନ୍ଦ୍ର କୁମାର ଝାଙ୍କର)**

ଭୁବନେଶ୍ୱର କିସ୍ ବିଶ୍ୱବିଦ୍ୟାଳୟ ବିରୋଧୀ କାର୍ଯ୍ୟାନୁଷ୍ଠାନ ତୁରନ୍ତ ବନ୍ଦ କରିବା ଦାବି ନେଇ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ଏବଂ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଦିବାସୀ ବିରୋଧୀ କାର୍ଯ୍ୟ ଯୋଗୁ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍‌ଙ୍କୁ ମନ୍ତ୍ରୀମଣ୍ଡଳରୁ ପ୍ରତ୍ୟାହାର କରିବାକୁ ଆଦିବାସୀମାନେ ଦାବି କରିଥିଲେ। ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଯୋଗାଇବା ଦିଗରେ ଭୁବନେଶ୍ୱର କିସ୍ ଅନୁଷ୍ଠାନ ଏକ ଆନ୍ତର୍ଜାତିକ ଅନୁଷ୍ଠାନ। ଏହି ଶିକ୍ଷାନୁଷ୍ଠାନରେ ଓଡିଶା, ଛତିଶଗଡ, ଝାଡ଼ଖଣ୍ଡ, ବିହାର ଏବଂ ଉତ୍ତର ଭାରତର ବିଭିନ୍ନ ପ୍ରଦେଶର ଆଦିବାସୀମାନେ ପାଠ ପଢୁଛନ୍ତି। ଏହାସତ୍ତ୍ୱେ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ କିସ୍ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଉଦ୍ୟମ କରିଛନ୍ତି। ୧୦ ଏକର ଜଙ୍ଗଲ ଜମିକୁ ରାଜ୍ୟ ସରକାର କିସ୍ ବିଶ୍ୱବିଦ୍ୟାଳୟ ନାମରେ ମଞ୍ଜୁରୀ କରିଥିଲେ। ନୂଆ ସରକାର ଆସିବା ପରେ କିସ୍ ଉପରେ ଅହଂ ମନୋଭାବ ରଖି କାର୍ଯ୍ୟାନୁଷ୍ଠାନ କରାଯାଇଛି। ସେହି ୧୦ ଏକର ଜମିକୁ କିସକୁ ଫେରାଇବା ଦାବିରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସ୍ଥାନୀୟ ଯାଦବ ଭବନଠାରୁ ସାଂସ୍କୃତିକ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଆଦିବାସୀ ନେତା ଓ ସଦସ୍ୟ ଉପସ୍ଥିତ ଥିଲେ। ଜିଲାପାଳ କାର୍ଯ୍ୟାଳୟ ଜରିଆରେ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଶିକ୍ଷକ ଆବଶ୍ୟକ
୬ଷ୍ଠରୁ ୮ମ ଶ୍ରେଣୀ ପାଇଁ ଏକ ତାଲିମପ୍ରାପ୍ତ ଗଣିତ ଶିକ୍ଷକ ଆବଶ୍ୟକ।
ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର
ପାଣ୍ଡରା, ରସୁଲଗଡ଼, ଭୁବନେଶ୍ୱର
Mob.: 8763123782 9937619497

SCRPIO ଗାଡ଼ି ଚଳାଇବା ପାଇଁ ପୋଖତ କୁଶଳୀ DRIVER ଆବଶ୍ୟକ।
ଯୋଗାଯୋଗ କରନ୍ତୁ:
ସୁରେନ୍ଦ୍ର ଦାସ
Mob.: 9438731046

କର୍ମଚାରୀ ଆବଶ୍ୟକ
Construction Office ଭୁବନେଶ୍ୱରରେ Office କାର୍ଯ୍ୟରେ ଅଭିଜ୍ଞ ଥିବା Computer/Data Entry Operator, Engineer ସହ Marketing, Office Staff, Store Keeper, Accountant ଏବଂ Driver ଆବଶ୍ୟକ।
ରହିବା, ଖାଇବା ସୁବିଧା ଉପଲବ୍ଧ
Contact: 9937199625

STAFF WANTED
Qualification 10th second Division, Computer Operational Experience Age- 30-50. Salary-10,000/- on merit (yearly increment) Free Accommodation even family. Apply Bio-data, documents, mobile number through post suitable applicant will be telephoned for interview at Candidates expenses. L R PALO (CONVENOR), PALO COLONY, BHANJANAGAR-761126, 9438572007

See Career Appointment on every Wednesday & Saturday

WANTED
ଭୁବନେଶ୍ୱର ଏକ କଲ୍ୟାଣ ମଣ୍ଡପ ପାଇଁ ବଗିଚା କାମ/କେୟାର ଟେକର ଆବଶ୍ୟକ। ଦରମା: ୯୦୦୦/- + (Extra Tips). ସ୍ୱାମୀ/ସ୍ତ୍ରୀ ରହିବା ପାଇଁ ଘର ଦିଆଯିବ।
ଯୋଗାଯୋଗ:
7504690838, 9827516256

# ଜଙ୍ଗଲ ଜମିରୁ ଠିକା ସଂସ୍ଥା ମାଟି ଉଠାଉଥିବା ଅଭିଯୋଗ

**ସଇଁତଲା,୨୮।୬(ରାଖାଲ ପ୍ରସାଦ ଶତପଥି)**

ବଲାଙ୍ଗୀର ଜିଲା ଟିଟିଲାଗଡ଼-ସମ୍ବଲପୁର ତୃତୀୟ ରେଳ ଲାଇନ କାର୍ଯ୍ୟ ଚାଲିଛି। ଠିକା ସଂସ୍ଥା ଟିଟିଲାଗଡ଼ ପଟରୁ ରେଳ ଲାଇନ ବିଛାଇବା ପାଇଁ ମାଟି ପକାଉଛି। ଠିକା ସଂସ୍ଥା ସଇଁତଲା ବ୍ଲକ ଅନ୍ତର୍ଗତ ଗୋଏଲଭାଡ଼ି ଜଙ୍ଗଲ ମଧ୍ୟରୁ ଶହ ଶହ ଟ୍ରିପ ମାଟି ଉଠାଇ କାର୍ଯ୍ୟ କରୁଛି। ଗୋଏଲଭାଡ଼ି ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ବେଆଇନ ଭାବରେ ମାଟି ଉଠାଇ କାର୍ଯ୍ୟ କରୁଥିବା ଅଭିଯୋଗ ପାଇ ସ୍ଥାନୀୟ ତହସିଲଦାର ଆଶିଷ ଏକ୍କା ଦୁଇଦିନ ପୂର୍ବେ ଘଟଣାସ୍ଥଳକୁ ପରିଦର୍ଶନରେ ଯାଇଥିଲେ। ଏକ୍କା ଘଟଣାସ୍ଥଳରେ ପହଞ୍ଚିବା ସମୟରେ ସେଠାରେ ମାଟି ଖୋଳାଯାଇଥିବା ଦେଖିଥିଲେ। ବେଆଇନ ଭାବରେ ମାଟି ଉଠୁଥିବା ଘଟଣା ବିଷୟରେ ଏକ୍କାଙ୍କୁ ପଚାରିବାରୁ ଠିକା ସଂସ୍ଥା ବିନା ଅନୁମତିରେ ଜଙ୍ଗଲ ମଧ୍ୟରୁ ମାଟି ନେଇ ରେଳ ଲାଇନ ବିଛାଇବା ପାଇଁ ମାଟି କାମ କରୁଥିବା କହିଥିଲେ। ଶୁକ୍ରବାର ପୁଣି ଥରେ ସଇଁତଲା ଏବଂ ଟିଟିଲାଗଡ଼ ତହସିଲଦାର ଯାଇଥିବାବେଳେ ସେଠାରେ ଏକ ଟ୍ରକରେ ମାଟି ଅଣାଯାଉଥିବା ଦେଖି ତହସିଲଦାର ଦ୍ୱୟ ଗାଡ଼ି ଚାଳକଙ୍କୁ ମାଟି ଉଠାଉଥିବା ଏବଂ ମାଟି ଉଠାଇବା ପାଇଁ ନିୟମ ଅନୁସାରେ ରୟାଲଟି କାଗଜପତ୍ର ଦେଖାଇବାକୁ କହିଥିଲେ। କିନ୍ତୁ ଟ୍ରକ ଚାଳକ ମାଟି ନେଉଥିବାବେଳେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିବାରୁ ରୟାଲଟି ବାବଦରେ ଟିଟିଲାଗଡ଼ ତହସିଲ ତରଫରୁ ୩୦ହଜାର ଟଙ୍କା ଏବଂ ସଇଁତଲା ତହସିଲ ତରଫରୁ ୭୦ ହଜାର ଟଙ୍କା ଟ୍ରକ ମାଲିକଙ୍କୁ ଜରିମାନା କରିଥିଲେ।

# ବଲାଙ୍ଗୀର ଜିଲାର ମନ୍ତ୍ରୀ, ୩ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର,୨୮।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଜିଲାର ନବନିର୍ବାଚିତ ବିଧାୟକ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାମ୍ବାଦିକ ସଂଘ ସଭାପତି ଶିବପ୍ରସାଦ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଟିଂ ହଲଠାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଏବଂ ଟିଟିଲାଗଡ ବିଧାୟକ ନବୀନ ଜୈନ୍ ଯୋଗଦାନ କରିଥିଲେ। ସଂଘ ପକ୍ଷରୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀ ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ଡ. ମହାଲିଙ୍ଗ ନୂଆ ସରକାର ଆସିବା ପରେ ବଲାଙ୍ଗୀର ଜିଲାରୁ ଦୁଇଜଣ ବିଧାୟକଙ୍କୁ କ୍ୟାବିନେଟ୍ ମନ୍ତ୍ରୀ କରାଯାଇଛି। ଜିଲାର ୪ ଜଣ ଭାଜପା ବିଧାୟକ ବିଜୟୀ ହୋଇଛନ୍ତି। ଏଣୁ ଜିଲାବାସୀ ନୂଆ ସରକାର ଠାରୁ ଅନେକ କିଛି ଆଶା କରିବା ସ୍ୱାଭାବିକ। ଜିଲାବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ଦିଗରେ ଆମ ସରକାର ନିହାତି କାମ କରିବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଥିଲେ। ସେ ନିଜେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଥିବାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଅନେକ ସମସ୍ୟାର ସମାଧାନ ଦିଗରେ ଚେଷ୍ଟା କରିବେ। ସମୟାନୁକ୍ରମେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ କିଭଳି ପିଜି ବିଭାଗ ଖୋଲିବ ସେ ଦିଗରେ ପଦକ୍ଷେପ ନେବେ ବୋଲି ସେ କହିଥିଲେ। ରାଜ୍ୟର ବିକାଶରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ସରକାର ଅଧିକ ସଙ୍ଗଠିତ ଏବଂ ସମନ୍ୱୟର ସହ କାର୍ଯ୍ୟ କରିବ ବୋଲି କହିଥିଲେ। ବିଧାୟକ କଳିକେଶ ନାରାୟଣ ତାଙ୍କ ବକ୍ତବ୍ୟରେ ତାଙ୍କ ବଡଭାଇ ତଥା ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ ଉପମୁଖ୍ୟମନ୍ତ୍ରୀ ହୋଇଥିବାରୁ ଏବଂ ତାଙ୍କ ଉପରେ କୃଷିବିଭାଗ ମନ୍ତ୍ରଣାଳୟ ଥିବାରୁ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉପରେ ଜୋର ଦେବେ ବୋଲି କହିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ଭୀମଭୋଇ ମେଡିକାଲ କଲେଜର ବିଭିନ୍ନ ସମସ୍ୟା ସମାଧାନ ଉପରେ ଜୋର ଦେବେ ବୋଲି କହିଥିଲେ। ଭାଜପା ସରକାର ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରୁ ବୋଲି ଦାବି କରିଥିଲେ। କଣ୍ଟାବାଞ୍ଜି ବିଧାୟକ ବାଗ ଦାଦନ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଟିଟିଲାଗଡ଼ ବିଧାୟକ ଜୈନ ଟିଟିଲାଗଡର ସାମଗ୍ରିକ ବିକାଶ ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ। ସଭାକୁ ସତ୍ୟସୁନ୍ଦର ଭଞ୍ଜ ସଂଯୋଜନା କରିଥିଲେ। ହିମାଂଶୁ ଶେଖର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥି ଧନ୍ୟବାଦ ଦେଇଥିଲେ।




ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଜିଲାର ମନ୍ତ୍ରୀ ଓ ବିଧାୟକ।

**ଭୀମଭୋଇ ମେଡିକାଲ କଲେଜରେ ଆଗକୁ ଖୋଲିବ ପିଜି ବିଭାଗ: ସ୍ୱାସ୍ଥ୍ୟମନ୍ତ୍ରୀ**

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି

**ମୁରିବାହାଲ,୨୮।୬(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଯୋଜନା କିଭଳି ସଫଳ ହେବ ଏବଂ ଜବକାର୍ଡଧାରୀ କିପରି ଠିକ୍ ଭାବରେ କାମ ପାଇପାରିବେ ବ୍ଲକ ପ୍ରଶାସନ ସେ ଦିଗରେ ପଦକ୍ଷେପ ନେବାକୁ ବିଧାୟକ ବାଗ କହିଥିଲେ। ଟିଟିଲାଗଡ଼ ଉପଜିଲାପାଳ ରିହାନ କ୍ଷେତ୍ରୀ, ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ବ୍ଲକ ଉପାଧ୍ୟକ୍ଷ ଯାଜ୍ଞସେନି ହାତୀ, ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ବିଡିଓ ପୂର୍ଣ୍ଣାନନ୍ଦ ପଟେଲ ଉପସ୍ଥିତ ରହି ସାମାଜିକ ସୁରକ୍ଷା, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟକାରିତା ବିଷୟରେ ମତ ରଖିଥିଲେ। ଶ୍ରମଦିବସ ସୃଷ୍ଟି କରିବାରେ ବ୍ଲକରେ ହଳଦୀ ଗ୍ରାମ ପଞ୍ଚାୟତ, ଗରେଇ ଗ୍ରାମ ପଞ୍ଚାୟତ, ମାଲିସିରା ଗ୍ରାମ ପଞ୍ଚାୟତକୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଛି। ଏହା ସହ ଉକ୍ତ ଯୋଜନା ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଗ୍ରାମ୍ୟ ରୋଜଗାର ସେବକ କାଳିଆ ସାହୁଙ୍କୁ ମଧ ଟ୍ରଫି ଓ ମାନପତ୍ର ଦିଆଯାଇଛି। ବିଭିନ୍ନ ବିଭାଗର ଜଙ୍ଗଲ, ମୃର୍ତ୍ତିକା ସଂରକ୍ଷଣ, ଉଦ୍ୟାନ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଉକ୍ତ ଯୋଜନା ବିବରଣୀ ଅବଗତ କରାଇଥିଲେ। ମହିଳା ଗୋଷ୍ଠୀ, ଜିଆରଏସ/ ପିଇଓ/ ଜବ କାର୍ଡଧାରି, କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏପିଓ ବସନ୍ତ ବାଲିଆରସିଂହ ପରିଚାଳନା କରିଥିଲେ। ଏଇଇ ଅବିନାଶ ମୋଡି ଧନ୍ୟବାଦ ଅର୍ପଣ କରିଥିଲେ।

**Office of the Executive Engineer**
**Road Construction Department,**
**Road Division,Garhwa.**

**e-Procurement Notice**
For National Competitive Bidding
(Very Short Term Tender)

Re_e-Tender Reference No. : RCD/GARHWA/818/2023-24 (2nd Call) Date:- 27.06.2024

| | | |
|---|---|---|
| 1. | Name of the work | Widening, Strengthening & Reconstruction work of NH-75 to Manjhiaon PWD Road via Viktam Daleli Road (Total Length 9.084 km.) under Road Division, Garhwa |
| 2a. | Approximate Value of Work | Rs. 30,50,65,501.00 (Rupees Thirty crore Fifty Lac Sixty Five thousand Five hundred One) only. |
| b. | Bid Security* | Rs. 30,51,000.00 (Rupees Thirty Lac Fifty One thousand) only. |
| 3. | Time of Completion | 10 (Ten) Months. |
| 4. | Last date/Time for receipt of bids | 16-07-2024, 12.00 Noon |
| 5. | Date of Publication of Tender on website | 05-07-2024, 10.30 A.M. |
| 6. | Name & address of office Inviting tender | Executive Engineer, RCD, Road Division, Garhwa Pin Code - 822114 |
| 7. | Contact no. of Procurement officer | 06561-295161 |
| 8. | Helpline number of e-Procurement cell | 0651-2401010 |

Note :- The Bid Amount & Bid security will be decrease or increase.
*Further details can be seen on website* http://jharkhandtenders.gov.in
UCAN registration is mandatory for the bidders who are already registered in appropriate class with road construction department Govt. of Jharkhand.

Executive Engineer,
Road Construction Department,
Road Division,Garhwa.

PR 327963 (Road) 24-25 (D)

# ଟୋଲ ଫି ଛାଡ଼ ଦାବିରେ ଆନ୍ଦୋଳନ

**କେସିଙ୍ଗା,୨୮।୬(ତୁମେଶ୍ୱର ସାହୁ):** ଟୋଲ ଫି ଛାଡ ଦାବିରେ ଶୁକ୍ରବାର କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ନୁନମାଠସ୍ଥିତ ଟୋଲ ଗେଟ୍‌ରେ କେସିଙ୍ଗା ବିକାଶ ମଞ୍ଚ, ବିଭିନ୍ନ ସଙ୍ଗଠନ ଓ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନ କରିଥିଲେ। ଠିକାସଂସ୍ଥା ଫି ଛାଡ଼ କରିବା ପାଇଁ ରାଜି ହେଉ ନ ଥିବାବେଳେ ଅଞ୍ଚଳବାସୀ ରାଜପଥ ବିଭାଗ ନିୟମ ଅନୁସାରେ ଟୋଲ ଗେଟ୍‌ରୁ ୨୦ କିଲୋମିଟର ଭିତରେ ଥିବା ଲୋକଙ୍କୁ ଫି ଦେବାକୁ ପଡେନାହିଁ ବୋଲି ଯୁକ୍ତି ବାଢ଼ିଥିଲେ। ପରେ ଆନ୍ଦୋଳନକାରୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଉପସ୍ଥିତ ରହି ଗାଡ଼ିମୋଟରକୁ ଟୋଲ ଫ୍ରି କରିଦେଇଥିଲେ। ଏହି ସମୟରେ ଫି ଆଦାୟ କରୁଥିବା ଠିକା ସଂସ୍ଥାର କର୍ମଚାରୀ ଛତ୍ରଭଙ୍ଗ ଦେଇଥିଲେ। ଖବର ପାଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ସ୍ଥାନୀୟ ତହସିଲଦାର ପ୍ରଶାନ୍ତି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସୁରକ୍ଷା ଦୃଷ୍ଟିରୁ କେସିଙ୍ଗା ଥାନା ଅଧିକାରୀଙ୍କ ସମେତ ଏକପ୍ଲାଟୁନ ପୋଲିସ ମୁତୟନ ହୋଇଥିବା ଦେଖାଯାଇଥିଲା।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ରାଜଗାଙ୍ଗପୁର ଶାଖା
**ଦଖଲ ନୋଟିସ୍**
[ରୁଲ୍- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସେବାବଦ ପରବର୍ତ୍ତୀ ସୁଧ, ଆନୁସାଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଋଣଗ୍ରହୀତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଆକାଉଣ୍ଟ ନଂ / ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| ଋଣଗ୍ରହୀତା: କବିତା ଗୁପ୍ତା ଓ ରାଜଶେ ଗୁପ୍ତା, ଜାମନ୍‌ଦାର: କବିତା ଗୁପ୍ତା, ସା: ଦୁର୍ଗା ମନ୍ଦିର ନିକଟ, ତଲକିପତା, ଜିଲ୍ଲା - ରାଜଗାଙ୍ଗପୁର | ଶ୍ରୀ କବିତା ଗୁପ୍ତାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୪/୪୨୭୦, ଖାତା ନଂ.: ୫୧୬/୧୧୪୭, ମୌଜା: ରାଜଗାଙ୍ଗପୁର, କିସମ: ଘରବାରୀ, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, ଜିଲ୍ଲା: ରାଜଗାଙ୍ଗପୁର | ୧୯.୦୪.୨୦୨୪ ସୁଦ୍ଧା ଟ.୯,୫୧,୭୭୮/- ଏବଂ ସେବାବଦପରବର୍ତ୍ତୀ ସୁଧ, ଆନୁସାଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ | ୧୯.୦୪.୨୦୨୪ / ୨୪.୦୬.୨୦୨୪ |

ସ୍ଥାନ: ରାଜଗାଙ୍ଗପୁର, ତାରିଖ: ୨୮.୦୬.୨୦୨୪
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

WANTED
ଧରିତ୍ରୀ DHARITRI Oriya daily
is looking for
SENIOR ACCOUNTS EXECUTIVES
- Candidates should have at least 5 years + experience in the field of Accounts.
- Should have handled the Debtors Account, Bank reconciliation, Income Tax, Balance Sheet, Cash handling, MIS, day to day accounting, verification of bills and Tally entry.
- Proficiency in MS Excel, MS Word, & Tally is a must.

Apply immediately to :
recruitment@dharitri.com
Attractive salary commensurate with experience

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**REQUIREMENT OF COMMITTED, PROMISING AND RESULT ORIENTED EXECUTIVES**

National Aluminium Company Limited (NALCO), a Leading Navratna PSU is the largest integrated Alumina-Aluminium complex of Asia having state of art technology with its Corporate Office at Bhubaneswar, Odisha.

NALCO is looking for professionals in the following grades and disciplines for its production units / offices in different locations.

| Name of the Post /Grade | Total No. of Posts |
|---|---|
| Executive Director(H&A)/E09 | 1 |
| Group General Manager (H&A)/ E08 | 3 |
| General Manager (H&A)/E07 | 3 |
| Group General Manager (Mining)/E08 | 1 |
| General Manager (Mining)/E07 | 2 |
| General Manager (Finance)/E07 | 5 |
| General Manager (Civil)/E07 | 2 |

Important Dates:

| | |
|---|---|
| Opening of online Submission of application | 02 Jul, 2024 |
| Last date of Submission of online application | 31 Jul, 2024 |

The interested candidates may visit the **Career Section** of website of the Company at **www.nalcoindia.com** for further details.

Advt. No. 10240304, Date : 24/06/2024
General Manager (H&A)-R&P

## ସଂକ୍ଷେପରେ

### କୁକୁର କାମୁଡ଼ାରେ ଶିଶୁ ଗୁରୁତର

କୋକସରା,୨୮।୬ (ଦୁଷ୍ମନ୍ତ କୁମାର ପାଟଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଅଞ୍ଚଳରେ କୁକୁରଙ୍କ ଉତ୍ପାତ ଦେଖାଦେଇଛି। ଶୁକ୍ରବାର କୁକୁର କାମୁଡ଼ାରେ ଜଣେ ଶିଶୁ ଗୁରୁତର ହୋଇଛନ୍ତି। ସେ ହେଲେ ଲଦୁଗାଁ ପଞ୍ଚାୟତ ଆଇଁଲି ଗ୍ରାମର ମାର୍କଣ୍ଡ ବାଣୁଆଙ୍କ ୫ ବର୍ଷର ପୁଅ ପ୍ରହ୍ଲାଦ ବାଣୁଆ। ପ୍ରହ୍ଲାଦ ଟ୍ୟୁଶନ ସାରି ଘରକୁ ଫେରିବା ବାଟରେ ବୁଲା କୁକୁର ଆକ୍ରମଣର ଶିକାର ହୋଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଠେଙ୍ଗା ବାଡ଼ି ଧରି କୁକୁରକୁ ଘଉଡ଼ାଇ ଶିଶୁକୁ ଉଦ୍ଧାର କରିଥିଲେ। ପରିବାର ଲୋକେ ତାଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ନର୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

ନର୍ଲା,୨୮।୬(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଗୋଛାୟତ ଅଧକ୍ଷତା କରିଥିଲେ। ନର୍ଲା ବିଧାୟିକା ମନୋରମା ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଉପସ୍ଥିତ ସଦସ୍ୟମାନଙ୍କୁ ପଚାରି ବୁଝିଥିଲେ। ସମ୍ମାନିତ ଅତିଥି ଭାବେ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନା, ବ୍ଲକ୍ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟଦେବ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ବିନୋଦିନୀ ପଣ୍ଡା, ପୁଷ୍ପାରାଣୀ ଚନ୍ଦ୍ରାକର, ପ୍ରଶାନ୍ତ କୁମାର ରଣା, ଫାର୍ମାସିଷ୍ଟ ଶାନ୍ତନୁ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଶବ ବ୍ୟବଚ୍ଛେଦ ଗୃହ, ଡାକ୍ତର ସମସ୍ୟା, ବିଭିନ୍ନ ଯନ୍ତ୍ରପାତି ପରିଚାଳନା ପାଇଁ ଥ୍ରୀ ଫେଜ୍ ଲାଇନ କନେକ୍ସନ, ଡାକ୍ତରଖାନା ପରିସରରେ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

# ସ୍ତ୍ରୀ, ପ୍ରେମିକଙ୍କୁ ଆଜୀବନ କାରାଦଣ୍ଡ

**ବହୁଚର୍ଚ୍ଚିତ ଗତିକୃଷ୍ଣ ହତ୍ୟା ମାମଲା**

ସୁନ୍ଦରଗଡ,୨୮।୬(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସହର ବ୍ରାହ୍ମଣପଡା ଗତିକୃଷ୍ଣ ପୁରୋହିତ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ଏହି ମାମଲାର ଶୁଣାଣି କରି ମୃତକଙ୍କ ସ୍ତ୍ରୀ ସୀତୁ ପଣ୍ଡା (୩୭) ଓ ପଡୋଶୀ ଛତିଶଗଡ ରାଜ୍ୟ ରାୟଗଡ ଜିଲା ଚକ୍ରଧରନଗର ଥାନା ଜାମଗାଁର ତାଙ୍କ ପ୍ରେମିକ ବିଶ୍ୱରଞ୍ଜନ ଗୁପ୍ତା(୪୩)ଙ୍କୁ ଆଇପିସିର ଦଫା ୩୦୨, ୨୦୧, ୧୨୦-ଖରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୫ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡଦେଶ ଶୁଣାଇଛନ୍ତି। ଏଥିସହିତ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଗତିକୃଷ୍ଣଙ୍କ ନାବାଳିକା ଝିଅଙ୍କୁ ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ଆଦେଶ କରିଛନ୍ତି। ମାମଲାର ରାୟ ବିବରଣୀରୁ ପ୍ରକାଶ, ବ୍ରାହ୍ମଣପଡାର ଗତିକୃଷ୍ଣଙ୍କ ସ୍ତ୍ରୀ ସୀତୁ ପଣ୍ଡାଙ୍କର ବିଶ୍ୱ ରଞ୍ଜନ ସହ ବିବାହ ପୂର୍ବରୁ ପ୍ରେମସମ୍ପର୍କ ଥିଲା। ବିବାହ ପରେ ମଧ୍ୟ ବିଶ୍ୱ ରଞ୍ଜନ ନିୟମିତ ବ୍ୟବଧାନରେ ସୁନ୍ଦରଗଡ ଆସି ତାଙ୍କ ସହ ମିଳାମିଶା କରୁଥିଲେ। ଦୁହେଁ ଗତିକୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ, ବିଶ୍ୱରଞ୍ଜନ ଗତିକୃଷ୍ଣଙ୍କୁ ଏକ ଢାବାକୁ ଖାଇଯିବାକୁ ଡାକି ନେଇ ରାସ୍ତାରେ ଛୁରି ଭୁସି ହତ୍ୟା କରିଥିଲେ। ପରେ ଏକ ଟାଟା ମ୍ୟାଜିକ ଗାଡିରେ ହେମଗିରି ଥାନା ଅଧୀନ ଧନୁ ବାଉଁଶ ଜଙ୍ଗଲରେ ପୋତି ଦେଇଥିଲେ। ପୋଲିସ ତଦନ୍ତ ସମୟରେ ମୋବାଇଲ ଫୋନକଲ ରେକର୍ଡରୁ ଏହି ହତ୍ୟା ମାମଲାର ଖିଅ ପାଇ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ତତ୍କାଳୀନ ଥାନା ଅଧିକାରୀ ସୁନ୍ଦରଗଡ ଟାଉନ ଥାନାରେ ଏକ ମାମଲା( ନଂ. ୧୩୦/୨୦୧୩)ରୁଜୁ କରି ତଦନ୍ତ କରିଥିଲେ। ୨୭ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ୨୮ ଗୋଟି ଦସ୍ତାବିଜ, ସରକାରୀ ଓକିଲଙ୍କ ଦୃଢ ଯୁକ୍ତି ଭିତ୍ତିରେ ଜିଲା ଦୌରା ଜଜ ପଟ୍ଟନାୟକ ଦଫା ୩୦୨ ଅନୁଯାୟୀ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ଏହି କେସ୍‌କୁ ଜିଲା ସରକାରୀ ଓକିଲ ଦିଲୀପ କୁମାର ମୁର୍ମୁ ପରିଚାଳନା କରୁଥିଲେ।

# ୯ନଂ ୱାର୍ଡ କାଉନସିଲର ଭାବେ ପୂର୍ଣ୍ଣଚନ୍ଦ୍ର ନିର୍ବାଚିତ

ରାଜଗାଙ୍ଗପୁର,୨୮।୬(ଅଶୋକ ପାଣି)



ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌରପରିଷଦର ୯ନଂ. ୱାର୍ଡ କାଉନସିଲର ଭାବେ ଅନ୍ତରିକ୍ଷ ପଲେଇ ଗତ ପୌର ନିର୍ବାଚନରେ ବିଜୟଲାଭ କରିଥିଲେ। କିନ୍ତୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପୂର୍ଣ୍ଣଚନ୍ଦ୍ର ରାଉତ ଅନ୍ତରିକ୍ଷ ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଅଭିଯୋଗ ଆଣି ସୁନ୍ଦରଗଡ ଦୌରାଜଜଙ୍କ କୋର୍ଟରେ କେସ ନଂ. ୧୨୨ ଦାଖଲ କରିଥିଲେ। କୋର୍ଟରେ ବିଭିନ୍ନ ସାକ୍ଷ୍ୟ ଓ ପ୍ରମାଣ ଦେଖି ଦୌରାଜଜ ୨୧.୬.୨୪ ରେ ଅନ୍ତରିକ୍ଷ ପଲେଇଙ୍କ ନିର୍ବାଚନ ପଦବୀକୁ ଅବୈଧ ଘୋଷଣା କରିଥିଲେ। ଏଥିସହ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଯଦି ପୂର୍ଣ୍ଣଚନ୍ଦ୍ର ରାଉତ ଯୋଗ୍ୟ ଅଟନ୍ତି ତେବେ ତାଙ୍କୁ ନିର୍ବାଚିତ ଘୋଷଣା କର। ଶୁକ୍ରବାର ଉପଜିଲାପାଳ ଅନ୍ତରିକ୍ଷ ପଲେଇଙ୍କ ନିର୍ବାଚନକୁ ଅବୈଧ ଘୋଷଣା କରିବା ସହ ପୂର୍ଣ୍ଣଚନ୍ଦ୍ର ରାଉତଙ୍କୁ ୯ନଂ ୱାଡର କାଉନସିଲର ଭାବେ ଘୋଷିତ କରିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ସୁନ୍ଦରଗଡ:୨୮।୬(ଜୟ ନାରାୟଣ ମେଣ୍ଡୁଲି)

ଝାରସୁଗୁଡା ବେଦାନ୍ତ ଆଲୁମିନିୟମ ତରଫରୁ ଏମସିଏଲ, ୟୁନାଇଟେଡ କୋଲ ଟ୍ରକ ଆସୋସିଏଶନ ଓ ମା' କାଳିକା ଟ୍ରାନ୍ସପୋର୍ଟ ମିଳିତ ସହଯୋଗରେ ଶୁକ୍ରବାର ଗର୍ଜନବାହାଲ ପ୍ରୋଜେକ୍ଟ ମାଇନ୍ସ ଅନ୍ତର୍ଗତ ନୂତନ ଟ୍ରକ ପାର୍କିଂ ୟାର୍ଡ ନିକଟରେ ଭାରିଯାନ ଚଳାଉଥିବା ଚାଳକଙ୍କୁ ନେଇ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାକାରଙ୍କୁ ନେଇ ପଥପ୍ରାନ୍ତ ନାଟକ ଓ ପାଲା ମାଧ୍ୟମରେ ଭାରୀ ଯାନ ଚାଳକଙ୍କୁ ସଚେତନ କରାଯାଇଥିଲା। ଏଥିରେ ୮ଟି ପରିବହନ ନିୟମାବଳୀ ପାଳନ କରିବାପାଇଁ ଚାଳକଙ୍କୁ ପରାମର୍ଶ ଦିଆଯାଇଥିଲା। ୮ଟି ପରିବହନ ନିୟମାବଳୀ ନିଷ୍ଠାର ସହିତ ପାଳନ କଲେ ଚାଳକ ଭାଇମାନେ ନିଜର ଜୀବନକୁ ସୁରକ୍ଷିତ ରଖିବା ସହ ନିଜ ପରିବାରକୁ ମଧ୍ୟ ସୁରକ୍ଷିତ ରଖି ପାରିବେ। ଏହାଦ୍ୱାରା ନିଜର ଆର୍ଥିକ ବ୍ୟବସ୍ଥା ସୁରକ୍ଷିତ ରହିବା ସହ ଭବିଷ୍ୟତ ମଧ୍ୟ ସୁରକ୍ଷିତ ରଖି ପାରିବେ। ଏହି ସଡ଼କ ସୁରକ୍ଷା ବ୍ୟତିକ୍ରମ କଲେ ତାର ଫଳାଫଳ ଭାରି କରୁଣ ହେବ ବୋଲି ଯମରାଜଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ମାଧ୍ୟମରେ ସାରଥୀମାନଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମସିଏଲ ବସୁନ୍ଧରା ଗର୍ଜନବାହାଲର ପ୍ରବନ୍ଧକ ପି ବି ରେଡ୍ଡୀ, ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ କୁମାର ଦାସ, ଝାରସୁଗୁଡା ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ସୁନ୍ଧି, ସିକ୍ୟୁରିଟି ଅଧିକାରୀ ରବି ପ୍ରତାପ ସାହି, ପଙ୍କଜ ସୁରେଖା, ଏର୍ନେଷ୍ଟୋ ମାଟେଲା, ସୁମିତ ବର୍ମନ, ମା କାଳିକା ଟ୍ରାନ୍ସପୋର୍ଟ ଡାଇରେକ୍ଟର ପ୍ରଫୁଲ୍ଲ କୁମାର ସୁନ୍ୟାନି, ଏସଟିଓଏ ସଭାପତି ରିତେଶ ପଟେଲ ଉପସ୍ଥିତ ରହି ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ୫୦୦ ଡ୍ରାଇଭର ଯୋଗଦେଇ ସୁରକ୍ଷା ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଜନ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଚାନ୍ଦ ଓ ବରଦା ପ୍ରସନ୍ନ ବିଶ୍ୱାଳ ସହଯୋଗ କରିଥିବା ବେଳେ ସଞ୍ଚିତା ପାଲ ମଞ୍ଚ ପରିଚାଳନା କରିଥିଲେ।

## ଟ୍ରାକ୍ଟର ଧକ୍କାରେ ୨ସ୍କୁଟି ଆରୋହୀ ମୃତ

ସୁନ୍ଦରଗଡ/ସବଡେଗା,୨୮।୬
(ଜୟ ନାରାୟଣ ମେଣ୍ଡୁଲି/ଅନନ୍ତ ପଟେଲ)

ସୁନ୍ଦରଗଡ ଜିଲା କରମଡିହି-ସବଡେଗା ରାସ୍ତାର ଡୁମେର ବାହାଲ ନାଏକ ନିକଟରେ ଶୁକ୍ରବାର ଏକ ଟ୍ରାକ୍ଟର ଧକ୍କାରେ ୨ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁବଳୟା ଗ୍ରାମର ଆରତୀ ନାଏକ ଓ ଧରୁଆଡିହିର ସୁକ୍ଳମା ପଟେଲ। ମୃତା ଆରତୀ ଭାଇଙ୍କ ରିପୋର୍ଟ ଉପରେ ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଚାଳକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ସୂଚନାଯୋଗ୍ୟ, ଦୁହେଁ ସବଡେଗା କୃଷି ବିଭାଗର କର୍ମଚାରୀ ଥିଲେ। ଶକୁବ୍ରାର ଅପରାହ୍ନ ୩ଟାରେ ଅଫିସରୁ ସ୍କୁଟି ଯୋଗେ ନିଜ ଘର ସୁବଳୟା ଫେରୁଥିବା ବେଳେ ଡୁମେର ବାହାଲ ନିକଟରେ ସୁନ୍ଦରଗଡ ପଟୁ ଯାଉଥିବା ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଦୁହିଁଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣା ଗସ୍ତ ଟ୍ରାକ୍ଟର ଓ ସ୍କୁଟିକୁ ଜବତ କରିଛି।

## ଦୃଷ୍ଟିଶକ୍ତି ହରାଇଥିବା ରୋଗୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ

ସମ୍ବଲପୁର,୨୮।୬ (ଭବାନୀ ଶଙ୍କର ଭୋଇ)

ଅନୁଗୋଳ ଜିଲାର ଘରୋଇ ନେତ୍ର ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଇ ଦୃଷ୍ଟିଶକ୍ତି ହରାଇ ଭିମସାରରେ ଚିକିତ୍ସିତ ହେଉଥିବା ଦୁଇ ରୋଗୀଙ୍କୁ ଶୁକ୍ରବାର ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ। ସେ ଚିକିତ୍ସାଧୀନ ସୁରେନ୍ଦ୍ର ନାଥ ଦେବ (୮୦) ଏବଂ ସୁଧାକର ପ୍ରଧାନ(୫୦)ଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ପୂର୍ବରୁ ୧୩ ରୋଗୀଙ୍କ ମଧ୍ୟରୁ ଶୁକ୍ରବାର ସୁଦ୍ଧା ୧୧ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଶିକ୍ଷକ ଆବଶ୍ୟକ
୬ଷ୍ଠରୁ ୮ମ ଶ୍ରେଣୀ ପାଇଁ ଏକ ତାଲିମପ୍ରାପ୍ତ ଗଣିତ ଶିକ୍ଷକ ଆବଶ୍ୟକ।
ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର
ପାଣ୍ଡରା, ରସୁଲଗଡ଼, ଭୁବନେଶ୍ୱର
Mob.: 8763123782 9937619497

SCRPIO ଗାଡ଼ି ଚଳାଇବା ପାଇଁ ପୋଖତ କୁଶଳୀ DRIVER ଆବଶ୍ୟକ।
ଯୋଗାଯୋଗ କରନ୍ତୁ:
ସୁରେନ୍ଦ୍ର ଦାସ
Mob.: 9438731046

କର୍ମଚାରୀ ଆବଶ୍ୟକ
Construction Office ଭୁବନେଶ୍ୱରରେ Office କାର୍ଯ୍ୟରେ ଅଭିଜ୍ଞ ଥିବା Computer/Data Entry Operator, Engineer ସହ Marketing, Office Staff, Store Keeper, Accountant ଏବଂ Driver ଆବଶ୍ୟକ।
ରହିବା, ଖାଇବା ସୁବିଧା ଉପଲବ୍ଧ
Contact: 9937199625

STAFF WANTED
Qualification 10th second Division, Computer Operational Experience Age- 30-50. Salary-10,000/- on merit (yearly increment) Free Accommodation even family. Apply Bio-data, documents, mobile number through post suitable applicant will be telephoned for interview at Candidates expenses. L R PALO (CONVENOR), PALO COLONY, BHANJANAGAR-761126, 9438572007

See Career Appointment on every Wednesday & Saturday

WANTED
ଭୁବନେଶ୍ୱର ଏକ କଲ୍ୟାଣ ମଣ୍ଡପ ପାଇଁ ବଗିଚା କାମ/କେୟାର ଟେକର ଆବଶ୍ୟକ।
ଦରମା: ୯୦୦୦/- + (Extra Tips).
ସ୍ୱାମୀ/ସ୍ତ୍ରୀ ରହିବା ପାଇଁ ଘର ଦିଆଯିବ।
ଯୋଗାଯୋଗ:
7504690838, 9827516256

# ଆଦିବାସୀ ଜମି ହଡ଼ପ ଅଭିଯୋଗ

ଝାରସୁଗୁଡ଼ା,୨୮।୬(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲାରେ ଆଦିବାସୀ ଜମି ହଡ଼ପ ନେଇ ଅଭିଯୋଗ ଏକ ଘଟଣା ଦେଖିବାକୁ ମିଳିଛି। ଅଭିଯୋଗ ଅନୁଯାୟୀ କୋଲାବିରା ବ୍ଲକ ଅନ୍ତର୍ଗତ ସୋଡାମାଲ ଗ୍ରାମର ଗୌରୀଶଙ୍କର ନାଏକଙ୍କ ୧୫ ଏକର ଜମି ତାଙ୍କ ବିନା ଅନୁମତିରେ ଅନ୍ୟ ନାମରେ ଟ୍ରାନ୍ସଫର୍ ହୋଇଛି। ସୂଚନା ଅନୁଯାୟୀ ବ୍ୟୟ ବନ୍ଦୋବସ୍ତ ଅନୁଯାଇ ଇନ୍ଦ୍ର ଠାକୁର ନାମକ ବ୍ୟକ୍ତିଙ୍କ ନାମରେ ଟ୍ରାନ୍ସଫର୍ ହୋଇଛି। ଯେଉଁଥିରୁ କିଛି ଜମି ବର୍ତ୍ତମାନ କେନାଲରେ ଯାଉଥିବାରୁ ଗୌରୀଶଙ୍କର ନାଏକ ପାଉଥିବା ରାଶି ଇନ୍ଦ୍ର ଠାକୁର ପାଇ ସାରିଛନ୍ତି। ଗୌରୀଶଙ୍କର ନାଏକଙ୍କ ବର୍ତ୍ତମାନ ଆର୍ଥିକ ସ୍ଥିତି ବହୁ ଦୁର୍ବଳ ଥିବାରୁ ତାଙ୍କ ଅନୁରୋଧ କ୍ରମେ ଆଦିବାସୀ ସଂଘ ସଭାପତି ପଦ୍ମଲୋଚନ ବୁଦୁଲା ନିଜେ ଜିଲାପାଳଙ୍କୁ ଲେଖି ଜଣାଇବା ସହ ତହସିଲଦାରଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ଏହାର ଶୀଘ୍ର ତଦନ୍ତ କରି ଉପଯୁକ୍ତ ଜମି ମାଲିକଙ୍କୁ ହସ୍ତାନ୍ତର କରିବାକୁ ଅନୁରୋଧ କରିଛନ୍ତି। ଏହି ଘଟଣା ପରେ ଆଦିବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମଧ୍ୟ ମିଳିଛି। ଦେଖିବାର ଅଛି ଜମି କାହା ହାତକୁ ଯାଉଛି।

# ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣରେ ଅବ୍ୟବସ୍ଥା

କୁତ୍ରା,୨୮।୬(ଦେବାଶିଷ ସାହୁ)

ବିଦ୍ୟାଳୟ ଖୋଲିବାର ପ୍ରଥମ ଦିନରୁ ହିଁ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦେବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ହେଲେ ବାସ୍ତବ ଚିତ୍ର ଭିନ୍ନ ଦେଖିବାକୁ ମିଳୁଛି। ସୁନ୍ଦରଗଡ ଜିଲା କୁତ୍ରା ବ୍ଲକରେ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ଯୋଗାଇ ଦେବାପାଇଁ ଦାୟିତ୍ୱ ନେଇଥିବା ସଂସ୍ଥାର ଅବହେଳା ତଥା ଅବ୍ୟବସ୍ଥା ଯୋଗୁ ଅନେକ ବିଦ୍ୟାଳୟ ଏବେ ମଧ୍ୟାହ୍ନ ଭୋଜନ ଦେବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଘଟଣାରୁ ଜଣାପଡିଛି, କୁତ୍ରା ବ୍ଲକରେ ଚାଉଳ ଯୋଗାଣ ପାଇଁ ଥିବା ସଂସ୍ଥା ବିଦ୍ୟାଳୟ ଗୁଡିକୁ ଚାଉଳ ଯୋଗାଇ ନାହିଁ। ଅନେକ ବିଦ୍ୟାଳୟରେ ବର୍ତ୍ତମାନ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ନାହିଁ। ଏଭଳି ସ୍ଥିତିରେ ଯେଉଁ କେତେକ ବିଦ୍ୟାଳୟ ଗୁଡିକରେ ପୂର୍ବ ଚାଉଳ ଗଚ୍ଛିତ ଅଛି ସେହି ବିଦ୍ୟାଳୟ କର୍ତ୍ତୃପକ୍ଷ ପାଇଁ ମଧ୍ୟାହ୍ନ ଭୋଜନ ପ୍ରଦାନରେ ଅସୁବିଧା ହେଉନାହିଁ। ହେଲେ ଯେଉଁ ବିଦ୍ୟାଳୟ ଗୁଡିକରେ ପୂର୍ବ ଚାଉଳ ସରିଯାଇଛି ସେଠାରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ଫଳରେ ସେମାନେ ଦୋକାନରୁ ଧାର ଉଧାର କରି ଅଥବା ନିଜ ପକେଟକୁ ପଇସା ଦେଇ ଚାଉଳ କିଣୁଛନ୍ତି। ଏନେଇ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କୁ ପଚରାଯିବାରୁ, କୁତ୍ରା ବ୍ଲକର ବିଦ୍ୟାଳୟ ଗୁଡିକୁ ଚାଉଳ ଯୋଗାଣ ପାଇଁ ଥିବା ସଂସ୍ଥା ଚାଉଳ ଯୋଗାଇ ଦେଇ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କହିଥିଲେ। ହେଲେ ଅନ୍ୟ ବ୍ଲକରୁ ଧାର ସୂତ୍ରରେ ଚାଉଳ ଆଣି ଯେଉଁ ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନ ଭୋଜନ ଚାଉଳ ସରିଯାଇଛି ସେମାନଙ୍କୁ ଆଜିଠାରୁ କିଛି ମାତ୍ରାରେ ଚାଉଳ ଯୋଗାଇ ଦେବା ପାଇଁ ଉକ୍ତ ସଂସ୍ଥା ବ୍ୟବସ୍ଥା ଗ୍ରହଣ କରିଥିବା ମଧ୍ୟ କହିଥିଲେ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ଯଥାଶୀଘ୍ର ସମସ୍ୟାର ସମାଧାନ କରିବା ଅଭିଭାବକ ମହଲରେ ଦାବି ହେଉଛି।

**Office of the Executive Engineer**
**Road Construction Department,**
**Road Division, Garhwa.**

**e-Procurement Notice**
For National Competitive Bidding
(Very Short Term Tender)

Re_e-Tender Reference No. : RCD/GARHWA/818/2023-24 (2nd Call) Date:- 27.06.2024

| | | |
|---|---|---|
| 1. | Name of the work | Widening, Strengthening & Reconstruction work of NH-75 to Manjhiaon PWD Road via Viktam Daleli Road (Total Length 9.084 km.) under Road Division, Garhwa |
| 2a. | Approximate Value of Work | Rs. 30,50,65,501.00 (Rupees Thirty crore Fifty Lac Sixty Five thousand Five hundred One) only. |
| b. | Bid Security* | Rs. 30,51,000.00 (Rupees Thirty Lac Fifty One thousand) only. |
| 3. | Time of Completion | 10 (Ten) Months. |
| 4. | Last date/Time for receipt of bids | 16-07-2024, 12.00 Noon |
| 5. | Date of Publication of Tender on website | 05-07-2024, 10.30 A.M. |
| 6. | Name & address of office Inviting tender | Executive Engineer, RCD, Road Division, Garhwa Pin Code - 822114 |
| 7. | Contact no. of Procurement officer | 06561-295161 |
| 8. | Helpline number of e-Procurement cell | 0651-2401010 |

Note :- The Bid Amount & Bid security will be decrease or increase.
*Further details can be seen on website* http://jharkhandtenders.gov.in
UCAN registration is mandatory for the bidders who are already registered in appropriate class with road construction department Govt. of Jharkhand.

Executive Engineer,
Road Construction Department,
Road Division, Garhwa.

PR 327963 (Road) 24-25 (D)

# ଜଣ୍ଡିସ୍ ନିୟନ୍ତ୍ରଣ ସଚେତନତା ଓରିଏଣ୍ଟେଶନ କାର୍ଯ୍ୟକ୍ରମ

ସମ୍ବଲପୁର,୨୮।୬(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ଅନ୍ତର୍ଗତ ଭୁତାପଡ଼ାସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବୀମାନଙ୍କ ଜଣ୍ଡିସ୍ ସଚେତନତା ଅଭିଯାନକୁ ନେଇ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ରାଣୀ ମିଶ୍ର ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ଭୂତାପଡ଼ା ହିନ୍ଦ କ୍ଲବ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ମୋଟ ୪୨ଜଣ ମହିଳା ଆରୋଗ୍ୟ ସମିତି ସଦସ୍ୟା ଓ ଆଶାକର୍ମୀ ଯୋଗଦେଇଥିଲେ। ଏଥିରେ ଜଣ୍ଡିସ୍ ନିରାକରଣ ପାଇଁ ଆବଶ୍ୟକ ପଦକ୍ଷେପ ସହିତ ଲୋକଙ୍କ ମଧ୍ୟରେ ଏନେଇ ସଚେତନତା ଜାଗ୍ରତ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଅଞ୍ଚଳର ଅନେକ ଛୋଟ ଶିଶୁ ଓ ବାଳିକା ବାଳକ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ଖାଇବା ପୂର୍ବରୁ ହାତ ଧୋଇବା ଭଳି ସ୍ୱଚ୍ଛତା ଅବଲମ୍ବନ ପାଇଁ ଉଦ୍ଦିଷ୍ଟ ଏକ ସ୍ଲୋଗାନର ଅଭ୍ୟାସ କରାଯାଇଥିଲା। ଏହାସହ ନୟାପଡ଼ାସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ଓ ଲାୟନ୍ସ କ୍ଲବ ଠାରେ ଆୟୋଜିତ କ୍ୟାମ୍ପ ମାଧ୍ୟମରେ ସନ୍ଦିଗ୍ଧ ଜଣ୍ଡିସ୍ ଆକ୍ରାନ୍ତ ଓ ସଂକ୍ରମିତ ଅଞ୍ଚଳରୁ ଶିଶୁଙ୍କ ରକ୍ତ ନମୂନା ସଂଗ୍ରହ ପାଇଁ କରାଯାଇଥିଲା। ଏଥିରେ ପ୍ରାୟ ୧୭ ଜଣ ଆକ୍ରାନ୍ତଙ୍କ ନମୂନା ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଜ୍ଞାନ ରଞ୍ଜନ ମହାନ୍ତି, ମାଇକ୍ରୋବାଇଲୋଜିଷ୍ଟ ବ୍ରଜରାଜ ପୃଷ୍ଟି, ଡାଟା ମ୍ୟାନେଜର ସନତ କୁମାର ବେହେରା, ସିଟି ପ୍ରୋଗ୍ରାମ ମ୍ୟାନେଜର ନିକୁ ରଞ୍ଜନ ପ୍ରତିହାରୀ, ସିଟି ଡାଟା ମ୍ୟାନେଜର କଲ୍ପା ପାରମାର ପ୍ରମୁଖଙ୍କ ସହିତ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟକର୍ମୀଙ୍କ ସହଯୋଗରେ ପରିଚାଳିତ ହୋଇଥିଲା।



ଶିଶୁଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଉଛି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ରାଜଗାଙ୍ଗପୁର ଶାଖା

**ଦଖଲ ନୋଟିସ୍**
[ରୁଲ୍- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସେବାବଦ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଋଣଗ୍ରହୀତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଆକାଉଣ୍ଟ ନଂ / ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| ଋଣଗ୍ରହୀତା: କବିତା ଗୁପ୍ତା ଓ ରାଜଶେ ଗୁପ୍ତା, ଜାମନ୍‌ଦାର: କବିତା ଗୁପ୍ତା, ସା: ଦୁର୍ଗା ମନ୍ଦିର ନିକଟ, ତଲକିପଡା, ଜିଲ୍ଲା - ରାଜଗାଙ୍ଗପୁର | ଶ୍ରୀ କବିତା ଗୁପ୍ତାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୪/୪୨୭୦, ଖାତା ନଂ.: ୫୧୬/୧୧୪୭, ମୌଜା: ରାଜଗାଙ୍ଗପୁର, କିସମ: ଘରବାରୀ, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, ଜିଲ୍ଲା: ରାଜଗାଙ୍ଗପୁର | ୧୯.୦୪.୨୦୨୪ ସୁଦ୍ଧା ଟ.୯,୫୧,୭୭୮/- ଏବଂ ସେବାବଦପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ | ୧୯.୦୪.୨୦୨୪ / ୨୪.୦୬.୨୦୨୪ |

ସ୍ଥାନ: ରାଜଗାଙ୍ଗପୁର, ତାରିଖ: ୨୮.୦୬.୨୦୨୪
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଜିଏମ୍‌ୟୁରେ ଛାତ୍ରୀଛାତ୍ରଙ୍କ ନାମଲେଖା

**ସହାୟତା ପାଇଁ ପ୍ରୋଗ୍ରେସିଭ ଜିଏମ୍‌ୟୁର ହେଲ୍ପଡେସ୍କ**

**ସମ୍ବଲପୁର,୨୮।୬(ପ୍ରମୋଦ ବହିଦାର):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ସୁରୁଖୁର ଆବେଦନ ଓ ନାମଲେଖା ପାଇଁ ପ୍ରୋଗ୍ରେସିଭ ଜିଏମ୍‌ୟୁ ତରଫରୁ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ପାଇଁ ଏକ ହେଲ୍ପ ଡେସ୍କ ଖୋଲାଯାଇଛି। ଏହି ସଙ୍ଗଠନ ପକ୍ଷରୁ ପ୍ରତି ବିଭାଗରେ ହେଲ୍ପ ଡେସ୍କ ସଦସ୍ୟମାନେ ଛାତ୍ରୀଛାତ୍ରଙ୍କ ସହାୟତା ପାଇଁ ନିୟୋଜିତ ହୋଇଥାଆନ୍ତି। ବିଶ୍ୱବିଦ୍ୟାଳୟର ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିବା ପାଇଁ ୫ଜଣ ଛାତ୍ର ନିଯୁକ୍ତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏହି କାର୍ଯକ୍ରମରେ ଛାତ୍ରନେତା ଚୁମନ ପ୍ରଧାନଙ୍କ ସହିତ ଶୁଭମ୍ ମହାନ୍ତି, ଲମ୍ବୋଦର ମେହେର, ସତ୍ୟମ୍ ପୂଜାରୀ, ଅଙ୍କିତ, ଆର୍ଯ୍ୟାନ୍ ବହିଦାର, ହରିଶ୍ ସାହୁ, ପ୍ରମୁଖ ଛାତ୍ରନେତାମାନେ ଉପସ୍ଥିତ ଥିଲେ।

WANTED
DHARITRI Oriya daily
is looking for
SENIOR ACCOUNTS EXECUTIVES
- Candidates should have at least 5 years + experience in the field of Accounts.
- Should have handled the Debtors Account, Bank reconciliation, Income Tax, Balance Sheet, Cash handling, MIS, day to day accounting, verification of bills and Tally entry.
- Proficiency in MS Excel, MS Word, & Tally is a must.

Apply immediately to : recruitment@dharitri.com
Attractive salary commensurate with experience

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

REQUIREMENT OF COMMITTED, PROMISING AND RESULT ORIENTED EXECUTIVES

National Aluminium Company Limited (NALCO), a Leading Navratna PSU is the largest integrated Alumina-Aluminium complex of Asia having state of art technology with its Corporate Office at Bhubaneswar, Odisha.

NALCO is looking for professionals in the following grades and disciplines for its production units / offices in different locations.

| Name of the Post /Grade | Total No. of Posts |
|---|---|
| Executive Director(H&A)/E09 | 1 |
| Group General Manager (H&A)/ E08 | 3 |
| General Manager (H&A)/E07 | 3 |
| Group General Manager (Mining)/E08 | 1 |
| General Manager (Mining)/E07 | 2 |
| General Manager (Finance)/E07 | 5 |
| General Manager (Civil)/E07 | 2 |

Important Dates:

| | |
|---|---|
| Opening of online Submission of application | 02 Jul, 2024 |
| Last date of Submission of online application | 31 Jul, 2024 |

The interested candidates may visit the **Career Section** of website of the Company at **www.nalcoindia.com** for further details.

Advt. No. 10240304, Date : 24/06/2024
General Manager (H&A)-R&P

# ସଫେଇ କାର୍ଯ୍ୟର ଘରୋଇକରଣ, ଠିକା କାମକୁ କେନ୍ଦ୍ରକରି ଉତ୍ତେଜନା

## ଦେବଗଡ଼ ପୌର ପରିଷଦ ବୈଠକ

ଦେବଗଡ଼,୨୮।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌର ପରିଷଦରେ ଶୁକ୍ରବାର କାଉନସିଲ ବୈଠକରେ ସଫେଇ କାର୍ଯ୍ୟର ଘରୋଇକରଣ ଓ ଠିକା କାମକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଛି। ବୈଠକରେ ଭାଜପାର ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ୬ ନମ୍ବର ୱାର୍ଡର ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା ଉପସ୍ଥିତ କେତେଜଣ କାଉନସିଲରଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ସନ୍ଧ୍ୟାରେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ୧ ନମ୍ବର ୱାର୍ଡର ବିଜେଡି କାଉନସିଲର ପ୍ରମିଳା ବେହେରା, ୨ ନମ୍ବର ୱାର୍ଡର ବିଜେଡି କାଉନସିଲର ସଞ୍ଜୁକ୍ତା ଆଚାର୍ଯ୍ୟ, ୩ ନମ୍ବର ୱାର୍ଡର ବିଜେଡି କାଉନସିଲର ବାସନ୍ତୀମଣି ମାଝି, ୫ ନମ୍ବର ୱାର୍ଡର ବିଜେଡି କାଉନସିଲର ଜତିନ କୁମାର ନାୟକ, ୮ ନମ୍ବର ୱାର୍ଡର ଭାଜପା କାଉନସିଲର ମଧୁସୂଦନ ବାଘ, ୧୦ ନମ୍ବର ୱାର୍ଡର ଭାଜପା କାଉନସିଲର ଇତିଶ୍ରୀ ମିଶ୍ର ଓ ୧୧ ନମ୍ବର ୱାର୍ଡର ଭାଜପା କାଉନସିଲର କାର୍ତ୍ତିକ ମହାକୁଳ ଦେବଗଡ ଆଦର୍ଶ ଥାନରେ



ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ପୌର ପରିଷଦ ଅଧ୍ୟକ୍ଷା ଓ ଉପରୋକ୍ତ କାଉନସିଲରମାନେ ଦେବଗଡ ଥାନାରେ କରିଥିବା ଅଭିଯୋଗ ଅନୁସାରେ ଶୁକ୍ରବାର ପୌର ପରିଷଦର ବୈଠକ ବସିଥିବା ବେଳେ ସହରର ସଫେଇ ଘରୋଇକରଣ କରିବା ନିମନ୍ତେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ଆଗତ ହୋଇଥିଲା। ମାତ୍ର ଏଥିରେ ପୌର ପରିଷଦର ଉପାଧ୍ୟକ୍ଷ ଭୋଜ ଓ ସ୍ୱାଧୀନ କାଉନସିଲର ଦେବତା ଏହାର ବିରୋଧ କରିବା ସହ ବୈଠକ ଶେଷ ହେବା ପରେ ସେମାନଙ୍କୁ କୁଆଡେ ଗାଳିଗୁଲଜ କିରବା ସହ ଦେବତା କାଉନସିଲର କାର୍ତ୍ତିକ ମହାକୁଳ ଓ ମଧୁସୂଦନ ବାଘଙ୍କୁ ଜୀବନାରେ ମାରିଦେବାକୁ ଧମକ ଦେଇଥିଲେ। ଏଥିସହ ୬ ନମ୍ବର ୱାର୍ଡର କେତେକ ସ୍ଥାୟୀ ବାସୀନ୍ଦାଙ୍କୁ ଡକାଇ କାଉନସିଲର ବାଘଙ୍କୁ ମାଡ ମଧ ମରାଇଥିଲେ। ସେହିପରି ସମସ୍ତ କାଉନସିଲରଙ୍କୁ ଗାଳିଗୋଲଜ କରିଥିଲେ। ଏଣୁ ସେମାନେ ପୌର ପରିଷଦ କାର୍ଯ୍ୟାଳୟରେ ନିଜକୁ ସୁରକ୍ଷିତ ମଣୁ ନ ଥିବା ଓ ଜୀବନ ପ୍ରତି ବିପଦ ରହିଥିବା ଦର୍ଶାଇ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଥିଲେ। ଅନ୍ୟପକ୍ଷରେ ଦେବଗଡ ପୌରାଞ୍ଚଳ ୬ ନମ୍ବର ୱାର୍ଡ ହାତୀଶାଳ ସାହିର ବିକି ମୁଖି ନାମକ ଜଣେ ସଫେଇ କର୍ମଚାରୀ ୧୦ ନମ୍ବର ୱାର୍ଡର କାଉନସିଲର ଇତିଶ୍ରୀ ମିଶ୍ରଙ୍କ ସ୍ୱାମୀ ରାଜୁ ଆଚାର୍ଯ୍ୟଙ୍କ ବିରୋଧରେ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ସଫେଇ କର୍ମଚାରୀ ମୁଖିଙ୍କ ଅଭିଯୋଗ ଅନୁଯାୟୀ ଶୁକ୍ରବାର ଅପରାହ୍ନ ୩ଟାରେ ସେ ଅନ୍ୟ ପୁରୁଷ ଓ ମହିଳା ସଫେଇ କର୍ମଚାରୀମାନଙ୍କ ସହିତ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟରତ ଥିବା ସମୟରେ ୧୦ ନମ୍ବର ୱାର୍ଡର କାଉନସିଲର ମିଶ୍ରଙ୍କ ସ୍ୱାମୀ ରାଜୁ ସେଠାକୁ ଆସି ଜାତିଅଣ ଆକ୍ଷେପ କରି ଗାଳିଗୁଲଜ କିରବା ସହ କୁଆଡେ 'ଠିକା କାମ ପାଇଁ କାହିଁକି ବିରୋଧ କରୁଛ' ବୋଲି କହି ହତ୍ୟା ଧମକ ଦେଇଥିବା ଦେବଗଡ ଥାନାରେ ଅଭିଯୋଗ କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ମାମଲା ରୁଜୁ ହୋଇ ନ ଥିବା ଏବଂ ପୋଲିସ ଉଭୟ ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ କରୁଥିବା ଜଣାପଡିଛି।

# ତଦନ୍ତ ହେଉ, ସତ ଆପେ ଜଣାପଡ଼ିବ: ସମ୍ପଦ ସ୍ୱାଇଁ

## କିସ୍ ଜମି ପ୍ରସଙ୍ଗ

ଭୁବନେଶ୍ୱର, ୨୮।୬(ସୁନିତ୍ ମିଶ୍ର)

ଭୁବନେଶ୍ୱର ସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇସେନ୍ସ (କିସ୍)ର ଜଙ୍ଗଲ ଜମି କିସମ ପରିବର୍ତ୍ତନ ନେଇ କିଛି କାର୍ଯ୍ୟାନୁଷ୍ଠାନ ହେବ କି ବୋଲି ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିବା ପରେ ସେ କହିଛନ୍ତି, ପ୍ରଥମେ ତଦନ୍ତ ହେଉ। ତଦନ୍ତ ହେଲେ ସବୁ ଆପେ ଆପେ ସତ ପଦାକୁ ଆସିଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଚନ୍ଦକା ବନ୍ୟଜନ୍ତୁ ଡିଭିଜନ ଅଧୀନରେ ଥିବା ୪.୦୩୨ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟାରେ ସ୍ପଷ୍ଟୀକରଣ ନ ମିଳିବା ପର୍ଯ୍ୟନ୍ତ ହସ୍ତାନ୍ତର କିମ୍ବା କୌଣସି ପଦକ୍ଷେପ ଗ୍ରହଣ ନ କରିବାକୁ କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରଣାଳୟ ଗତ ଜୁନ୍ ୨୧ରେ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଙ୍ଗଲ ଜମିର କିସମ ପରିବର୍ତ୍ତନକୁ ନେଇ କେନ୍ଦ୍ର ସରକାରଙ୍କ ନିକଟରେ ହୋଇଥିବା ଅଭିଯୋଗ ଆଧାରରେ କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ଜୁଏଲ ଓରାମ ଏହି ନିର୍ଦ୍ଦେଶନାମା ଜାରି କରିଥିଲେ।

# ଦୃଷ୍ଟିଶକ୍ତି ହରାଇଥିବା ରୋଗୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ

ସମ୍ବଲପୁର,୨୮।୬ (ଭବାନୀ ଶଙ୍କର ଭୋଇ)

ଅନୁଗୋଳ ଜିଲାର ଘରୋଇ ନେତ୍ର ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଇ ଦୃଷ୍ଟିଶକ୍ତି ହରାଇ ଭିମସାରରେ ଚିକିତ୍ସିତ ହେଉଥିବା ଦୁଇ ରୋଗୀଙ୍କୁ ଶୁକ୍ରବାର ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ। ସେ ଚିକିତ୍ସାଧୀନ ସୁରେନ୍ଦ୍ର ନାଥ ଦେବ (୮୦) ଏବଂ ସୁଧାକର ପ୍ରଧାନ(୫୦)ଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ପୂର୍ବରୁ ୧୩ ରୋଗୀଙ୍କ ମଧ୍ୟରୁ ଶୁକ୍ରବାର ସୁଦ୍ଧା ୧୧ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଦୃଷ୍ଟିଶକ୍ତି ହରାଇବା ଭଳି ସାଂଘାତିକ ଘଟଣା ପରେ ସଂପୃକ୍ତ କ୍ଲିନିକ ସିଲ୍ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆଇନ ଅନୁସାରେ ଆଗକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଶିକ୍ଷକ ଆବଶ୍ୟକ
୬ଷ୍ଠରୁ ୮ମ ଶ୍ରେଣୀ ପାଇଁ ଏକ ତାଲିମପ୍ରାପ୍ତ ଗଣିତ ଶିକ୍ଷକ ଆବଶ୍ୟକ।
ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର
ପାଣ୍ଡରା, ରସୁଲଗଡ଼, ଭୁବନେଶ୍ୱର
Mob.: 8763123782 9937619497

SCRPIO ଗାଡ଼ି ଚଳାଇବା ପାଇଁ ପୋଖତ କୁଶଳୀ DRIVER ଆବଶ୍ୟକ।
ଯୋଗାଯୋଗ କରନ୍ତୁ:
ସୁରେନ୍ଦ୍ର ଦାସ
Mob.: 9438731046

କର୍ମଚାରୀ ଆବଶ୍ୟକ
Construction Office ଭୁବନେଶ୍ୱରରେ Office କାର୍ଯ୍ୟରେ ଅଭିଜ୍ଞ ଥିବା Computer/Data Entry Operator, Engineer ସହ Marketing, Office Staff, Store Keeper, Accountant ଏବଂ Driver ଆବଶ୍ୟକ।
ରହିବା, ଖାଇବା ସୁବିଧା ଉପଲବ୍ଧ
Contact: 9937199625

STAFF WANTED
Qualification 10th second Division, Computer Operational Experience Age- 30-50. Salary-10,000/- on merit (yearly increment) Free Accommodation even family. Apply Bio-data, documents, mobile number through post suitable applicant will be telephoned for interview at Candidates expenses. L R PALO (CONVENOR), PALO COLONY, BHANJANAGAR-761126, 9438572007

See Career Appointment on every Wednesday & Saturday

WANTED
ଭୁବନେଶ୍ୱର ଏକ କଲ୍ୟାଣ ମଣ୍ଡପ ପାଇଁ ବଗିଚା କାମ/କେୟାର ଟେକର ଆବଶ୍ୟକ। ଦରମା: ୯୦୦୦/– + (Extra Tips). ସ୍ୱାମୀ/ସ୍ତ୍ରୀ ରହିବା ପାଇଁ ଘର ଦିଆଯିବ।
ଯୋଗାଯୋଗ:
7504690838, 9827516256

WANTED
ଧରିତ୍ରୀ DHARITRI Oriya daily
is looking for
SENIOR ACCOUNTS EXECUTIVES
- Candidates should have at least 5 years + experience in the field of Accounts.
- Should have handled the Debtors Account, Bank reconciliation, Income Tax, Balance Sheet, Cash handling, MIS, day to day accounting, verification of bills and Tally entry.
- Proficiency in MS Excel, MS Word, & Tally is a must.
Apply immediately to :
recruitment@dharitri.com
Attractive salary commensurate with experience

# ଆଦିବାସୀ ଜମି ହଡ଼ପ ଅଭିଯୋଗ

ଝାରସୁଗୁଡ଼ା,୨୮।୬(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲାରେ ଆଦିବାସୀ ଜମି ହଡ଼ପ ନେଇ ଅଭିଯୋଗ ଏକ ଘଟଣା ଦେଖିବାକୁ ମିଳିଛି। ଅଭିଯୋଗ ଅନୁଯାୟୀ କୋଲାବିରା ବ୍ଲକ ଅନ୍ତର୍ଗତ ସୋଢାମାଲ ଗ୍ରାମର ଗୌରୀଶଙ୍କର ନାଏକଙ୍କ ୧୫ ଏକର ଜମି ତାଙ୍କ ବିନା ଅନୁମତିରେ ଅନ୍ୟ ନାମରେ ଟ୍ରାନ୍ସଫର୍ ହୋଇଛି। ସୂଚନା ଅନୁଯାୟୀ ବ୍ୟୟ ବନ୍ଦୋବସ୍ତ ଅନୁଯାଇ ଇନ୍ଦ୍ର ଠାକୁର ନାମକ ବ୍ୟକ୍ତିଙ୍କ ନାମରେ ଟ୍ରାନ୍ସଫର୍ ହୋଇଛି। ଯେଉଁଥିରୁ କିଛି ଜମି ବର୍ତ୍ତମାନ କେନାଲରେ ଯାଉଥିବାରୁ ଗୌରୀଶଙ୍କର ନାଏକ ପାଉଥିବା ରାଶି ଇନ୍ଦ୍ର ଠାକୁର ପାଇ ସାରିଛନ୍ତି। ଗୌରୀଶଙ୍କର ନାଏକଙ୍କ ବର୍ତ୍ତମାନ ଆର୍ଥିକ ସ୍ଥିତି ବହୁ ଦୁର୍ବଳ ଥିବାରୁ ତାଙ୍କ ଅନୁରୋଧ କ୍ରମେ ଆଦିବାସୀ ସଂଘ ସଭାପତି ପଦ୍ମଲୋଚନ ବୁଦ୍ଧୁଲା ନିଜେ ଜିଲାପାଳଙ୍କୁ ଲେଖି ଜଣାଇବା ସହ ତହସିଲଦାରଙ୍କୁ ମଧ ଅବଗତ କରାଇଛନ୍ତି। ଏହାର ଶୀଘ୍ର ତଦନ୍ତ କରି ଉପଯୁକ୍ତ ଜମି ମାଲିକଙ୍କୁ ହସ୍ତାନ୍ତର କରିବାକୁ ଅନୁରୋଧ କରିଛନ୍ତି। ଏହି ଘଟଣା ପରେ ଆଦିବାସୀଙ୍କ ମଧରେ ଅସନ୍ତୋଷ ଦେଖିବାକୁ ମଧ ମିଳିଛି। ଦେଖିବାର ଅଛି ଜମି କାହା ହାତକୁ ଯାଉଛି।



# 'ବସ୍ତି ପିଲାଙ୍କୁ ଭେଟିଲେ, ଭଲ ମଣିଷ ହେବାକୁ ଦେଲେ ପରାମର୍ଶ'



ଶୁକ୍ରବାର ବୁର୍ଲାର ବିଭିନ୍ନ ବସ୍ତିର ଛୋଟ ପିଲାଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ।

ସମ୍ବଲପୁର,୨୮।୬ (ଭବାନୀ ଶଙ୍କର ଭୋଇ)

ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ବୁର୍ଲା ଭିମସାର ପରିଦର୍ଶନ ପାଇଁ ଯାଇଥିବା ସମୟରେ ସ୍ଥାନୀୟ ବସ୍ତିର ଛୋଟ ଶିଶୁଙ୍କ ସମୟ ଅତିବାହିତ କରିଥିଲେ। ଶିକ୍ଷାନଗରୀ ବୁର୍ଲାରେ ଅଭାବ ଅନଟନ ଭିତରେ ରହିଥିବା ମିର୍ଦ୍ଧାପଡା, ଓରାମ ପଡା, ମଡିଆଡୁଙ୍ଗୁରୀ, ଡୁଡିଆପଡା ଆଦି ଅଞ୍ଚଳର ଶିଶୁଙ୍କ ସହ ସେମାନଙ୍କ ଶିକ୍ଷା ଏବଂ ଭବିଷ୍ୟତ ସ୍ୱପ୍ନକୁ ନେଇ କଥା ହୋଇଥିଲେ । ସେମାନଙ୍କୁ ଭଲ ପାଠ ପଢି ଭବିଷ୍ୟତରେ ଭଲ ନାଗରିକ ହେବା ପାଇଁ ଉତ୍ସାହିତ କରିଥିଲେ। ବସ୍ତିର ପିଲାଙ୍କୁ ପାଠ ପଢାଇବା କାମରେ ନିୟୋଜିତ ଆଲୋକ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଭେଟିଥିଲେ। ଅନୁଷ୍ଠାନର ମନୋଜ କୁମାର ସାହୁଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ଆଲୋକ ଶିଶୁ ପତ୍ରିକାକୁ ମଧ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ଶ୍ରମ ବିରୋଧ ସଚେତନତା କାର୍ଯ୍ୟକ୍ରମର ସୂଚନା ପତ୍ରିକାକୁ ଉନ୍ମୋଚନ କରିଥିଲେ । ଶିଶୁ ମାନଙ୍କ ଉତ୍କଣ୍ଠାକୁ ଦେଖି କେମିତି ସରକାର ଚାଲେ କିଭଳି ବିଧାୟକ ଏବଂ ସାଂସଦ ନିର୍ବାଚିତ ହୋଇ ସରକାର ଗଠନ କରନ୍ତି ସେ ବିଷୟରେ ମଧ ବୁଝାଇଥିଲେ । ଏହି ଅବସରରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଉପସ୍ଥିତ ରହିଥିଲେ।

# ଜନ୍ମତିଥିରେ ହେଲେନ କେଲରଙ୍କ ସ୍ମୃତିଚାରଣ

ସମ୍ବଲପୁର,୨୮।୬(ବି.ଶଙ୍କର)

ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା ଜ୍ୟୋତି ପକ୍ଷରୁ ୧୪୦ତମ ହେଲେନ କେଲର ଜୟନ୍ତୀ ସମ୍ବଲପୁର ଜ୍ୟୋତି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ଏଥିରେ ଡ. ପରେଶ ଚନ୍ଦ୍ର ଦାନୀ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ରତ୍ନଭୂଷଣ ପୁରୁ ଷେଠ ଯୋଗଦେଇ ହେଲେନ କେଲରଙ୍କ ଅସାଧାରଣ ଜୀବନୀ ଉପରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ବରିଷ୍ଠ ସଦସ୍ୟ ରାମାନୁଜ ପଣ୍ଡା କେଲରଙ୍କ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ମାତ୍ର ୧୯ ମାସ ବୟସରେ କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ଦୃଷ୍ଟିଶକ୍ତି ଏବଂ ଶ୍ରବଣ ଶକ୍ତି ହରେଇ ଥିଲେ । ପରବର୍ତ୍ତୀ ସମୟରେ ସେ ଆମେରିକାରେ ସର୍ବପ୍ରଥମ ଭିନ୍ନକ୍ଷମ ଗ୍ରାଜୁଏଟ କରି ୧୮ ଖଣ୍ଡବହି ମଧ ଲେଖିଛନ୍ତି । ଏଣୁ ତାଙ୍କ ପରି ଜଣେ ଅସାଧାରଣ ବ୍ୟକ୍ତିଙ୍କୁ ତାଙ୍କର ୧୪୦ ତମ ଜନ୍ମ ଜୟନ୍ତୀ ଅବସରରେ ଉପସ୍ଥିତ ସଦସ୍ୟମାନେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ । ଉକ୍ତ ସଭାରେ କୈଳାସ ମିସ୍ତ୍ରୀ, ଶିବନାରାୟଣ ପାଣିଗ୍ରାହୀ, ଅଶୋକ ମିଶ୍ର, ହରିଶଙ୍କର ପଣ୍ଡା, ସୁମତୀ ବେରିହା, ଶାନ୍ତନୁ ପାଢୀ, ରବି ନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ସଂଯୋଜକ କଳ୍ପନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

Office of the Executive Engineer
Road Construction Department,
Road Division,Garhwa.
e-Procurement Notice
For National Competitive Bidding
(Very Short Term Tender)
Re_e-Tender Reference No. : RCD/GARHWA/818/2023-24 (2nd Call) Date:- 27.06.2024

| | | |
|---|---|---|
| 1. | Name of the work | Widening, Strengthening & Reconstruction work of NH-75 to Manjhiaon PWD Road via Viktam Daleli Road (Total Length 9.084 km.) under Road Division, Garhwa |
| 2a. | Approximate Value of Work | Rs. 30,50,65,501.00 (Rupees Thirty crore Fifty Lac Sixty Five thousand Five hundred One) only. |
| b. | Bid Security* | Rs. 30,51,000.00 (Rupees Thirty Lac Fifty One thousand) only. |
| 3. | Time of Completion | 10 (Ten) Months. |
| 4. | Last date/Time for receipt of bids | 16-07-2024, 12.00 Noon |
| 5. | Date of Publication of Tender on website | 05-07-2024, 10.30 A.M. |
| 6. | Name & address of office Inviting tender | Executive Engineer, RCD, Road Division, Garhwa Pin Code - 822114 |
| 7. | Contact no. of Procurement officer | 06561-295161 |
| 8. | Helpline number of e-Procurement cell | 0651-2401010 |

Note :- The Bid Amount & Bid security will be decrease or increase.
*Further details can be seen on website* http://jharkhandtenders.gov.in
UCAN registration is mandatory for the bidders who are already registered in appropriate class with road construction department Govt. of Jharkhand.
Executive Engineer,
Road Construction Department,
Road Division,Garhwa.
PR 327963 (Road) 24-25 (D)

# ଜଣ୍ଡିସ୍ ନିୟନ୍ତ୍ରଣ ସଚେତନତା ଓରିଏଣ୍ଟେସନ କାର୍ଯ୍ୟକ୍ରମ

ସମ୍ବଲପୁର,୨୮।୬(ପ୍ରମୋଦ ବହିଦାର)



ଶିଶୁଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଉଛି।

ସମ୍ବଲପୁର ମହାନଗର ଅନ୍ତର୍ଗତ ଭୁତାପଡ଼ାସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବୀମାନଙ୍କ ଜଣ୍ଡିସ୍ ସଚେତନତା ଅଭିଯାନକୁ ନେଇ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ରାଣୀ ମିଶ୍ର ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ଭୂତାପଡ଼ା ହିନ୍ଦ କ୍ଲବ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ମୋଟ ୪୨ଜଣ ମହିଳା ଆରୋଗ୍ୟ ସମିତି ସଦସ୍ୟା ଓ ଆଶାକର୍ମୀ ଯୋଗଦେଇଥିଲେ। ଏଥିରେ ଜଣ୍ଡିସ୍ ନିରାକରଣ ପାଇଁ ଆବଶ୍ୟକ ପଦକ୍ଷେପ ସହିତ ଲୋକଙ୍କ ମଧ୍ୟରେ ଏନେଇ ସଚେତନତା ଜାଗ୍ରତ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଅଞ୍ଚଳର ଅନେକ ଛୋଟ ଶିଶୁ ଓ ବାଳିକା ବାଳକ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ଖାଇବା ପୂର୍ବରୁ ହାତ ଧୋଇବା ଭଳି ସ୍ୱଚ୍ଛତା ଅବଲମ୍ବନ ପାଇଁ ଉଦ୍ଦିଷ୍ଟ ଏକ ସ୍ଲୋଗାନର ଅଭ୍ୟାସ କରାଯାଇଥିଲା। ଏହାସହ ନୟାପଡ଼ାସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ଓ ଲାୟନ୍ସ କ୍ଲବ ଠାରେ ଆୟୋଜିତ କ୍ୟାମ୍ପ ମାଧ୍ୟମରେ ସନ୍ଦିଗ୍ଧ ଜଣ୍ଡିସ୍ ଆକ୍ରାନ୍ତ ଓ ସଂକ୍ରମିତ ଅଞ୍ଚଳରୁ ଶିଶୁଙ୍କ ରକ୍ତ ନମୂନା ସଂଗ୍ରହ ପାଇଁ କରାଯାଇଥିଲା। ଏଥିରେ ପ୍ରାୟ ୧୭ ଜଣ ଆକ୍ରାନ୍ତଙ୍କ ନମୂନା ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଜ୍ଞାନ ରଞ୍ଜନ ମହାନ୍ତି, ମାଇକ୍ରୋବାଇଲୋଜିଷ୍ଟ ବ୍ରଜରାଜ ପୃଷ୍ଟି, ଡାଟା ମ୍ୟାନେଜର ସନତ କୁମାର ବେହେରା, ସିଟି ପ୍ରୋଗ୍ରାମ ମ୍ୟାନେଜର ନିକୁ ରଞ୍ଜନ ପ୍ରତିହାରୀ, ସିଟି ଡାଟା ମ୍ୟାନେଜର କଳ୍ପା ପାରମାର ପ୍ରମୁଖଙ୍କ ସହିତ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟକର୍ମୀଙ୍କ ସହଯୋଗରେ ପରିଚାଳିତ ହୋଇଥିଲା।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ରାଜଗାଙ୍ଗପୁର ଶାଖା
ଦଖଲ ନୋଟିସ୍
[ରୁଲ୍- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ସ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସେବାବଦ ପରବର୍ତ୍ତୀ ସୁଧ, ଆନୁଷାଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ । ଋଣଗ୍ରହୀତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

| ଆକାଉଣ୍ଟ ନଂ / ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| ଋଣଗ୍ରହୀତା: କବିତା ଗୁପ୍ତା ଓ ରାଜଶେ ଗୁପ୍ତା, ଜାମନ୍‌ଦାର: କବିତା ଗୁପ୍ତା, ସା: ଦୁର୍ଗା ମନ୍ଦିର ନିକଟ, ତଲକିପଡା, ଜିଲ୍ଲା – ରାଜଗାଙ୍ଗପୁର | ଶ୍ରୀ କବିତା ଗୁପ୍ତାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୪/୪୨୭୦, ଖାତା ନଂ.: ୫୧୬/୧୧୪୭, ମୌଜା: ରାଜଗାଙ୍ଗପୁର, କିସମ: ଘରବାରୀ, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, ଜିଲ୍ଲା: ରାଜଗାଙ୍ଗପୁର | ୧୯.୦୪.୨୦୨୪ ସୁଦ୍ଧା ଟ.୯,୫୧,୭୭୮/- ଏବଂ ସେବାବଦପରବର୍ତ୍ତୀ ସୁଧ, ଆନୁସାଙ୍ଗିକ ଦେୟ ଓ ଆଇନଗତ ଖର୍ଚ୍ଚ | ୧୯.୦୪.୨୦୨୪ / ୨୪.୦୬.୨୦୨୪ |

ସ୍ଥାନ: ରାଜଗାଙ୍ଗପୁର, ତାରିଖ: ୨୮.୦୬.୨୦୨୪
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଜିଏମ୍‌ୟୁରେ ଛାତ୍ରୀଛାତ୍ରଙ୍କ ନାମଲେଖା

## ସହାୟତା ପାଇଁ ପ୍ରୋଗ୍ରେସିଭ ଜିଏମ୍‌ୟୁର ହେଲ୍ପଡେସ୍କ

ସମ୍ବଲପୁର,୨୮।୬(ପ୍ରମୋଦ ବହିଦାର): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ସୁରୁଖୁର ଆବେଦନ ଓ ନାମଲେଖା ପାଇଁ ପ୍ରୋଗ୍ରେସିଭ ଜିଏମ୍‌ୟୁ ତରଫରୁ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ପାଇଁ ଏକ ହେଲ୍ପ ଡେସ୍କ ଖୋଲାଯାଇଛି। ଏହି ସଙ୍ଗଠନ ପକ୍ଷରୁ ପ୍ରତି ବିଭାଗରେ ହେଲ୍ପ ଡେସ୍କ ସଦସ୍ୟମାନେ ଛାତ୍ରୀଛାତ୍ରଙ୍କ ସହାୟତା ପାଇଁ ନିୟୋଜିତ ହୋଇଥାଆନ୍ତି। ବିଶ୍ୱବିଦ୍ୟାଳୟର ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିବା ପାଇଁ ୫ଜଣ ଛାତ୍ର ନିଯୁକ୍ତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏହି କାର୍ଯକ୍ରମରେ ଛାତ୍ରନେତା ଚୁମନ ପ୍ରଧାନଙ୍କ ସହିତ ଶୁଭମ୍ ମହାନ୍ତି, ଲମ୍ବୋଦର ମେହେର, ସତ୍ୟମ୍ ପୂଜାରୀ, ଅଙ୍କିତ, ଆର୍ଯ୍ୟାନ୍ ବହିଦାର, ହରିଶ୍ ସାହୁ, ପ୍ରମୁଖ ଛାତ୍ରନେତାମାନେ ଉପସ୍ଥିତ ଥିଲେ।

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

REQUIREMENT OF COMMITTED, PROMISING AND RESULT ORIENTED EXECUTIVES

National Aluminium Company Limited (NALCO), a Leading Navratna PSU is the largest integrated Alumina-Aluminium complex of Asia having state of art technology with its Corporate Office at Bhubaneswar, Odisha.

NALCO is looking for professionals in the following grades and disciplines for its production units / offices in different locations.

| Name of the Post /Grade | Total No. of Posts |
|---|---|
| Executive Director(H&A)/E09 | 1 |
| Group General Manager (H&A)/ E08 | 3 |
| General Manager (H&A)/E07 | 3 |
| Group General Manager (Mining)/E08 | 1 |
| General Manager (Mining)/E07 | 2 |
| General Manager (Finance)/E07 | 5 |
| General Manager (Civil)/E07 | 2 |

Important Dates:

| | |
|---|---|
| Opening of online Submission of application | 02 Jul, 2024 |
| Last date of Submission of online application | 31 Jul, 2024 |

The interested candidates may visit the **Career Section** of website of the Company at **www.nalcoindia.com** for further details.
Advt. No. 10240304, Date : 24/06/2024
General Manager (H&A)-R&P

## ସାପ କାମୁଡ଼ାରେ ମହିଳା ମୃତ

ବାଲିଶଙ୍କରା, ୨୮।୬(ହୃଦାନନ୍ଦ ବାରିକ): କିଞ୍ଜିରକେଲା ଥାନା ଅନ୍ତର୍ଗତ ବେହେରାଡିହି ପଞ୍ଚାୟତ ଗୀତପାହାଡି ଗ୍ରାମରେ ସାପ କାମୁଡାରେ ଶୁକ୍ରବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଶୀଳା ଏକ୍କା (୪୫)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଗୁରୁବାର ରାତିରେ ସୁଶୀଳା ଶୋଇଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ କିଞ୍ଜିରକେଲା ଡାକ୍ତରଖାନାକୁ ନେଇଥିଲେ । ପରେ ତାଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମହିଳାଙ୍କୁ ଅସଦାଚରଣ, ମାମଲା ରୁଜୁ

ବଡ଼ଗାଁ,୨୮।୬(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଉଦାରମା ଗ୍ରାମର ଜଣେ ବିଧବା ମହିଳାଙ୍କୁ ସେହି ଗାଁର ଜଣେ ଯୁବକ ଅସଦାଚରଣ କରିଛନ୍ତି। ଏନେଇ ବଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ବଡ଼ଗାଁ ପୋଲିସ କେଶ ନଂ. ୧୪୬, ଦଫା ୪୪୮,୩୫୪ ଏ (ଆଇ)୩୫୪ (ବି), ୩୨୩,୫୦୬ ଆଇପିସିରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ଫେରାର ହୋଇଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଘଟଣା ଅନୁଯାୟୀ, ଉଦାରମା ଗ୍ରାମର ଜଣେ ବିଧବା ମହିଳା ଘରେ ଏକୁଟିଆ ଥିବା ସମୟରେ ଏହାର ସୁଯୋଗ ନେଇ ସେହି ଗାଁର ବେଣୁଧର ତାଙ୍କ ଘରେ ପଶି ଅସଦାଚରଣ କରିଥିଲେ। ପାଟି ଶୁଣି ତାଙ୍କ ଝିଅ ଆସି ବିରୋଧ କରିବାରୁ ତାଙ୍କୁ ଟାଙ୍ଗିଆ ବେଣ୍ଟରେ ଆକ୍ରମଣ କରିଥିଲେ। ଏହାପରେ ପୀଡ଼ିତାଙ୍କ ପୁଅଙ୍କୁ ମଧ ମାଡ ମାରି ଦୌଡ଼ି ପଳାଇଥିଲେ ।

# ବିଦ୍ୟୁତ୍ ସମସ୍ୟା ନେଇ ଟାଟାପାୱାର ଅଧିକାରୀଙ୍କୁ ଭେଟିଲେ ବିଧାୟକ

ରାଉରକେଲା,୨୮।୬(ଦିନେଶ ମିଶ୍ର)


ବିଧାୟକ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ରାଉରକେଲା ଅଞ୍ଚଳରେ ଥିବା ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳରେ ଦୀର୍ଘଦୀନ ଧରି ଲାଗି ରହିଥିବା ବିଦ୍ୟୁତ୍ ସମସ୍ୟାକୁ ଦୂର କରିବା ପାଇଁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ବିଦ୍ୟୁତ୍ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଶୁକ୍ରବାର ଭେଟି ବିସ୍ତୁତ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ରାଉରକେଲାର ନୟାବଜାର ସ୍ଥିତ ଲେପର୍ସୀ କଲୋନୀ, ଗିରିଧାରୀ ବସ୍ତି, ଭବାନୀପୁର ବସ୍ତି, ଗୋପବନ୍ଧୁପଲ୍ଲୀ ବସ୍ତି, ଟିମ୍ବର କଲୋନୀ, ରେଲୱେ କଲୋନୀରେ ଥିବା ହରିଜନ ବସ୍ତି, ବିବେକାନନ୍ଦପଲ୍ଲୀ, ରାଜୀବ ବସ୍ତି, ରିମ୍ଝିମ୍ ବସ୍ତିରେ ବିଭିନ୍ନ ସମୟରେ ବିଦ୍ୟୁତ୍ ସମସ୍ୟା ଲାଗି ରହିଛି। ଏହି ବସ୍ତି ଅଞ୍ଚଳର ବହୁ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ନ ଥିବାବେଳେ ସ୍ଥାନୀୟ ବସ୍ତିବାସୀ ରାସ୍ତାକଡରେ ବାଉଁଶ ପୋତି ସେଥିରେ ବିଦ୍ୟୁତ୍ ତାର ସଂଯୋଗ କରିଛନ୍ତି। ବିଭିନ୍ନ ସମୟରେ ଝଡତୋଫାନ ଆସିଲେ ଏହି ତାର ଗୁଡିକ ବିପଦ ସଙ୍କୁଳ ଅବସ୍ଥାରେ ଝୁଲି ରହୁଛି। ଏଥିସହ ବସ୍ତି ଭିତରେ ଅନେକ ସ୍ଥାନରେ ଟ୍ରାନ୍ସଫର୍ମର ନ ଥିବାବେଳେ ଆଉ କିଛି ସ୍ଥାନରେ ବିଦ୍ୟୁତ ପୋଲ ବିପଦ ଅବସ୍ଥାରେ ରହିଛି। ଏହିସବୁ ସ୍ଥାନରେ ତୁରନ୍ତ ମରାମତି ସାଙ୍ଗକୁ ବସ୍ତି ଭିତରେ ବାସ କରୁଥିବା ବିଭିନ୍ନ ବିଦ୍ୟୁତ୍ ଉପଭୋକ୍ତାଙ୍କୁ କିଭଳି ଉତ୍ତମ ଗ୍ରାହକ ସେବା ମିଳିପାରିବ ସେନେଇ ବିଧାୟକ ନାୟକ ଟାଟା ପାୱାର ଉଚ୍ଚ ଅଧିକାରୀ ସୁଶାନ୍ତ କୁମାର ପଣ୍ଡାଙ୍କୁ ଅବଗତ କରିଥିଲେ। ଏହି ସମସ୍ୟା ଶୁଣିବା ପରେ ବିଭାଗୀୟ ଅଧିକାରୀ ଯଥାଶୀଘ୍ର ଉକ୍ତ କାର୍ଯ୍ୟ ଗୁଡିକ ବସ୍ତିବାସୀଙ୍କ ହିତପାଇଁ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଯୁବନେତା ପପୁ ମହାନ୍ତିଙ୍କ ସହ ସ୍ଥାନୀୟ ବହୁ ବସ୍ତିବାସୀ ଓ ରାଜେନ୍ଦ୍ର ଯାଦବ, ସୁବ୍ରତ ମଲ୍ଲିକ, ବିଦ୍ୟୁତ ଲତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଇସ୍ପାତ ରେଳପଥ କରିଡର ସଦୃଢୀକରଣ ପାଇଁ ରେଳ ମନ୍ତ୍ରୀଙ୍କୁ ଚିଠି

ରାଉରକେଲା,୨୮।୬(ବିପ୍ଳବ ରଞ୍ଜନ ଦାଶ)

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟକୁ ରାଉରକେଲା ସଚେତନ ନାଗରିକ ମଞ୍ଚ ସଭାପତି ଇଂ ବିମଳ ବିଶି ଇସ୍ପାତ ରେଳପଥ କରିଡର ସଦୃଢୀକରଣ ପାଇଁ ଚିଠି ପ୍ରେରଣ କରିଛନ୍ତି। ଚିଠିରେ –ବିମଲାଗଡ–ତାଳଚେର ୧୪୯ କି.ମି ରେଳପଥ ସଂଯୋଗୀକରଣ, ଲାଠିକଟା–କଲୁଙ୍ଗା ନୂତନ ରେଳପଥ ନିର୍ମାଣ, କିରିବୁରୁ–ବଡବିଲକୁ ରେଳ ଚଳାଚଳ ଓ ସଂଯୋଗୀକରଣ, ରକ୍ସି–ବଂଶପାଣିକୁ ରେଳ ଚଳାଚଳ ଓ ସଂଯୋଗୀକରଣ ,ଝାରସୁଗୁଡା–ସୁନ୍ଦରଗଡାରୁ ଅମ୍ବିକାପୁରକୁ ରେଳ ଚଳାଚଳ ଓ ରାଉରକେଲା ରେଲଷ୍ଟେଶନ ଟର୍ମିନାଲ ରେଲଷ୍ଟେଶନ ଭାବେ ରୁପାନ୍ତରଣ ହେବା ଦର୍ଶାଯାଇଛି। ଏଥିସହ ରାଉରକେଲା ରେଲଷ୍ଟେଶନକୁ ରେଳମଣ୍ଡଳ ମାନ୍ୟତା ପ୍ରଦାନ ଆଦି ଉଲ୍ଲେଖ ରହିଛି। ଏହି ପଥଦେଇ ଆରଏସପି ଦ୍ୱାରା ଉତ୍ପାଦିତ ଇସ୍ପାତ ପ୍ଲେଟ ବିଭିନ୍ନ ଦୂରସ୍ଥାନକୁ ରପ୍ତାନୀ ହୋଇଥାଏ। ଏସିଆର ଦ୍ୱିତୀୟ ସର୍ବବୃହତ ରେଳପଥ ଏକ୍ସଚେ ୟାର୍ଡ ଭାବେ ରେଳପଥ ପରିଚିତ। ମାତ୍ର ଦୁର୍ଭାଗ୍ୟର ବିଷୟ ରାଜ୍ୟରେ ରେଳକୋଚ ପ୍ରସ୍ତୁତକାରୀ ଗୋଟିଏ ସୁଦ୍ଧା ଫ୍ୟାକ୍ଟରୀ ମଧ୍ୟ ନାହିଁ। ତେଣୁ ସରକାର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କଲେ ଇସ୍ପାତ ରେଳପଥ କରିଡର ସଦୃଢ ହେବା ସହ ରାଉରକେଲା ଓ ଆଦିବାସୀ ଅଧ୍ୟୁଷିତ ଜିଲା ସୁନ୍ଦରଗଡ ସହ ରାଜ୍ୟରୁ ରେଲବାଇ ବାଣିଜ୍ୟିକ କାରବାର ସରଳ ସାଧ ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ସୁନିଶ୍ଚିତ ହୋଇପାରିବ ବୋଲି ବିଶି ଉଲ୍ଲେଖ କରିଛନ୍ତି। ଏଥିସହ ଏହାର ଏକ ନକଲ ମହାମହିମ ରାଷ୍ଟ୍ରପତି ମହାମହିମ ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ରୀୟ ଆଦିବାସୀ ମନ୍ତ୍ରୀ, କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀଙ୍କ ନିକଟକୁ ମଧ ପ୍ରେରଣ କରିଛନ୍ତି।

# ସୁରଜ ପ୍ରକାଶଙ୍କ ଜୟନ୍ତୀ ପାଳିତ

ରାଉରକେଲା,୨୮।୬(ଦିନେଶ ମିଶ୍ର)

ସେକ୍ଟର–୧୯ ସ୍ଥିତ ରାଉରକେଲା କ୍ଲବ ଠାରେ ଭାରତ ବିକାଶ ପରିଷଦ, ରାଉରକେଲା ଶାଖା ପକ୍ଷରୁ ପରିଷଦର ପ୍ରତିଷ୍ଠାତା ଡା. ସୁରଜ ପ୍ରକାଶଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି କାର୍ଯକ୍ରମ ଆରମ୍ଭରେ ଶାଖାର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱର୍ଗତ ସୁରଜ ପ୍ରକାଶଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରିଷଦର ସଦସ୍ୟା ପ୍ରଫେସର ଡ. କଲ୍ୟାଣୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁରଜଙ୍କ ଦେଶପ୍ରତି ଏକ ସମର୍ପିତ ଜୀବନ ବୃତ୍ତାନ୍ତ ଉପରେ ଆଲୋକପାତ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ଗୋଦାବରୀଶ ସତ୍ପଥୀ ଯୋଗଦେଇ ସୁରଜଙ୍କ ଜୀବନୀର ମୁଖ୍ୟ ଘଟଣାବଳୀ ସହ ଶାଖାର ଆଭିମୁଖ୍ୟ ଉପରେ ବିସ୍ତୁତ ଆଲୋଚନା କରିଥିଲେ। ପରେ ପରିଷଦ ପକ୍ଷରୁ ମାଧ୍ୟମିକ ଶିକ୍ଷା ପରିଷଦ ଆନକୂଲ୍ୟରେ ଅନୁଷ୍ଠିତ ବୋର୍ଡ ପରୀକ୍ଷାରେ ସୁନ୍ଦରଗଡ ଜିଲାରେ ୯୩.୫ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଥିବା ମେଧାବୀ ଛାତ୍ରୀ ଶ୍ରୁତି ପଣ୍ଡାଙ୍କୁ ପରିଷଦ ପକ୍ଷରୁ ୫ ହଜାର ଟଙ୍କା ଓ ସାଧାରଣ ସମ୍ପାଦକ ଗୋଦାବରୀଶ ଶତପଥୀଙ୍କ ପକ୍ଷରୁ ୧୦ ହଜାର ଟଙ୍କା ରାଶି ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ଶ୍ରୁତି ପଣ୍ଡାଙ୍କ ଅନୁପସ୍ଥିତିରେ ତାଙ୍କ ବାପା ରାଧେଶ୍ୟାମ ପଣ୍ଡା ଓ ମା’ ସୁଜାତା ପଣ୍ଡା ଗ୍ରହଣ କରିଥିଲେ। ଶେଷରେ ପରିଷଦର କୋଷାଧକ୍ଷ ବୈଷ୍ଣବ ଚରଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶୋଇଥିବା ବେଳେ ଯୁବକଙ୍କୁ ହତ୍ୟା

ନୂଆଗାଁ,୨୮।୬(ବିଜୟ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଚିତାପେଡ଼ି ପଞ୍ଚାୟତ ଅନ୍ତର୍ଗତ ପିତାଲ ବାଡାଇକ ଟୋଲିରେ ଗୁରୁବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଉକ୍ତ ଗ୍ରାମର ବିଜୟ ବାଡାଇକ(୩୧)ଙ୍କୁ କୌଣସି ଏକ ମରଣାସ୍ତ୍ରରେ ହତ୍ୟା କରାଯାଇଛି। ଶୁକ୍ରବାର ସକାଳେ ଡିଏସ୍‌ପି ନିର୍ମଳ କୁମାର ମହାପାତ୍ର, ବିଶ୍ରା ଥାନାଧିକାରୀ ପ୍ରଦୀପ କୁମାର ନାୟକ ସାଇଣ୍ଟିଫକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତନାଘନା ଚଳାଇଛନ୍ତି। ଏନେଇ ଥାନାରେ ଏକମାମଲା (୧୧୫/୨୪ ) ରୁଜୁ ହୋଇଛି। ଗୁରୁବାର ରାତିରେ ରାତ୍ର ଭୋଜନ ସାରି ବିଜୟ ଓ ତାଙ୍କ ମା’ ଘରେ ଶୋଇଥିଲେ। ଶୁକ୍ରବାର ସକାଳେ ବିଜୟ ଶୋଇଥିବା ଖଟତଳେ ରକ୍ତ ଛିଟା ପଡିଥିବା ଏବଂ ସେ ନିସ୍ତେଜ ହୋଇଯାଇଥିବା ତାଙ୍କ ମା’ ଦେଖିବାକୁ ପାଇଥିଲେ।

# ସଂରକ୍ଷିତ ଜଙ୍ଗଲରୁ ହରିଣ ମୃତଦେହ ଠାବ

ବଣାଇଁ,୨୮।୬(ପ୍ରଦୀପ ତ୍ରିପାଠୀ)

ବଣାଇଁ ରେଞ୍ଜ ଟିକାୟତପାଲି ସେକ୍ସନ ତିଲେଇସରା ବିଟ ଅନ୍ତର୍ଗତ ପଶ୍ଚିମ ଦଣ୍ଡପାଟ ସଂରକ୍ଷିତ ଜଙ୍ଗଲ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ମୃତ ହରିଣ ଉଦ୍ଧାର ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟାରେ ଫରେଷ୍ଟର ଗଗନ ତ୍ରିପାଠୀ ବନରକ୍ଷୀଙ୍କ ସହିତ ଅନ୍ୟାନ୍ୟ ସହକର୍ମୀଙ୍କୁ ନେଇ ରାତି ପାଟ୍ରୋଲିଂ କରିବାକୁ ଯାଉଥିବା ବେଳେ ପଶ୍ଚିମ ଦଣ୍ଡପାଟ ସଂରକ୍ଷିତ ଜଙ୍ଗଲ ରାସ୍ତା କଡ଼ରେ ଥିବା ଏକ ଖାଲୁଆ ସ୍ଥାନରେ ମୃତ ହରିଣ ପଡିଥିବା ଦେଖିଥିଲେ। ପରେ ହରିଣ ମୃତଦେହକୁ ଉଦ୍ଧାର କରି ଟିକାୟତପାଲି ସ୍ଥିତ ନିଜ କାର୍ଯ୍ୟାଳୟକୁ ଆଣିଥିଲେ। ଖବର ପାଇ ବଣାଇ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ ଘଟଣାସ୍ଥଳରେ ପହଞ୍ଚି ପଶୁଧନ ନୀରିକ୍ଷକଙ୍କୁ ଡାକି ମୃତଦେହ ବ୍ୟବଛଦ କରିଥିଲେ। ପରେ ହରିଣର ମୃତ ଦେହକୁ ଫରେଷ୍ଟରଙ୍କ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିଲା। ବ୍ୟବଚ୍ଛେଦ ପରେ ଡି ହାଇଡ୍ରେସନ ଯୋଗୁ ହରିଣର ମୃତ୍ୟୁ ହୋଇଥିବା ପଶୁ ଡାକ୍ତର ସନ୍ଦେହ କରିଥିଲେ। ରେଞ୍ଜ ଅଧିକାରୀ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# କମ୍ପ୍ୟୁଟର ଏବଂ ପ୍ରଯୁକ୍ତି ବିଭାଗର ଡିଜିଟାଲ ରୂପାନ୍ତରଣ କାରଖାନା ପାଇଁ ସହାୟକ ସାବ୍ୟସ୍ତ

ରାଉରକେଲା,୨୮।୬(ବିପ୍ଳବ ରଞ୍ଜନ ଦାଶ)


ଆରଏସପି କମ୍ପ୍ୟୁଟର ଓ ସୂଚନା ପ୍ରଯୁକ୍ତି ବିଭାଗ ଅଧିକାରୀ ଏବଂ କର୍ମଚାରୀ।

ଆରଏସପିର କମ୍ପ୍ୟୁଟର ଓ ସୂଚନା ପ୍ରଯୁକ୍ତି ବିଭାଗର ଡିଜିଟାଲ ରୂପାନ୍ତରଣ ପ୍ରୟାସରେ ଗତ ଆର୍ଥିକ ବର୍ଷରେ କାରଖାନା ପାଇଁ ବିଶେଷ ସହାୟକ ସାବ୍ୟସ୍ତ ହୋଇଛି। ଆରଏସପିର ଏସଏପି ସିଷ୍ଟମ ସହିତ ଓଡିଶା ଗ୍ରୁପ ଅଫ ମାଇନ୍ସର ଏକତ୍ରୀକରଣ ହେବା ଏହାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି। ଏହି ପ୍ରୟାସରେ ବୋଲାଣି,ବରସୁଆଁ ଏବଂ ଡାଲଡିହ ଖଣିରେ ୩ଟି ପ୍ରମୁଖ ମଡ୍ୟୁଲାର କାର୍ଯ୍ୟକ୍ଷମତାକୁ ଉନ୍ନତ କରିଛି। ଏଥିସହିତ ଆଲୋଚ୍ୟ ଅବଧି ମଧ୍ୟରେ ଏଚଏସଏମ–୨ ବିଭାଗରେ ଏଚଆର କଏଲ ନିମନ୍ତେ କ୍ୟୁ ଆର କୋଡ ଲେବଲ ପ୍ରିଂଟ ପ୍ରଚଳନ ହେବା ମଧ ଏହି ପ୍ରୟାସର ଏକ ପ୍ରମୁଖ ବିନ୍ଦୁ ସାଜିଛି। ଭାରତ ସରକାରଙ୍କ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଡିଜାଇନ ନିର୍ଦ୍ଦେଶାବଳିକୁ ପାଳନ କରି ଗ୍ରହଣ ହୋଇଥିବା ଏହି ପଦକ୍ଷେପ ଉତ୍ପାଦନ ପ୍ରକ୍ରୀୟାରେ ସନ୍ଧାନ ଏବଂ ଗୁଣାତ୍ମକ ନିୟନ୍ତ୍ରଣକୁ ସୁନିଶ୍ଚିତ କରିଛି। ଏତଦ ବ୍ୟତିତ ଆରଏସପିରେ ଇ–ଅଫିସ ସିଷ୍ଟମ କାର୍ଯ୍ୟକାରୀତା ଯୋଗୁ ପ୍ରଶାସନିକ ପରିଚାଳନା ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସମ୍ପର୍କିତ କାର୍ଯ୍ୟକୁ ସରଳ ସାଧ କରିଛି। କର୍ମୀମିତ୍ରରେ ସହର ଅଭିଯୋଗ ପରିଚାଳନା ବ୍ୟବସ୍ଥା ମୋବାଇଲ ଆପ ସହିତ କର୍ମଚାରୀ ଜୋନରେ ଥିବା ଏକ ୱେବସାଇଟ ଦ୍ୱାରା ଦ୍ରୁତ ସମାଧାନ ବ୍ୟବସ୍ଥା ମଧ ବିଶେଷ ସହାୟକ ହୋଇଛି। ଧନ୍ଦାମୂଳକ ତାଲିମ ନିମନ୍ତେ ଆବେଦନ ପତ୍ର ତଥା ଚୟନ ଓ ଚୂଡାନ୍ତକରଣରେ ଅନଲାଇନ ସିଷ୍ଟମ ଏହି ପ୍ରୟାସ ମାଧ୍ୟମରେ ଆରମ୍ଭ ହୋଇଛି। ତେବେ ସି.ଆଣ୍ଡ,ଆଇଟି ବିଭାଗର ଏଭଳି ପରିବର୍ତ୍ତନଶୀଳ ପଦକ୍ଷେପମାନ କାରାଖାନାକୁ ଡିଜିଟାଲ ରୂପାନ୍ତରଣ ସଫଳତା ଯାତ୍ରାରେ ଆହୁରି ଆଗକୁ ନେବାରେ ବିଶେଷ ସହଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

## ବୃଦ୍ଧାଙ୍କୁ ଗଣ ବଳାତ୍କାର: ଥାନାରେ ଅଭିଯୋଗ

ବଡ଼ଗାଁ, ୨୮।୬( ଅଶୋକ ଷଡ଼ଙ୍ଗୀ) ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ବୃଦ୍ଧା (୬୮)ଙ୍କୁ ଗୁରୁବାର ଗଣବଳାତ୍କାର କରାଯାଇଛି। ଏନେଇ ପୀଡିତା ବଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି। ଖବର ଲେଖାହେବା ସୁଦ୍ଧା ରାତି ୮ଟା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ପୀଡିତାଙ୍କ ସ୍ୱାମୀ ଛେଳି ଚରାଇବାକୁ ଯାଇଥିବାବେଳେ ବୃଦ୍ଧା ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ ୨ ଜଣ ଯୁବକ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ବୃଦ୍ଧାଙ୍କ ସ୍ୱାମୀ କବାଟ ବାଡାଇବା ଶୁଣି ଉଭୟେ ଦୌଡି ପଳାଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ଗ୍ରାମରକ୍ଷୀଙ୍କୁ ଜଣାଇ ଖୋଜାଖୋଜି କରିଥିଲେ ମଧ ସେମାନଙ୍କର କୌଣସି ସନ୍ଧାନ ପାଇ ନ ଥିଲେ।

## ୨ ବାଲି ବୋଝେଇ ଡମ୍ଫର ଗାଡ଼ି ଜବତ

ବରଗଡ଼,୨୮।୬(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲାର ବିଭିନ୍ନ ନଦୀରୁ ବାଲି ଚୋରାଚାଲାଣ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଭୋର୍ ସକାଳୁ ଏବଂ ରାତି ଅଧିଆ ଜିଲାର ନଦୀ ଗୁଡ଼ିକରୁ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ଜିଲା ତଥା ଜିଲା ବାହାରକୁ ସେହି ବାଲି ଚାଲାଣ ହେଉଥିବାବେଳେ ଏଥିପାଇଁ ସରକାରଙ୍କ ବ୍ୟାପକ ରାଜସ୍ୱହାନୀ ହେଉଛି। ତେବେ ଗୁରୁବାର ରାତିରେ ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ନିକଟ ନଦୀରୁ ବାଲି ଚାଲାଣ ହେଉଥିବାବେଳେ ପୋଲିସ ଏବଂ ବିଭାଗୀୟ କର୍ତ୍ତୃପକ୍ଷ ୨ବାଲି ବୋଝେଇ ଡମ୍ଫର ଗାଡ଼ି ଜବତ କରିଛି।


## THE SUNDARGARH DISTRICT CENTRAL CO-OPERATIVE BANK LTD., SUNDARGARH-770 001

Ph: (06622)-272022, 275050, 275022, Fax: (06622)- 275122, E-mail: sundargarhdccb@gmail.com, Regd.No. 90/SG/Dt.1.6.1955

To,
**The Members,**
**Sundargarh District Central Co-operative Bank Limited,**
**Sundargarh.**

**Report on the Audit of the Standalone Financial Statements**

***Opinion***

1. We have audited the accompanying Financial Statements of **Sundargarh District Central Co-operative Bank Limited ("the Bank" or "SDCCB")**, which comprises of the Balance Sheet as at March 31, 2024, Profit and Loss Account for the year ended on March 31, 2024 and a summary of significant accounting policies and other explanatory information.
2. In our opinion, and to the best of our information and according to the explanations given to us, the aforesaid financial statements read together with the Notes to Accounts forming part of the said Financial Statements, give the information required by the Banking Regulation Act, 1949, the Odisha Cooperative Societies Act, 1962 and the Rules made thereunder (as applicable), the guidelines issued by the Reserve Bank of India (RBI) and the National Bank for Agriculture and Rural Development (NABARD), in the manner so required and give a true and fair view in conformity with the accounting principles generally accepted in India of the state of affairs of the Bank as at March 31, 2024 and its profit and its cash flows for the financial year ended on that date.

***Basis for Opinion***

3. We conducted our audit in accordance with the Standards on Auditing (SAs) issued by the Institute of Chartered Accountants of India. Our responsibilities under those standards are further described in the *Auditor's Responsibilities for the audit of the Financial Statements* section of our report. We are independent of the Bank in accordance with the code of ethics issued by the Institute of Chartered Accountants of India together with ethical requirements that are relevant to our audit of the financial statements under the provisions of the Banking Regulations Act, 1949 and the rules made there under and under the provisions of the Odisha Cooperative Societies Act, 1962 and the rules made there under and we have fulfilled our other ethical responsibilities in accordance with these requirements and the code of ethics. We believe that the audit evidence we have obtained is sufficient and appropriate to provide a basis for our opinion.

Sd/-
**M/S G. MAHAPATRA & CO.**
**(FRN: 303056E)**

**Annex I**
**Form A**
**Form of Balance Sheet**

Balance Sheet of The Sundargarh District Central Co-Operative Bank Ltd.,Sundargarh

**Balance as on 31st March 2024** (000's omitted)

| | Schedule | As on 31/03/2024 | As on 31/03/2023 |
|---|---|---|---|
| Capital and Liabilities | | | |
| Capital | 1 | 1,320,915.61 | 1,208,791.04 |
| Reserves and surplus | 2 | 1,611,245.32 | 1,006,117.18 |
| Deposits | 3 | 12,180,205.76 | 10,947,802.43 |
| Borrowings | 4 | 7,820,509.23 | 7,596,251.42 |
| Other liabilities and provisions | 5 | 2,694,302.57 | 2,560,948.94 |
| Total: | | **25,627,178.49** | **23,319,911.01** |
| Assets | | | |
| Cash and balances with Reserve Bank of India | 6 | 36,851.34 | 35,508.17 |
| Balance with banks and money at call and short notice | 7 | 1,203,384.95 | 1,450,789.68 |
| Investments | 8 | 9,733,778.52 | 8,192,726.78 |
| Advances | 9 | 13,708,919.66 | 12,784,216.24 |
| Fixed Assets | 10 | 88,883.05 | 88,588.98 |
| Other Assets | 11 | 855,360.96 | 768,081.15 |
| Total: | | **25,627,178.49** | **23,319,911.01** |
| Contingent liabilities Bills for collection | 12 | - | - |

**Form B**

**Consolidated Profit and Loss Account of The Sundargarh District Central Co-operative Bank Ltd., Sundargarh**

**Form of Profit and Loss Account for the Year ended 31st March 2024**(000's omitted)

| Sl. No. | Particulars | Schedule | As on 31.03.2024 (Current Year) | As on 31.03.2023 (Previous Year) |
|---|---|---|---|---|
| I. | Income | | | |
| | Interest Earned | 13 | 1,319,029.32 | 1,373,361.19 |
| | Other Income | 14 | 656,708.53 | 145,505.09 |
| | **Total** | | **1,975,737.85** | **1,518,866.28** |
| II. | Expenditure | | | |
| | Interest expended | 15 | 973,205.83 | 855,423.76 |
| | Operating expenses | 16 | 276,057.73 | 283,473.46 |
| | Provisions and contingencies | | 467,617.22 | 216,937.23 |
| | **Total** | | **1,716,880.78** | **1,355,834.45** |
| III. | Profit/Loss | | | |
| | Net profit/loss(-) for the year | | 258,857.07 | 163,031.84 |
| | Profit/loss(-) brought forward | | | |
| | **Total** | | **258,857.07** | **163,031.84** |
| IV. | Appropriations | | | |
| | Transfer to statutory reserves | | - | - |
| | Transfer to other reserves | | - | - |
| | Transfer to Government/ proposed dividend | | | |
| | Balance carried over to balance sheet | | 258,857.07 | 163,031.84 |
| | **Total** | | **258,857.07** | **163,031.84** |

Sd/- Manager (FAD) | Sd/- Chief Executive Officer | Sd/- Director | Sd/- Director | Sd/- Director | Sd/- President

## ସଂକ୍ଷେପରେ

### କୁକୁର କାମୁଡ଼ାରେ ଶିଶୁ ଗୁରୁତର

କୋକସରା,୨୮।୬ (ଦୁଷ୍ମନ୍ତ କୁମାର ପାଟଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଅଞ୍ଚଳରେ କୁକୁରଙ୍କ ଉତ୍ପାତ ଦେଖାଦେଇଛି। ଶୁକ୍ରବାର କୁକୁର କାମୁଡ଼ାରେ ଜଣେ ଶିଶୁ ଗୁରୁତର ହୋଇଛନ୍ତି। ସେ ହେଲେ ଲଡୁଗାଁ ପଞ୍ଚାୟତ ଆଇଁଲି ଗ୍ରାମର ମାର୍କଣ୍ଡ ବାଣୁଆଙ୍କ ୫ ବର୍ଷର ପୁଅ ପ୍ରହ୍ଲାଦ ବାଣୁଆ। ପ୍ରହ୍ଲାଦ ଟ୍ୟୁଶନ ସାରି ଘରକୁ ଫେରିବା ବାଟରେ ବୁଲା କୁକୁର ଆକ୍ରମଣର ଶିକାର ହୋଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଠେଙ୍ଗା ବାଡ଼ି ଧରି କୁକୁରକୁ ଘଉଡ଼ାଇ ଶିଶୁକୁ ଉଦ୍ଧାର କରିଥିଲେ। ପରିବାର ଲୋକେ ତାଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।



# ସ୍କୁଲ ମାଟି ମାଡ଼ିନାହାନ୍ତି ମମିତା ମାଝି

- ମା'ଙ୍କ ପରେ ବାପା ଚାଲିଗଲେ
- ବୃଦ୍ଧ ଜେଜେମା' ଜେଜେବାପା ପାଲଟିଛନ୍ତି ସାହାରା

ଭବାନୀପାଟଣା,୨୮।୬ (ଉତ୍ତମ କୁମାର ଦାଶ)

ଦୁନିଆ କ'ଣ ଜାଣିବା ପୂର୍ବରୁ ପ୍ରଥମେ ମା' ଓ ପରେ ବାପା ଚାଲିଗଲେ। ଏବେ ବୃଦ୍ଧ ଜେଜେ ବାପା ଓ ଜେଜେ ମା' ସାହାରା ହୋଇଛନ୍ତି। ପାଠ ପଢିବା ପାଇଁ ଇଚ୍ଛା ଥିଲେ ମଧ୍ୟ ଆର୍ଥିକ ଅନଟନରୁ ସ୍କୁଲ ମାଡି ନାହାନ୍ତି। କୋହଭରା ସ୍ୱରରେ ଏହା କହିଛନ୍ତି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦେଦର ପଞ୍ଚାୟତ କୁସୁମ୍ଭରା ଗାଁର ଅସହାୟ ଝିଅ ମମିତା ମାଝି। ବୟସ ମାତ୍ର ୧୦ ବର୍ଷ। ଗାଁରେ ସ୍କୁଲ ନ ଥିବାବେଳେ ମାତାପିତା ନ ଥିବାରୁ ମମିତା ସ୍କୁଲ ମାଟି ମାଡ଼ିନାହାନ୍ତି। ଏବେ ସେ ଜେଜେ ବାପା ଘାଷି ମାଝି ଓ ଜେଜେ ମା' ମଙ୍ଗଲେ ମାଝିଙ୍କ ପାଖରେ ରହି ଘର କାମରେ ସାହାଯ୍ୟ କରୁଛନ୍ତି। ପାଠ ପଢିବାକୁ ଇଚ୍ଛା ଥିଲେ ମଧ୍ୟ ପାରିବାରିକ ସମସ୍ୟା ହେତୁ ପାଠ ପଢିପାରୁ ନ ଥିବା ମମିତା କହିଛନ୍ତି।

ପ୍ରକାଶ ଯେ, ଦେଦର ପଞ୍ଚାୟତର ବଣପାହାଡ଼ ଘେରା ଗାଁ ହେଉଛି କୁସୁମ୍ଭରା। ଗାଁରେ ବିଭିନ୍ନ ସମ୍ପ୍ରଦାୟର ପ୍ରାୟ ୨୦ରୁ ଅଧିକ ପରିବାର ବସବାସ କରନ୍ତି। ଏହି ଗାଁର ଅର୍ଜୁନ ମାଝି ଓ ସସ୍ମିତା ମାଝିଙ୍କ ଝିଅ ଅଟନ୍ତି ମମିତା। କିଛିବର୍ଷ ତଳେ ମମିତାଙ୍କୁ ଜନ୍ମଦେଇ ମା' ସସ୍ମିତା ଆଖି ବୁଝିଥିଲେ। ପରେ ପିତା ଅର୍ଜୁନ ଝିଅର ଲାଳନପାଳନ କଲେ। ହେଲେ ଗତବର୍ଷ ଜ୍ୱରରେ ପୀଡିତ ହୋଇ ତାଙ୍କର ଦେହାନ୍ତ ହୋଇଥିଲା। ବର୍ତ୍ତମାନ ବୃଦ୍ଧ ଜେଜେ ବାପା ଓ ଜେଜେ ମା' ତାଙ୍କ ସାହାରା ପାଲଟିଛନ୍ତି। କିଛିଦିନ ତଳେ ସାମାଜିକ କର୍ମୀ ଯଶୋବନ୍ତ ରଣା ମମିତାଙ୍କ ବିଷୟରେ ଖବର ପାଇ ତାଙ୍କ ଘରକୁ ଯାଇ ସମସ୍ତ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ସେ ପଢିବାକୁ ଇଚ୍ଛା ପ୍ରକାଶ କରିବାରୁ ତାକୁ ପଢ଼ିବାର ସମସ୍ତ ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମମିତାଙ୍କ ଜେଜେ ବାପା, ଜେଜେ ମା' ମଧ୍ୟ କୌଣସି ଏକ ଆଶ୍ରମ ସ୍କୁଲରେ ରଖି ପଢାଇବାକୁ କହିଥିଲେ। ଏହି ସମସ୍ୟା ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ମମିତାଙ୍କୁ ଥଇଥାନ କରିବାକୁ ସାମାଜିକ କର୍ମୀ ରଣା ଓ ଗ୍ରାମବାସୀ ଦାବି କରିଛନ୍ତି।


ଜେଜେ ମା'ଙ୍କ ସହ ମମିତା ମାଝି।

# ଉଚ୍ଚ ବିଦ୍ୟାଳୟ ଅପ୍‌ଗ୍ରେଡ୍‌ରୁ ବାଦ୍ ପଡ଼ିଲା ଲାଞ୍ଜିଗଡ଼ ବ୍ଲକ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଲେ ସାମାଜିକ କର୍ମୀ**

ଲାଞ୍ଜିଗଡ଼,୨୮।୬(ରମେଶ ଚନ୍ଦ୍ର ନାୟକ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ରାଜ୍ୟର ୭୯ ହାଇସ୍କୁଲକୁ ଅପ୍‌ଗ୍ରେଡ୍‌କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଭାଗର ଚିଠି ନଂ.୧୪୦୨୨/୨୬।୦୬।୨୦୨୪ ଅନୁଯାୟୀ ରାଜ୍ୟର ୭୯ ହାଇସ୍କୁଲ ଚଳିତ ଶିକ୍ଷାବର୍ଷରୁ ଉନ୍ନୀତ ହେବା ସହ ନାମଲେଖା ଆରମ୍ଭ ହେବାକୁ ନିର୍ଦ୍ଦେଶ ରହିଛି। ଏଥିରେ କଳାହାଣ୍ଡି ଜିଲାର ୧୭ ହାଇସ୍କୁଲ ଅପ୍‌ଗ୍ରେଡ୍ ହେବ ବୋଲି ଜଣାପଡ଼ିଛି। ହେଲେ କଳାହାଣ୍ଡି ଜିଲାର ଆଦିବାସୀ ବହୁଳ ତଥା ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଲାଞ୍ଜିଗଡ଼ ବ୍ଲକ୍ ଏହି ଘୋଷଣାରୁ ବାଦ୍ ପଡ଼ିଛି। ବ୍ଲକ୍‌ର ଗୋଟିଏ ବି ହାଇସ୍କୁଲକୁ ଏଥିରେ ସାମିଲ କରାଯାଇ ନାହିଁ। ଫଳରେ ଅଞ୍ଚଳର ଛାତ୍ରୀଛାତ୍ର, ଅଭିଭାବକ ତଥା ବୁଦ୍ଧିଜୀବୀ ବର୍ଗ ନିରାଶ ହୋଇପଡିଛନ୍ତି। ସାମାଜିକ କର୍ମୀ ସୁଶୀଲ କୁମାର ବାଗ ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଚିଠି ଲେଖି ଏହି ନିଷ୍ପତ୍ତିର ପୁନର୍ବିଚାର କରିବା ସହ ବ୍ଲକ୍‌ର ୬ଗୋଟି ହାଇସ୍କୁଲକୁ ଅପ୍‌ଗ୍ରେଡ୍ କରିବାକୁ ଦାବି ଜଣାଇଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ବ୍ଲକ୍‌ର ବିଶ୍ୱନାଥପୁର, ଲାଞ୍ଜିଗଡ଼ ରୋଡ୍ ଓ ଲାଞ୍ଜିଗଡ଼ଠାରେ ଦ୍ୱାଦଶ ଶ୍ରେଣୀ ଯାଏ ପାଠ ପଢ଼ିବା ସୁବିଧା ଥିବାବେଳେ ବିଶ୍ୱନାଥପୁରଠାରେ ଗୋଟିଏ ମାତ୍ର ଡିଗ୍ରୀ କଲେଜ ରହିଛି। ଫଳରେ ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ର ଏହିସବୁ ସ୍ଥାନକୁ ପାଠ ପଢ଼ିବାକୁ ଆସିପାରନ୍ତି ନାହିଁ। ହାଇସ୍କୁଲ ପାଠ ଶେଷ ପରେ ଇଚ୍ଛା ଶକ୍ତି ଥାଇ ବି ଅନେକ ମେଧାବୀ ଛାତ୍ରୀଛାତ୍ର ପାଠପଢ଼ାରେ ଅଧାରୁ ଡୋରି ବାନ୍ଧିବାକୁ ବାଧ୍ୟ ହୁଅନ୍ତି। ଏଣୁ ରାଜ୍ୟ ସରକାର ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବ୍ଲକ୍‌ର ମଧୁପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କାଉଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, କମର୍ଦ୍ଧା ମଧୁ ମହେଶ୍ୱର ଉଚ୍ଚ ବିଦ୍ୟାଳୟ, ମୂଷାନାଳ ଉଚ୍ଚ ବିଦ୍ୟାଳୟ, ବିଜେପୁର ଉଚ୍ଚ ବିଦ୍ୟାଳୟ ଓ ବେନଗାଁ ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ଦାବି କରିଛନ୍ତି। ସେହିପରି ସରକାର ଉକ୍ତ ହାଇସ୍କୁଲଗୁଡ଼ିକୁ ଉନ୍ନୀତ କରିବା ପାଇଁ ପଦକ୍ଷେପ ନେବା ସହ ଚଳିତ ଶିକ୍ଷାବର୍ଷରୁ ନାମଲେଖା କରିବାକୁ ସେ ନିବେଦନ କରିଛନ୍ତି।

# କଳାହାଣ୍ଡି ଗସ୍ତରେ ଖାଦ୍ୟ ଯୋଗାଣ ମନ୍ତ୍ରୀ

**ଜିଲା ପ୍ରଶାସନ ସହ ସମୀକ୍ଷା ବୈଠକରେ ଯୋଗଦେଲେ**

ଭବାନୀପାଟଣା,୨୮।୬ (ଉତ୍ତମ କୁମାର ଦାଶ)

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ପ୍ରଥମଥର ପାଇଁ ଶୁକ୍ରବାର ସନ୍ଧ୍ୟାରେ କଳାହାଣ୍ଡିରେ ପହଞ୍ଚିଛନ୍ତି। ଭବାନୀପାଟଣାସ୍ଥିତ ପ୍ରଦକ୍ଷଣ ଗୃହରେ ଜିଲା ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମୟରେ ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଯୁବ ମୋର୍ଚ୍ଚା ଜିଲା ସଭାପତି ବିଜୟ ଦେବ ସାହୁ, କୃଷକ ମୋର୍ଚ୍ଚା ଜିଲା ସଭାପତି କେଶରୀ ଦୁର୍ଗା, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପରେ ଜିଲା ପ୍ରଶାସନ ସହ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ କଳାହାଣ୍ଡି ଜିଲାପାଳ ପି ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଉପଜିଲାପାଳ ଡ. ବିଶ୍ୱଜିତ ଦାସଙ୍କ ସହ ଯୋଗାଣ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।


ଜିଲା ପ୍ରଶାସନ ସହ ସମୀକ୍ଷା ବୈଠକ କରୁଛନ୍ତି ମନ୍ତ୍ରୀ।

# ୨ ପଞ୍ଚାୟତବାସୀଙ୍କ ବ୍ଲକ ଅଫିସ ଘେରାଉ

**ଆବାସ, ଉନ୍ନୟନମୂଳକ କାମରେ ଅନିୟମିତତା**

ନୂଆପଡ଼ା,୨୮।୬ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକର ଜଟଗଡ଼ ଓ ଜଡ଼ାମୁଣ୍ଡା ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଭିନ୍ନ ଉନ୍ନୟନ ଅନିୟମିତତା ହୋଇଥିବା ଅଭିଯୋଗ କରି ଦୁଇ ପଞ୍ଚାୟତବାସୀ ବ୍ଲକ ଅଫିସ ଘେରାଉ କରିଥିଲେ। ସେମାନଙ୍କ ଅଭିଯୋଗକ୍ରମେ ଡବ୍ଲ୍ୟୁଓଡିସି ପାଣ୍ଠିରୁ ଜଟଗଡ଼ ପଞ୍ଚାୟତ ବାଲିପାଟି ଗାଁରେ ୨ଲକ୍ଷ ଟଙ୍କାର ଯଜ୍ଞ ମଣ୍ଡପ ନିର୍ମାଣ ନାଁରେ ଟଙ୍କା ଉଠାଣ କରାଯାଇଛି। ହେଲେ ତାହା ପ୍ରକୃତ ପକ୍ଷେ ହୋଇନାହିଁ। ସେହିଭଳି ସାହାଜଟରୁ ଗଡ଼ଗଡ଼ବାହାଲି ରାସ୍ତାରେ ୫ ଲକ୍ଷ ଟଙ୍କାର କଲଭର୍ଟ ନିର୍ମାଣ, ବାଲିପାଟିର ୩ନମ୍ବର ୱାର୍ଡରେ ଦେଢଲକ୍ଷ ଟଙ୍କାର ଗାଧୁଆ ତୁଠ, ଭରୁଆମୁଣ୍ଡା ଟ୍ୟାଙ୍କରେ ଦେଢଲକ୍ଷ ଟଙ୍କାର ଗାଧୁଆ ତୁଠ ନିର୍ମାଣ କେବଳ କାଗଜ କଲମରେ ହୋଇଥିବା ସୂଚନା ଅଧିକାର ଆଇନରେ ମିଳିଥିବା ରିପୋର୍ଟରୁ ଜଣାପଡ଼ିଛି। ଜଡ଼ାମୁଣ୍ଡା ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ବ୍ୟାପକ ହରିଲୁଟ ହୋଇଛି। ଏଠାରେ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ ଉଚ୍ଛେଦ କରି ଅଯୋଗ୍ୟ ଲୋକଙ୍କୁ ତାଲିକାଭୁକ୍ତ କରାଯାଇଛି। ଫଳରେ ବହୁ ଗରିବ ଲୋକ ଯୋଜନାରୁ ସୁବିଧା ପାଇପାରୁନାହାନ୍ତି। ଏହାକୁ ନେଇ ଦୁଇ ପଞ୍ଚାୟତବାସୀ ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ଶେଷରେ ବ୍ଲକ ଅଫିସ ଆଗରେ ବିକ୍ଷୋଭ କରିଥିବା କହିଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନା ଜୋରଦାର କରିବେ ବୋଲି ଚେତାବନୀ ଦେଇଛନ୍ତି।


ବ୍ଲକ ଅଫିସ ଆଗରେ ପଞ୍ଚାୟତବାସୀ।

## ଲାଞ୍ଜିଗଡ଼ ବ୍ଲକ୍‌ରେ ପରିବା ଦର ଆକାଶଛୁଆଁ

ଲାଞ୍ଜିଗଡ଼,୨୮।୬( ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ର ପନିପରିବା ଦର ହଠାତ୍ ଆକାଶଛୁଆଁ ହୋଇଛି। ଏହା ଗରିବ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାର ପାଇଁ ସତେ ଯେପରି ଦାଉ ସାଧୁଛି। ଜିଲାରେ ପନିପରିବା ଚାଷ କମିଯାଇଥିବା ବେଳେ ପର୍ଯ୍ୟାପ୍ତ ପରିମାଣର ଶୀତଳ ଭଣ୍ଡାର ନାହିଁ। ରାଜ୍ୟ ବାହାରୁ ଅନେକ ପରିବା ଆସୁଥିବାରୁ ଦରବୃଦ୍ଧି ହେଉଥିବା କୁହାଯାଉଛି। ବ୍ଲକ୍‌ର ଲାଞ୍ଜିଗଡ଼, ବିଶ୍ୱନାଥପୁର, ଲାଞ୍ଜିଗଡ଼ ରୋଡ୍, ବେନଗାଁ, ବିଜେପୁର, ପାହାଡ଼ପଦର, ରାମଚନ୍ଦ୍ରପୁର, ଡଙ୍ଗାଜୋର ଆଦି ସାପ୍ତାହିକ ବଜାରରେ ଏବେ ଅଦା କିଲୋଗ୍ରାମ ପ୍ରତି ୧୬୦ରୁ ୨ ଶହ ଟଙ୍କା ଥିବାବେଳେ ରସୁଣ ୨ ଶହ ଟଙ୍କା, ଆଳୁ ୪୦ ଟଙ୍କା, ପିଆଜ ୪୦ ଟଙ୍କା, ଟମାଟୋ ୧୦୦ ଟଙ୍କା, ଗାଜର ୮୦ ଟଙ୍କା, ବାଇଗଣ ୬୦ ଟଙ୍କା, ଜହ୍ନି ୮୦ ଟଙ୍କା, ପତ୍ରକୋବି ୬୦ ଟଙ୍କା, ଫୁଲକୋବି ୧୦୦ ଟଙ୍କା, କଞ୍ଚାଲଙ୍କା କି.ଗ୍ରା. ପ୍ରତି ୨ ଶହ ଟଙ୍କା , ପୋଟଳ ୮୦ ଟଙ୍କା, କାଙ୍କଡ଼ ୮୦ ଟଙ୍କା, ଭେଣ୍ଡି ୬୦ ଟଙ୍କା, କାକୁଡ଼ି ୬୦ ଟଙ୍କାରେ ବିକ୍ରି ହେଉଛି। ଅନ୍ୟ ସହର ତୁଳନାରେ ଏଠାରେ ପରିବା କିଲୋ ପ୍ରତି ୨୦ଟଙ୍କା ଅଧିକ ରହିଛି। ଏଥିପ୍ରତି ସରକାର ଓ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଅସହାୟ ମମତାଙ୍କୁ ମିଳିଲା ସହାୟତା


ମମତାଙ୍କୁ ସହାୟତା ପ୍ରଦାନ କରାଯାଉଛି।

ଖଡ଼ିଆଳ,୨୮।୬ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ କିରିକିଟା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜୁନାପାଣି ଗ୍ରାମ ଖଲିଆଭଟା ପଡ଼ା ଗ୍ରାମର ମମତା ମାଝିଙ୍କ ଅସହାୟତା ସମ୍ପର୍କରେ ଗତ ୧୫ ତାରିଖରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ଖବର ପ୍ରକାଶ ପରେ ଖଡ଼ିଆଳ ବିଧାୟକ ମମତାଙ୍କୁ ତୁରନ୍ତ ସହାୟତା ଯୋଗାଇବାକୁ ବିଡିଓ ବୀରସେନ ବେହେରାଙ୍କୁ କହିଥିଲେ। ବିଡିଓ ବେହେରା ମମତାଙ୍କ ଘରକୁ ଯାଇ ୨୫ କେଜି ଚାଉଳ, ୨କେଜି ଡାଲି ସହ ଅନ୍ତ୍ୟୋଦୟ କାର୍ଡ ପ୍ରଦାନ କରିଥିଲେ। ମମତା ଏହି କାର୍ଡ ଦ୍ୱାରା ପ୍ରତିମାସ ୩୫ କେଜି ଚାଉଳ ପାଇବେ। ପୁଣି ଅତିଶୀଘ୍ର ବିଧବା ଭତ୍ତା କରିଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ।

## ନର୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ




ନର୍ଲା,୨୮।୬(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଗୋଛାୟତ ଅଧ୍ୟକ୍ଷତା କରିଥିଲେ। ନର୍ଲା ବିଧାୟିକା ମନୋରମା ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଉପସ୍ଥିତ ସଦସ୍ୟମାନଙ୍କୁ ପଚାରି ବୁଝିଥିଲେ। ସମ୍ମାନିତ ଅତିଥି ଭାବେ ନାର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନଥ ସୁନା, ବ୍ଲକ୍ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟଦେବ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ବିନୋଦିନୀ ପଣ୍ଡା, ପୁଷ୍ପାରାଣୀ ଚନ୍ଦ୍ରାକର, ପ୍ରଶାନ୍ତ କୁମାର ରଣା, ଫାର୍ମାସିଷ୍ଟ ଶାନ୍ତନୁ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଶବ ବ୍ୟବଚ୍ଛେଦ ଗୃହ, ଡାକ୍ତର ସମସ୍ୟା, ବିଭିନ୍ନ ଯନ୍ତ୍ରପାତି ପରିଚାଳନା ପାଇଁ ଥ୍ରୀ ଫେଜ୍ ଲାଇନ କନେକ୍ସନ, ଡାକ୍ତରଖାନା ପରିସରରେ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା।


## THE SUNDARGARH DISTRICT CENTRAL CO-OPERATIVE BANK LTD., SUNDARGARH-770 001

Ph: (06622)-272022, 275050, 275022, Fax: (06622)- 275122, E-mail: sundargarhdccb@gmail.com, Regd.No. 90/SG/Dt.1.6.1955

To,
**The Members,**
**Sundargarh District Central Co-operative Bank Limited,**
**Sundargarh.**

**Report on the Audit of the Standalone Financial Statements**

***Opinion***

1. We have audited the accompanying Financial Statements of **Sundargarh District Central Co-operative Bank Limited ("the Bank" or "SDCCB")**, which comprises of the Balance Sheet as at March 31, 2024, Profit and Loss Account for the year ended on March 31, 2024 and a summary of significant accounting policies and other explanatory information.
2. In our opinion, and to the best of our information and according to the explanations given to us, the aforesaid financial statements read together with the Notes to Accounts forming part of the said Financial Statements, give the information required by the Banking Regulation Act, 1949, the Odisha Cooperative Societies Act, 1962 and the Rules made thereunder (as applicable), the guidelines issued by the Reserve Bank of India (RBI) and the National Bank for Agriculture and Rural Development (NABARD), in the manner so required and give a true and fair view in conformity with the accounting principles generally accepted in India of the state of affairs of the Bank as at March 31, 2024 and its profit and its cash flows for the financial year ended on that date.

***Basis for Opinion***

3. We conducted our audit in accordance with the Standards on Auditing (SAs) issued by the Institute of Chartered Accountants of India. Our responsibilities under those standards are further described in the *Auditor's Responsibilities for the audit of the Financial Statements* section of our report. We are independent of the Bank in accordance with the code of ethics issued by the Institute of Chartered Accountants of India together with ethical requirements that are relevant to our audit of the financial statements under the provisions of the Banking Regulations Act, 1949 and the rules made there under and under the provisions of the Odisha Cooperative Societies Act, 1962 and the rules made there under and we have fulfilled our other ethical responsibilities in accordance with these requirements and the code of ethics. We believe that the audit evidence we have obtained is sufficient and appropriate to provide a basis for our opinion.

Sd/-
**M/S G. MAHAPATRA & CO.**
**(FRN: 303056E)**

**Annex I**
**Form A**
**Form of Balance Sheet**

Balance Sheet of The Sundargarh District Central Co-Operative Bank Ltd.,Sundargarh
**Balance as on 31st March 2024** (000's omitted)

| | Schedule | As on 31/03/2024 | As on 31/03/2023 |
|---|---|---|---|
| Capital and Liabilities | | | |
| Capital | 1 | 1,320,915.61 | 1,208,791.04 |
| Reserves and surplus | 2 | 1,611,245.32 | 1,006,117.18 |
| Deposits | 3 | 12,180,205.76 | 10,947,802.43 |
| Borrowings | 4 | 7,820,509.23 | 7,596,251.42 |
| Other liabilities and provisions | 5 | 2,694,302.57 | 2,560,948.94 |
| **Total:** | | **25,627,178.49** | **23,319,911.01** |
| Assets | | | |
| Cash and balances with Reserve Bank of India | 6 | 36,851.34 | 35,508.17 |
| Balance with banks and money at call and short notice | 7 | 1,203,384.95 | 1,450,789.68 |
| Investments | 8 | 9,733,778.52 | 8,192,726.78 |
| Advances | 9 | 13,708,919.66 | 12,784,216.24 |
| Fixed Assets | 10 | 88,883.05 | 88,588.98 |
| Other Assets | 11 | 855,360.96 | 768,081.15 |
| **Total:** | | **25,627,178.49** | **23,319,911.01** |
| Contingent liabilities Bills for collection | 12 | - | - |

**Form B**

**Consolidated Profit and Loss Account of The Sundargarh District Central Co-operative Bank Ltd., Sundargarh**

**Form of Profit and Loss Account for the Year ended 31st March 2024**(000's omitted)

| Sl. No. | Particulars | Schedule | As on 31.03.2024 (Current Year) | As on 31.03.2023 (Previous Year) |
|---|---|---|---|---|
| I. | Income | | | |
| | Interest Earned | 13 | 1,319,029.32 | 1,373,361.19 |
| | Other Income | 14 | 656,708.53 | 145,505.09 |
| | **Total** | | **1,975,737.85** | **1,518,866.28** |
| II. | Expenditure | | | |
| | Interest expended | 15 | 973,205.83 | 855,423.76 |
| | Operating expenses | 16 | 276,057.73 | 283,473.46 |
| | Provisions and contingencies | | 467,617.22 | 216,937.23 |
| | **Total** | | **1,716,880.78** | **1,355,834.45** |
| III. | Profit/Loss | | | |
| | Net profit/loss(-) for the year | | 258,857.07 | 163,031.84 |
| | Profit/loss(-) brought forward | | | |
| | **Total** | | **258,857.07** | **163,031.84** |
| IV. | Appropriations | | | |
| | Transfer to statutory reserves | | - | - |
| | Transfer to other reserves | | - | - |
| | Transfer to Government/ proposed dividend | | | |
| | Balance carried over to balance sheet | | 258,857.07 | 163,031.84 |
| | **Total** | | **258,857.07** | **163,031.84** |

Sd/- Manager (FAD) Sd/- Chief Executive Officer Sd/- Director Sd/- Director Sd/- Director Sd/- President

## ସଂକ୍ଷେପରେ

### ଫାୟାର ଅଫିସ ରାସ୍ତାରେ ଜମି ରହୁଛି ପାଣି



**ପାଇକମାଲ,୨୮।୬(ବଡ ଶତପଥୀ):** ବରଗଡ ଜିଲା ପାଇକମାଲରେ ଥିବା ଫାୟାର ଅଫିସ ଜର୍ଜଗଡ଼ ଗ୍ରାମରେ ଅବସ୍ଥିତ। ତହସିଲ ଅଫିସରୁ ମାତ୍ର ୪୦୦ ମିଟର ଦୂରରେ ରହିଛି ଏହି କାର୍ଯ୍ୟାଳୟ। ଏହାକୁ ଲାଗି ଆଉ ଗୋଟିଏ କୃଷି କାର୍ଯ୍ୟାଳୟ ଏଠାରେ ଅଛି। ଦୈନନ୍ଦିନ ଏହି ଅଫିସକୁ ଅନେକ ଲୋକ ତଥା ଗ୍ରାମବାସୀ ଯିବାଆସିବା କରନ୍ତି। ଏଠାକୁ ଯିବା ରାସ୍ତା ଅଣଓସାରିଆ ହୋଇଥିବା ବେଳେ ବାଟରେ ଥିବା ଗୋଟିଏ ଟିଉବୱେଲ ଥିବା ସ୍ଥାନରେ ଏହି ଅଫିସକୁ ବୁଲି କରି ଯିବାକୁ ପଡେ। ଏହି ରାସ୍ତାରେ ସବୁବେଳେ ପାଣି ଜମି ରହିଥାଏ। ତେଣୁ ଏହି ଜାଗାରେ ଗାଡିମଟର ଯିବା ଆସିବାରେ ବହୁତ କଷ୍ଟ ହୋଇଥାଏ। କେତ ଅଣଓସାରିଆ ରାସ୍ତା ପୁଣି ରାସ୍ତାରେ ଜମିରହୁଛି ପାଣି, ଆଗ ପଟରୁ ଯଦି ଗାଡି ଆସୁଥିବ ତେବେ କେଉଁ ଗାଡି କିପରି ବେକ କରିବ କେବଳ ଦେଖିବା ଲୋକ ହିଁ ଜାଣି ପାରିବ। ଏହି ଅଫିସ ଦୁଇଟି ଲୋକଙ୍କ ଯିବା ଆସିବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ। ପ୍ରଶାସନ ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

### ମହାଜନଠାରୁ ବଳିଯାଉଛି ମାଇକ୍ରୋ ଫାଇନାନ୍ସ ଋଣ

**ପଦ୍ମପୁର,୨୮।୬(ପ୍ରଦୀପ୍ତ ଦାଶ):** ଋଣ ଦେବା ଆଉ ବ୍ୟାଙ୍କର ଏକଚାଟିଆ ଅଧିକାର ନ ଥିବା ବେଳେ ଅନେକ ଅର୍ଥ ଲଗାଣକାରୀ ସଂସ୍ଥା ତଥା ମାଇକ୍ରୋ ଫାଇନାନ୍ସ ଏବେ ଋଣ ଦେଉଛନ୍ତି। ପଦ୍ମପୁର ଅଞ୍ଚଳରେ ଛତୁ ଫୁଟିଲା ଭଳି ଗଢି ଉଠିଥିବା ଅନେକ ମାଇକ୍ରୋ ଫାଇନାନ୍ସ ଋଣ ନାମରେ ମହାଜନୀ କାରବାର ଚଲାଇଛନ୍ତି। ଏମାନେ ବିଭିନ୍ନ ଗ୍ରାମକୁ ଯାଇ ପ୍ରଥମେ ମହିଳାମାନଙ୍କ ଗୋଷ୍ଠୀ ତିଆରି କରୁଛନ୍ତି। ସେମାନଙ୍କୁ ବିଭିନ୍ନ ପ୍ରକାର ମାଧ୍ୟମରେ ପ୍ରରୋଚିତ କରି ଗୋଷ୍ଠୀ ଋଣ (ଗ୍ରୁପ ଲୋନ) ପ୍ରଦାନ କରୁଛନ୍ତି। ପରେ ଅସୁଲି ସମୟରେ ଏମାନେ ଏମିତି ସୁଧ ନେଉଛନ୍ତି ଯେ ଏହାର ସୁଧହାରରେ ପରିବାର ସର୍ବସ୍ୱାନ୍ତ ହୋଇଯାଉଛନ୍ତି। କେବଳ ଆଧାର କାର୍ଡ ଓ ବ୍ୟାଙ୍କ ପାସବୁକ ଯଥେଷ୍ଟ କହି ଏଜେଣ୍ଟମାନେ ଋଣ ଗ୍ରହୀତାଙ୍କୁ ପ୍ରଲୋଭିତ କରୁଛନ୍ତି। ବ୍ୟାଙ୍କକୁ ଯାଇ ହଇରାଣ ହେବା ଅପେକ୍ଷା ଦୁଆର ମୁହଁରେ ଟଙ୍କା ମିଳୁଥିବାରୁ ସେମାନେ ମଧ୍ୟ ସୁବିଧା ଜନକ ବୋଲି ଭାବୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଏଜେଣ୍ଟମାନେ ସପ୍ତାହ/ପାକ୍ଷିକ ହିସାବରେ ମୂଳସୁଧ ଅସୁଲି କରୁଛନ୍ତି। ଯେଉଁମାନେ ସାମାନ୍ୟ ସମୟ ଖିଲାପ କଲେ ମଧ୍ୟ ସେମାନଙ୍କ ଘର ମୁହଁରେ ଜଗି ବସୁଛନ୍ତି। ବର୍ତ୍ତମାନ ପଦ୍ମପୁର ଅଞ୍ଚଳରେ ଖରିଫ ଚାଷ ସମୟ। ଅନେକ କୃଷି ଶ୍ରମିକ ପରିବାର ଚାଷକାର୍ଯ୍ୟରେ ନିୟୋଜିତ। ମାତ୍ର ଏହି ସୁଧ ଲଗାଣକାରୀ ସଂସ୍ଥା ଏଜେଣ୍ଟମାନେ କୌଣସି କଥାକୁ ବିଚାର ନ କରି ମହିଳାମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ଆଜି ବି ଅନେକ ଅଞ୍ଚଳକୁ ବ୍ୟାଙ୍କ ସେବା ପହଞ୍ଚି ପାରି ନ ଥିବା ବେଳେ ଏହି ବେସରକାରୀ ସଂସ୍ଥା ତାର ଫାଇଦା ନେଉଛନ୍ତି। ଏଭଳି ସଂସ୍ଥାର କାର୍ଯ୍ୟକଳାପରେ ରୋକ ଲଗାଇ ଏକ ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି।

# ନିଯୁକ୍ତି ଦାବିକଲା କନିଷ୍ଠ ଶିକ୍ଷକ ଆଶାୟୀ ସଂଘ

**ବରଗଡ଼,୨୮।୬(ପ୍ରେମାନନ୍ଦ ଖମାରୀ)**

ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏଥିପାଇଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଅନ୍ୟପଟେ ରାଜ୍ୟରେ ଅନେକ ଆଶାୟୀ କନିଷ୍ଠ ଶିକ୍ଷକ ଅଛନ୍ତି। ଏହାସତ୍ତ୍ୱେ ସେମାନଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ଫଳରେ ଆଶାୟୀ କନିଷ୍ଠ ଶିକ୍ଷକମାନଙ୍କୁ ନିରାଶ ହେବାକୁ ପଡ଼ିଛି। ଏଭଳି ସ୍ଥିତିରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କନିଷ୍ଠ ଶିକ୍ଷକ ଆଶାୟୀ ସଂଘ, ବରଗଡ଼ ଦାବି କରିଛି। ଏହି କ୍ରମରେ ଶୁକ୍ରବାର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଗତ ୨୦୧୬ ପରଠାରୁ ରାଜ୍ୟରେ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇ ନାହିଁ। ବର୍ତ୍ତମାନ ଚାଲିଥିବା ୨୦ ହଜାର କନିଷ୍ଠ ଶିକ୍ଷକ (ଯୋଜନା ଭିତ୍ତିକ) ନିଯୁକ୍ତି ପ୍ରକ୍ରିୟା ନ୍ୟାୟାଳୟରେ ବିଚାରାଧୀନ ଥିଲା। ଗତ ୧୮ତାରିଖ ଉଚ୍ଚ ନ୍ୟାୟାଳୟ ଏହି ନିଯୁକ୍ତି ପ୍ରକ୍ରିୟା ସମ୍ବନ୍ଧିତ ଆବେଦନକୁ ବିଚାର



ନିଯୁକ୍ତି ଦାବିରେ ଫେରାଦ ହୋଇଥିବା ଆଶାୟୀ କନିଷ୍ଠ ଶିକ୍ଷକବୃନ୍ଦ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର**

କରିବା ସହିତ ପୂର୍ବ ପ୍ରକାଶିତ ମେରିଟ୍ ଲିଷ୍ଟକୁ କାଏମ ରଖି ନିଯୁକ୍ତି ପ୍ରକ୍ରିୟା ଆଗକୁ ବଢ଼ାଇବା ପାଇଁ ରାୟ ଦେଇଛନ୍ତି। ଏହାସତ୍ତ୍ୱେ ସରକାର କିଛି ପଦକ୍ଷେପ ନେଇ ନ ଥିବା ସଂଘ ଅଭିଯୋଗ କରିଛି। କିନ୍ତୁ ରାଜ୍ୟରେ ନୂତନ ଗଠିତ ନୂତନ ସରକାର ଏ ଦିଗରେ ବିହିତ ପଦକ୍ଷେପ ନେବ ବୋଲି ସଂଘ ଆଶା ରଖିଛି। ୨୦ ହଜାର କନିଷ୍ଠ ଶିକ୍ଷକ(ଯୋଜନା ଭିତ୍ତିକ) ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ନିଯୁକ୍ତି ପ୍ରକ୍ରିୟାରେ ଉପନୀତ ହୋଇଥିବା ଆଶାୟୀ କନିଷ୍ଠ ଶିକ୍ଷକମାନଙ୍କୁ ଯଥାଶୀଘ୍ର ନିଯୁକ୍ତି ପ୍ରଦାନ କରିବାକୁ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛି। ଏହା କରାଗଲେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ହୋଇ ପାରିବ ଏବଂ ପ୍ରାଥମିକ ଶିକ୍ଷାର ବିକାଶ ହେବ ବୋଲି କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ସ୍ମାରକପତ୍ରରେ ଉଲ୍ଲେଖ କରିଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଘ ପକ୍ଷରୁ ତାରାକାନ୍ତ ସାହୁ, ଟିକେଶ୍ୱରୀ ସାହୁ, ପଦ୍ମିନୀ ଭୁଏ, ବୈଜନ୍ତୀ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଉଦ୍‌ଘାଟିତ

**ପଦ୍ମପୁର,୨୮।୬(ପ୍ରଦୀପ୍ତ ଦାଶ)**

**ଛାତ୍ରୀଛାତ୍ରଙ୍କୁ ବିଜ୍ଞାନଶିକ୍ଷା ଆକର୍ଷିତ କରାନ୍ତୁ**

ପରିବର୍ତ୍ତିତ ଯୁଗ ତଥା ଭବିଷ୍ୟତର ଆହ୍ୱାନକୁ ଆଖି ଆଗରେ ରଖି ସରକାରୀସ୍ତରରେ ଗତବର୍ଷଠାରୁ ଆରମ୍ଭ ହେଇଥିବା ଅଭିଳକ୍ଷୀତ ପାଠ୍ୟକ୍ରମର ବିଭିନ୍ନ କ୍ଲବ ମଧ୍ୟରୁ ଜିଜ୍ଞାସା ଅନ୍ୟତମ, ଯାହାକି ହାଇସ୍କୁଲସ୍ତରୀୟ ଛାତ୍ରୀଛାତ୍ରଙ୍କଠାରେ ବିଜ୍ଞାନଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ ତଥା ଅଭିରୁଚି ସୃଷ୍ଟି କରିବା ଲକ୍ଷ୍ୟରେ ତିଆରି ହେଇଥିବା ପାଠ୍ୟକ୍ରମ ଆଜିଠାରୁ ସମଗ୍ର ବରଗଡ ଜିଲାର ବିଭିନ୍ନ ସ୍କୁଲରେ ଏହି ପ୍ରଶିକ୍ଷଣ ଆରମ୍ଭ ହୋଇଯାଇଛି। ଏହି କ୍ରମରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଜମଲା ପରିସରରେ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଯାଇଛି। ଶିକ୍ଷକ ସୁଶୀଲ କୁମାର ବରିହା ଅତିଥି ପରିଚୟ ପ୍ରଦାନ କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସାଧନକର୍ମୀ ମାନସ ଶତପଥୀ ଓ ମୋହନ ରଣା ଏହି ଶିବିରରେ ତିନିଦିନ ଧରି ପ୍ରଶିକ୍ଷଣ ଦେବେ। ସଭା ଆରମ୍ଭରୁ ମା' ସରସ୍ୱତୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରାଯାଇଥିଲା ଓ ସ୍କୁଲ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତଗାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରଶିକ୍ଷଣରେ ରାଜବୋଡାସମ୍ବର ବ୍ଲକ ଓ ଗାଇସିଲେଟ ବ୍ଲକର ସମସ୍ତ ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଛନ୍ତି।



ଉଦ୍‌ଘାଟନୀ ସଭାରେ ଅତିଥି ଓ ଶିକ୍ଷକ ଶିକ୍ଷୟିତ୍ରୀ।

# ଶିଶୁ ଶ୍ରମିକ ଉଦ୍ଧାର ଅଭିଯାନ

**ବରଗଡ଼,୨୮।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ପୋଲିସ ୟୁନିଟ୍‌ର ମିଳିତ ପ୍ରୟାସରେ ବରଗଡ଼ ପୌରାଞ୍ଚଳ, ବରପାଲି, ଅତାବିରା ବିଜ୍ଞାପିତ ଅଞ୍ଚଳ ଏବଂ ଗୋଡ଼ଭଗା ଅଞ୍ଚଳରେ ରହିଥିବା ବିଭିନ୍ନ ଦୋକାନ, ଗ୍ୟାରେଜ, ହୋଟେଲ, ଢ଼ାବା ଆଦି ବ୍ୟବସାୟିକ ଅନୁଷ୍ଠାନରେ ବୁଧବାର, ଗୁରୁବାର ଅତର୍କିତ ଚଢ଼ାଉ କରାଯାଇଥିଲା। ଉକ୍ତ ଚଢ଼ାଉ ସମୟରେ ଅତାବିରା ଝାଙ୍କରଟିକ୍ରା ଅଞ୍ଚଳର ଜଣେ ଶିଶୁ ଶ୍ରମିକଙ୍କୁ ଏକ ଗାଡ଼ିଧୁଆ କେନ୍ଦ୍ରରୁ ଉଦ୍ଧାର କରି ସ୍ଥାନୀୟ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯାଇଥିଲା। ପରେ ଶିଶୁ ମଙ୍ଗଳ ସମିତି କର୍ମକର୍ତ୍ତା ସମ୍ପୃକ୍ତ



ଶିଶୁ ମଙ୍ଗଳ ସମିତିର କର୍ମକର୍ତ୍ତାବୃନ୍ଦ।

ନାବାଳକଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଆସିବା ପରେ ନାବାଳକଙ୍କୁ ତାଙ୍କୁ ହସ୍ତାନ୍ତର କରାଯାଇଥିଲା। ଶିଶୁକୁ ଉତ୍ତମ ଶିକ୍ଷାଦାନ ଦେବା ସହିତ ସମାଜର ମୁଖ୍ୟସ୍ରୋତରେ ସେ କିଭଳି ସାମିଲ ହୋଇ ପାରିବେ, ସେ ନେଇ ପରିବାର ଲୋକଙ୍କୁ ଶିଶୁ ମଙ୍ଗଳ ସମିତିର କର୍ମକର୍ତ୍ତାମାନେ ବୁଝାଇଥିଲେ।

## ୨ ବାଲି ବୋଝେଇ ଡମ୍ଫର ଗାଡ଼ି ଜବତ

**ବରଗଡ଼,୨୮।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ବିଭିନ୍ନ ନଦୀରୁ ବାଲି ଚୋରାଚାଲାଣ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଭୋର୍ ସକାଳୁ ଏବଂ ରାତି ଅଧିଆ ଜିଲାର ନଦୀ ଗୁଡ଼ିକରୁ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ଜିଲା ତଥା ଜିଲା ବାହାରକୁ ସେହି ବାଲି ଚାଲାଣ ହେଉଥିବାବେଳେ ଏଥିପାଇଁ ସରକାରଙ୍କ ବ୍ୟାପକ ରାଜସ୍ୱହାନୀ ହେଉଛି। ତେବେ ଗୁରୁବାର ରାତିରେ ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ନିକଟ ନଦୀରୁ ବାଲି ଚାଲାଣ ହେଉଥିବାବେଳେ ପୋଲିସ ଏବଂ ବିଭାଗୀୟ କର୍ତ୍ତୃପକ୍ଷ ୨ବାଲି ବୋଝେଇ ଡମ୍ଫର ଗାଡ଼ି ଜବତ କରିଛି। ଜବତ ବାଲି ବୋଝେଇ ଡମ୍ଫର ଗାଡ଼ିକୁ ବୈଷ୍ଣୋଦେବୀ ମନ୍ଦିର ନିକଟରୁ ଜବତ କରାଯାଇଥିଲା। ଜବତ ବାଲି ବୋଝେଇ ଗାଡ଼ିକୁ ସଦର ଥାନାରେ ରଖାଯାଇଛି। ଏଭଳି ଭାବେ ଜିଲାର ଅନ୍ୟ ବ୍ଲକଗୁଡ଼ିକରେ ମଧ୍ୟ ବାଲି ଚୋରାଚାଲାଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବିଧାୟକଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା



ବୈଠକରେ ଉପସ୍ଥିତ ବିଧାୟକ ଏବଂ ଅନ୍ୟମାନେ।

**ସୋହେଲା,୨୮।୬(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲାରେ ଶୁକ୍ରବାର ସ୍ଥାନୀୟ ଡାକ ବଙ୍ଗଳାଠାରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ବ୍ଲକ ଅଫିସର କର୍ମଚାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ସୁରେନ୍ଦ୍ର ମେହେର, ଅତିରିକ୍ତ ବିଡିଓ ଭିଜିଲ ଲାକ୍ରା, ସହକାରୀ ଯନ୍ତ୍ରୀ ଦୀପ୍ତିରାଣୀ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ନିବାସ ପଟ୍ଟନାୟକ, ବ୍ୟୋମକେଶ ମିଶ୍ର, ନିରଞ୍ଜନ ନାୟକ, ଜୟରାମ ବାଗ, ସୁନିଲ ସାହୁ ଓ କୈଳାସ ମେହେର, ଖାଦ୍ୟ ଓ ଯୋଗାଣ ଅଧିକାରୀ ରଶ୍ମି ରଞ୍ଜନ ଘଡାଇ, ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ପ୍ରେମଲାଲ ସିଦ୍ଦାର, ବିପିସି ତୁଷାର ରଞ୍ଜନ ଭଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ, ପ୍ରସ୍ତାବିତ ପ୍ରକଳ୍ପ, ବ୍ଲକ କାର୍ଯ୍ୟାଳୟରେ ଶୃଙ୍ଖଳା ବିଷୟରେ ବିଧାୟକ ଆଚାର୍ଯ୍ୟ ପଚାରି ବୁଝିବା ସହିତ ସ୍କୁଲ ସମ୍ବନ୍ଧୀୟ ସମସ୍ତ ପ୍ରକଳ୍ପ ଗୁଡ଼ିକୁ ତ୍ୱରିତ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଶିନୀ କୁମାର ପାତ୍ର, ରଘୁବୀର ଭୋଇ ଓ ଇମରାନ ଭୋପଲା ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣା, ବାଇକ୍ ଆରୋହୀ ମୃତ

**ବରଗଡ଼,୨୮।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ହଲଦୀପାଲି ଛକରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ୩୦ମିନିଟ୍‌ରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ବରଗଡ଼ ଜିଲା ପାଟକୁଲୁଣ୍ଡା ଗ୍ରାମର ଗୋବର୍ଦ୍ଧନ ମେହେର (୩୮) ବୋଲି ଜଣାପଡ଼ିଛି। ପୋଲିସ ତାଙ୍କ ଶବକୁ ଜବତ କରି ବରଗଡ଼ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖିଛି। ସୂଚନା ଅନୁଯାୟୀ, ମୃତକ ଜଣକ ବାଇକ୍ ଯୋଗେ କୌଣସି କାମରେ ବରଗଡ଼ ସହରକୁ ଆସିଥିଲେ। ତେବେ ସେ କାମ ସାରି ଘରକୁ ଫେରୁଥିବାବେଳେ ଏକ ପିକଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହିତ ପିକଅପ୍ ଭ୍ୟାନ ଡ୍ରାଇଭରଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି।


## THE SUNDARGARH DISTRICT CENTRAL CO-OPERATIVE BANK LTD., SUNDARGARH-770 001

**Ph: (06622)-272022, 275050, 275022, Fax: (06622)- 275122, E-mail: sundargarhdccb@gmail.com, Regd.No. 90/SG/Dt.1.6.1955**

To,
**The Members,**
**Sundargarh District Central Co-operative Bank Limited,**
**Sundargarh.**

**Report on the Audit of the Standalone Financial Statements**

***Opinion***

1. We have audited the accompanying Financial Statements of **Sundargarh District Central Co-operative Bank Limited ("the Bank" or "SDCCB")**, which comprises of the Balance Sheet as at March 31, 2024, Profit and Loss Account for the year ended on March 31, 2024 and a summary of significant accounting policies and other explanatory information.

2. In our opinion, and to the best of our information and according to the explanations given to us, the aforesaid financial statements read together with the Notes to Accounts forming part of the said Financial Statements, give the information required by the Banking Regulation Act, 1949, the Odisha Cooperative Societies Act, 1962 and the Rules made thereunder (as applicable), the guidelines issued by the Reserve Bank of India (RBI) and the National Bank for Agriculture and Rural Development (NABARD), in the manner so required and give a true and fair view in conformity with the accounting principles generally accepted in India of the state of affairs of the Bank as at March 31, 2024 and its profit and its cash flows for the financial year ended on that date.

***Basis for Opinion***

3. We conducted our audit in accordance with the Standards on Auditing (SAs) issued by the Institute of Chartered Accountants of India. Our responsibilities under those standards are further described in the *Auditor's Responsibilities for the audit of the Financial Statements* section of our report. We are independent of the Bank in accordance with the code of ethics issued by the Institute of Chartered Accountants of India together with ethical requirements that are relevant to our audit of the financial statements under the provisions of the Banking Regulations Act, 1949 and the rules made there under and under the provisions of the Odisha Cooperative Societies Act, 1962 and the rules made there under and we have fulfilled our other ethical responsibilities in accordance with these requirements and the code of ethics. We believe that the audit evidence we have obtained is sufficient and appropriate to provide a basis for our opinion.

Sd/-
**M/S G. MAHAPATRA & CO.**
**(FRN: 303056E)**

**Annex I**
**Form A**
**Form of Balance Sheet**

Balance Sheet of The Sundargarh District Central Co-Operative Bank Ltd.,Sundargarh
**Balance as on 31st March 2024** (000's omitted)

| | Schedule | As on 31/03/2024 | As on 31/03/2023 |
|---|---|---|---|
| Capital and Liabilities | | | |
| Capital | 1 | 1,320,915.61 | 1,208,791.04 |
| Reserves and surplus | 2 | 1,611,245.32 | 1,006,117.18 |
| Deposits | 3 | 12,180,205.76 | 10,947,802.43 |
| Borrowings | 4 | 7,820,509.23 | 7,596,251.42 |
| Other liabilities and provisions | 5 | 2,694,302.57 | 2,560,948.94 |
| **Total:** | | **25,627,178.49** | **23,319,911.01** |
| Assets | | | |
| Cash and balances with Reserve Bank of India | 6 | 36,851.34 | 35,508.17 |
| Balance with banks and money at call and short notice | 7 | 1,203,384.95 | 1,450,789.68 |
| Investments | 8 | 9,733,778.52 | 8,192,726.78 |
| Advances | 9 | 13,708,919.66 | 12,784,216.24 |
| Fixed Assets | 10 | 88,883.05 | 88,588.98 |
| Other Assets | 11 | 855,360.96 | 768,081.15 |
| **Total:** | | **25,627,178.49** | **23,319,911.01** |
| Contingent liabilities Bills for collection | 12 | - | - |

**Form B**

**Consolidated Profit and Loss Account of The Sundargarh District Central Co-operative Bank Ltd., Sundargarh**

**Form of Profit and Loss Account for the Year ended 31st March 2024**(000's omitted)

| Sl. No. | Particulars | Schedule | As on 31.03.2024 (Current Year) | As on 31.03.2023 (Previous Year) |
|---|---|---|---|---|
| I. | Income | | | |
| | Interest Earned | 13 | 1,319,029.32 | 1,373,361.19 |
| | Other Income | 14 | 656,708.53 | 145,505.09 |
| | **Total** | | **1,975,737.85** | **1,518,866.28** |
| II. | Expenditure | | | |
| | Interest expended | 15 | 973,205.83 | 855,423.76 |
| | Operating expenses | 16 | 276,057.73 | 283,473.46 |
| | Provisions and contingencies | | 467,617.22 | 216,937.23 |
| | **Total** | | **1,716,880.78** | **1,355,834.45** |
| III. | Profit/Loss | | | |
| | Net profit/loss(-) for the year | | 258,857.07 | 163,031.84 |
| | Profit/loss(-) brought forward | | | |
| | **Total** | | **258,857.07** | **163,031.84** |
| IV. | Appropriations | | | |
| | Transfer to statutory reserves | | - | - |
| | Transfer to other reserves | | - | - |
| | Transfer to Government/ proposed dividend | | | |
| | Balance carried over to balance sheet | | 258,857.07 | 163,031.84 |
| | **Total** | | **258,857.07** | **163,031.84** |

Sd/- Manager (FAD) | Sd/- Chief Executive Officer | Sd/- Director | Sd/- Director | Sd/- Director | Sd/- President

# ଉପଲବ୍ଧ ସୁବିଧା ରୋଗୀଙ୍କୁ ମିଳିବା ଦରକାର

## ଭୀମସାରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

■ ଭାଜପା କର୍ମୀ, ନେତାଙ୍କ ସହ ସମ୍ବଲପୁରର ସ୍ୱାସ୍ଥ୍ୟ ସେବା ବିଷୟରେ ଆଲୋଚନା

ସମ୍ବଲପୁର,୨୮।୬(ଭବାନୀ ଶଙ୍କର ଭୋଇ)

ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସକାଳେ ମା' ସମଲେଇଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହାପରେ ସେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଘରକୁ ଯାଇ ସାକ୍ଷାତ୍ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ସହରର ଜଣ୍ଡିସ୍ ସ୍ଥିତି, ସମ୍ବଲପୁର ସଦର ଡାକ୍ତରଖାନା ଏବଂ ବୁର୍ଲା ଭିମସାରରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। କଚେରୀ ରୋଡସ୍ଥିତ ଭାଜପା କାର୍ଯ୍ୟାଳୟ ଯାଇ କର୍ମୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଭୀମସାର ନିର୍ଦ୍ଦେଶକ ଡ.ଭାବଗ୍ରାହୀ ରଥ, ଅଧ୍ୟକ୍ଷ ଡ.ଲାଲମୋହନ ନାୟକ ଓ ଅନ୍ୟ ବରିଷ୍ଠ ଡାକ୍ତର, ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ବିଧାୟକ ଜୟ ନାରାୟଣ ମିଶ୍ର ଉପସ୍ଥିତ ଥିଲେ। ଭିମସାରରେ ଉପଲବ୍ଧ ସମସ୍ତ ସୁବିଧା ରୋଗୀଙ୍କ ପାଖରେ କିଭଳି ଠିକ୍ ଭାବେ ପହଞ୍ଚି ପାରିବ ସେ ନେଇ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଭିମସାରର ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତି ପ୍ରସଙ୍ଗରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଠାରେ ଏମ୍ଆରଆଇ ସେବା ତୁରନ୍ତ କିପରି ଆରମ୍ଭ ହେବ ସେ ନେଇ ଚେଷ୍ଟା କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଆଲୋଚନା ସମୟରେ ଯେଉଁ ଡାକ୍ତରମାନେ ବୁର୍ଲାରେ ନିଯୁକ୍ତ ଥାଇ ମଧ୍ୟ ଅନ୍ୟତ୍ର କାର୍ଯ୍ୟ କରୁଛନ୍ତି ସେମାନଙ୍କୁ କାରଣଦର୍ଶାଅ ନୋଟିସ୍ ପଠାଯିବ ବୋଲି ମନ୍ତ୍ରୀ ତାଗିଦ୍ କରିଥିଲେ। ଭୀମସାରରେ କେନ୍ଦ୍ର ସରକାରଙ୍କ ଅନୁଦାନରେ ତିଆରି ହୋଇଥିବା ସୁପର ସ୍ପେଶାଲିଟି ହସ୍ପିଟାଲ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସରକାରୀସ୍ତରରେ ଉଦ୍ୟମ କରାଯିବ ବୋଲି ମହାଲିଙ୍ଗ କହିଥିଲେ ।

ଏହାପରେ ଅଶୋକ ନିବାସରେ ବଜରଙ୍ଗ ଦଳ ମହାନଗର କମିଟି ସଭାପତି ବିକାଶ ବେହେରାଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମହାଲିଙ୍ଗଙ୍କୁ ଭେଟି ହୀରାକୁଦ ମେଡିକାଲରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଓ ମେଡ଼ିସିନ ବିଶେଷଜ୍ଞ ଭଳି ଗୁରୁତ୍ୱପୂର୍ଣ୍ଣ ଡାକ୍ତର ପଦ ସ୍ଥାୟି ଭାବରେ ନିଯୁକ୍ତି ଦେବାକୁ ଦାବି କରାଯାଇଥିଲା। ଏଥିସହ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସମେତ ସବୁ ବର୍ଗର ରୋଗୀଙ୍କ ପାଇଁ ମାଗଣାରେ ରକ୍ତ ଯୋଗାଣ ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ବଜରଙ୍ଗ ଦଳ ପ୍ରତିନିଧି ଦଳରେ ସୁବାସ ଡାକୁଆ, ଅଜୟ ମିର୍ଦ୍ଧା, ଶୁଭମ ପୁରୀ, ସନ୍ତୋଷ ସାହୁ ଉପସ୍ଥିତ ଥିଲେ। ଏହାପରେ ଦାନିପାଲି ସ୍ଥିତ ରରେଶ୍ୱର ରାମଚଣ୍ଡୀ ମନ୍ଦିରକୁ ଯାଇ ଦର୍ଶନ କରିବା ସହ କଲତା ସମାଜ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସମ୍ବଲପୁର କୁଲତା ସମାଜ ସଭାପତି କୃପାସିନ୍ଧୁ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିକିଲିନ ସେଲ ରୋଗ ନିରୂପଣ ଏବଂ ଏହାର ଚିକିତ୍ସା କ୍ଷେତ୍ରରେ କୁଲତା ସମାଜ ୨୦୦୦ ମସିହାରୁ କରି ଆସିଥିବା କାର୍ଯ୍ୟକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ଏହାସହ ସିକିଲିନ ରୋଗ ନିରୂପଣ ପାଇଁ ଆଗାମୀ ଦିନରେ କୁଲତା ସମାଜ ସହଯୋଗରେ ସିକିଲିନ ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ସ୍ଥାପନା ହେବା ପରେ ସ୍ୱାସ୍ଥ୍ୟ କ୍ଷେତ୍ରର ପଶ୍ଚିମ ଓଡ଼ିଶାରେ ରହିଥିବା ଅନେକ ଅସୁବିଧା ଦୂର ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି।



ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଧାୟକ ଜୟନାରାୟଣ ମିଶ୍ର, ଭିମସାର ନିର୍ଦ୍ଦେଶକ ଓ ଅନ୍ୟମାନେ।

# ବିଦ୍ୟୁତ୍ ତାର ଚୋରି, ୮ ଗିରଫ



ବିଦ୍ୟୁତ୍ ତାର ଚୋରିରେ ଗିରଫ ଅଭିଯୁକ୍ତ ।

କୁଚିଣ୍ଡା,୨୮।୬(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଛକରୁ ମିଟୁପଡା ଯାଇଥିବା ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ପୋଲିସ ୮ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲା ଧନୁପାଲି ଥାନା ରାଷ୍ଟ୍ରପତି କଲୋନୀର ବିଜୁ ନାଏକ(୩୫), ସାକ୍ଷୀପଡାର ଅରୁଣ ଦୋରା(୧୯) ଓ ମହେଶ ନାଏକ(୨୦), ବୁର୍ଲା ଥାନା ବ୍ରହ୍ମପୁର ପଡାର ପ୍ରକାଶ ଓରାମ(୨୪), ଯୁଯୁମୁରା ଥାନା କୁଲସରର ରସାନନ୍ଦ ବାଘ(୧୯) ଓ ପ୍ରଦୀପ ଭୋଇ(୨୧), ନୂଆବଲଣ୍ଡାର କବି ଗୁରୁ(୩୬) ଓ କପିଳେଶର ଭୋଇ(୩୦)। ଟିପିଡବ୍ଲ୍ୟୁଓଡିଏଲ ଯନ୍ତ୍ରୀ ପ୍ରାଞ୍ଜଳ ପାଠକଙ୍କ ରିପୋର୍ଟ ଆଧାରରେ ପୋଲିସ ଆଇପିସି ଦଫା ୩୭୯/ ୧୩୬, ବିଦ୍ୟୁତ ଆଇନ-୨୦୦୩(ନଂ.୧୦୯/୨୪)ରେ ଏକ ମାମଲା ରୁଜୁ କରିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ୫୮୦ମିଟର ବିଦ୍ୟୁତ୍ ତାର ଜବତ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ଗୋବିନ୍ଦପୁର ଛକରୁ ମିଟୁପଡା ଯାଇଥିବା ବିଦ୍ୟୁତ ତାର ଚୋରି ହେଉଥିବା ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ରାଜେନ୍ଦ୍ର କୁମାର ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ଶୁକ୍ରବାର ଭୋର ସମୟରେ ଦୁର୍ବୃତ୍ତ ମାନଙ୍କୁ ଧରିଥିଲା। ଏ ନେଇ ଟିପିଡବ୍ଲ୍ୟୁଓଡିଏଲ ଯନ୍ତ୍ରୀ ପ୍ରାଞ୍ଜଳ ପାଠକ ଥାନାରେ ଏତଲା କରିଥିଲେ। ଗିରଫ ବିଜୁ ନାଏକ ଏହି ଘଟଣାର ମାଷ୍ଟର ମାଇଣ୍ଡ। ତାଙ୍କ ନାମରେ ଧୂରୁଆଡିହି, କୋଲାବିରା, ଲଇକେରା ଓ କୁଚିଣ୍ଡା ଆଦି ଥାନାରେ ଚୋରି ମାମଲା ରହିଛି। ସମ୍ବଲପୁରରେ ତାଙ୍କର ଏକ ଟେଷ୍ଟ ହାଉସ ରହିଥିବା ଆଇଆଇସି ବେହେରା କହିଛନ୍ତି।

# ୧୪ଶହ ବୋତଲ କଫ୍‌ସିରପ ଜବତ, ୨ ଗିରଫ

ସମ୍ବଲପୁର,୨୮।୬(ପ୍ରମୋଦ ବହିଦାର)

ବେଆଇନ ଭାବେ ଚାଲାଣ ହେଉଥିବା ପ୍ରାୟ ୧୪ ଶହ ବୋତଲ ନିଷିଦ୍ଧ କଫ୍ ସିରପକୁ ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବଡ଼ବଜାର ସୁନରୀପଡ଼ାର ନିତ୍ୟାନନ୍ଦ ବିଶି(୩୭) ଓ ଧନୁପାଲି ଭତରାର ସୁକାନ୍ତ ସାହୁ(୪୯)।

ପୋଲିସ ସୂଚନା ଅନୁସାରେ ଗୁରବାର କ୍ଷେତରାଜପୁର ଥାନା ପାଟ୍ରୋଲିଂ ଦଳକୁ ଏକ ବୁର୍ଲାରୁ ସମ୍ବଲପୁରକୁ ଏକ ମାରୁତି ଡିଜାୟାର କାର(ଓଡି-୧୫-ଏକ୍ସ-୫୨୯୪)ରେ ବଡ଼ବଜାର ସୁନାରୀପଡ଼ା ଅଞ୍ଚଳର ନିତ୍ୟାନନ୍ଦ ବିଶି ବ୍ୟାପକ ପରିମାଣର କଫ ସିରପ ଚୋରା ଚାଲାଣ କରୁଥିବା ଖବର ମିଳିଥିଲା। କ୍ଷେତରାଜପୁର ଥାନା ପୋଲିସ ବୁର୍ଲା-ସମ୍ବଲପୁର ରାସ୍ତାର ଦୁର୍ଗାପାଲି ଛକରେ ଛକି ରହିଥିଲେ। ଅପରାହ୍ନ ପ୍ରାୟ ୪ଟାରେ ସେହି ବାଟଦେଇ ଦ୍ରୁତଗତିରେ ଆସୁଥିବା ଉକ୍ତ କାରକୁ ପାଇ ଦୁର୍ଗାପାଲି ଛକରେ ଅଟକା ଯାଇଥିଲା। ଯାଞ୍ଚ ବେଳେ କାରରୁ ୪ଟି ଜରି ବସ୍ତାରେ ଥିବା ୧୪ ଶହ ବୋତଲ(ଶହେ ମିଲିଲିଟର) କଫ୍ ସିରପ ଜବତ କରାଯାଇଥିଲା। ପଚରାଉଚରା ବେଳେ ସେମାନେ କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ତାହାକୁ ଜବତ କରିଥିଲା। କାରରେ ଥିବା ନିତ୍ୟାନନ୍ଦ ବିଶି ଓ ସୁକାନ୍ତ ସାହୁ କଫ୍ ସିରପ ବ୍ୟବସାୟ କରୁଥିବା ସ୍ୱୀକାର କରିଥିଲେ। ସେମାନଙ୍କ ନିକଟରୁ ନଗଦ ୫୫ ହଜାର ଟଙ୍କା, ଦୁଇଟି ମୋବାଇଲ ଫୋନ ଓ ଚୋରା ଚାଲାଣରେ ବ୍ୟବହୃତ କାରକୁ ପୋଲିସ ଜବତ କରିଛି। ଏହାକୁ ନେଇ କ୍ଷେତରାଜପୁର ଥାନାରେ ଏକ ମାମଲା (୧୩୯/୨୪)ରେ ରୁଜୁ ହୋଇଛି। ୨ ଅଭିଯୁକ୍ତଙ୍କ ବିରୋଧରେ ସମ୍ବଲପୁରର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।



ଜବତ କାର ଓ ଜରିବସ୍ତାରେ ଥିବା କଫ୍ ସିରପ ବୋତଲ, ଗିରଫ ଦୁଇ ଅଭିଯୁକ୍ତ ।

# ଗଞ୍ଜେଇ ଜବତ, ଜଣେ ଗିରଫ

ରେଢାଖୋଲ,୨୮।୬(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଅବକାରୀ ବିଭାଗ ଚଢାଉ କରି ରେଳଷ୍ଟେଶନ ପୁରୁଣାଗଡ ଛକରୁ ଏକ ବାଇକରେ ଗଞ୍ଜେଇ ଚୋରାଚାଲାଣ ବେଳେ ବାଇକ ସହ ୬ କେଜି ଗଞ୍ଜେଇ ଜବତ କରିଛି। ଚୋରାଚାଲାଣକାରୀ ବୌଦ୍ଧ ଜିଲା ବଡବାଗବର ଗ୍ରାମର ମନୋଜ ମହାନନ୍ଦ(୫୦)ଙ୍କୁ ଗିରଫ କରାଯାଇଛି। ଏ ନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ବୌଦ୍ଧରୁ ବାଇକ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ପୁରୁଣାଗଡ ଛକରେ ଅବକାରୀ ବିଭାଗ କର୍ମଚାରୀ ଛକି ରହିଥିଲେ। ବାଇକକୁ ଅଟକାଇ ଯାଞ୍ଚ କରିବା ପରେ ୬କେଜି ଗଞ୍ଜେଇ ଥିବା ଜଣାପଡିଥିଲା। ଇନ୍ସପେକ୍ଟର ଦୁର୍ବାଦଳ ବିଶ୍ୱାଳ, ସବଇନ୍ସପେକ୍ଟର ଯାଦବ ପ୍ରଧାନ, ଏଏସଆଇ ଜିତେନ୍ଦ୍ର ପଟେଲ ଚଢାଉରେ ସାମିଲ ଥିଲେ।

# ବିଡିଓଙ୍କୁ ମୁକ୍ତିଧାମ ନିର୍ମାଣ କମିଟିର ଦାବିପତ୍ର

କୁଚିଣ୍ଡା,୨୮।୬(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ଷ୍ଟେଶନ ବସ୍ତି ବାଘପଡ଼ା ଘାଟି ମୁକ୍ତିଧାମ ନାମରେ ଜମି ପଟ୍ଟା ଯୋଗାଇଦେବା ଓ ମୁକ୍ତିଧାମ ନିର୍ମାଣ ପାଇଁ ଦାବି ଉଠିଛି। ମୁକ୍ତିଧାମ ନିର୍ମାଣ କମିଟି ପକ୍ଷରୁ ଏ ନେଇ ବାମରା ତହସିଲଦାର ଓ ବିଡଓଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, କୁଚିଣ୍ଡା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ, ଜିଲାପାଳ ଓ କୁଚିଣ୍ଡା ଉପ ଜିଲାପାଳଙ୍କୁ ଇମେଲ ମାଧ୍ୟମରେ ଦାବିପତ୍ରର ନକଲ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଦୀର୍ଘ ସାତ ଦଶନ୍ଧି ହେବ ବାମରାରେ ହିନ୍ଦୁମାନଙ୍କ ପାଇଁ ଅନ୍ତିମ ସତ୍କାର ପାଇଁ ସରକାରୀଭାବେ ଜମି ଯୋଗାଇ ଦିଆଯାଇନାହିଁ। ଫଳରେ ସେମାନେ ବାମରା ବାଘପଡ଼ା ଘାଟିରେ ଥିବା ୧୦ ଏକର ଜମି ପରିସରରେ ଅନ୍ତିମ ସଂସ୍କାର କରି ଏହାକୁ ମୁକ୍ତିଲାଭ ଭାବେ ବ୍ୟବହାର କରି ଆସୁଛନ୍ତି। ମାତ୍ର ଗତ କିଛିବର୍ଷ ପୂର୍ବରୁ କେତେକ ଜମି ମାଫିଆ ମୁକ୍ତିଧାମ ଓ ସେଠାରେ ଥିବା ସମାଧି ଗୁଡ଼ିକୁ ବୁଲଡୋଜର ଲଗାଇ ଭାଙ୍ଗି ଦେଇଥିଲେ।ଫଳରେ ବାମରାବାସୀ ଏହାକୁ ବିରୋଧ କରିବାରୁ ସେମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ ହୋଇଥିଲା। ଏହି ଦାବିପତ୍ର ପ୍ରଦାନ ସମୟରେ ବାମରା ମୁକ୍ତିଧାମ କମିଟିର ମହେନ୍ଦ୍ର ଚୌଧୁରୀ, ଜ୍ୟୋତି କୁମାର ଲାଠ, ସନ୍ତୋଷ ପାଣ୍ଡେ, ନରେଶ ସିଂହ ଠାକୁର, ବିଷ୍ଣୁ ଅଗ୍ରୱାଲ,ପ୍ରତୀକ ଅଗ୍ରୱାଲ, ରାହୁଲ ସାହୁ, ଚଙ୍କି ଉପାଧ୍ୟାୟଙ୍କ ସମେତ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।



ବାମରା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବିଜେଡି ପକ୍ଷରୁ ରକ୍ତଦାନ ଶିବିର, ୫୧ ୟୁନିଟ୍ ରକ୍ତ ସଂଗ୍ରହ

ଦେବଗଡ଼,୨୮।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବିଜୁ ଜନତା ଦଳ ପକ୍ଷରୁ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ତିଳେଇବଣି ବ୍ଲକ ଅନ୍ତର୍ଗତ ଗୋହିରା ଡ୍ୟାମ ଡାକବଙ୍ଗଳାଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଲା। ରକ୍ତଦାନ ଶିବିରରେ ଅନେକ ମହିଳା ମଧ୍ୟ ଯୋଗ ଦେଇ ରକ୍ତଦାନ କରିଥିଲେ। ଏଥିରେ ଦେବଗଡ଼ ବ୍ଲଡ଼ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶାଳ, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ବ୍ଲକ ସଭାପତି ବାବୁଲାଲ ପୃସେଠ, ଜିଲା ମହିଳା ସଭାନେତ୍ରୀ ଆରୁଣୀ ପ୍ରଧାନ, ଜିଲା ଯୁବ ସଭାପତି ପ୍ରତାପ ଦେବ, ଛାତ୍ର ସଭାପତି ଭବାନୀ ସାହୁ, ଆମାରସେନ ହେମ୍ବ୍ରମ, ଯୁବ ନେତା ରୁନା ପଣ୍ଡା, ସୁନିଲ ସାହୁ, ରୂପକ ମାଝି, ଶରତ ମେହେର, ସ୍ୱସ୍ତିକ ମହାପାତ୍ର, ଦିଲୀପ ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଧାୟକ ବିଶାଳ କେକ କାଟିବା ସହ ନେତା ଓ କର୍ମୀ ଜନ୍ମ ଦିନ ପାଳନ କରିଥିଲେ।

## THE SUNDARGARH DISTRICT CENTRAL CO-OPERATIVE BANK LTD., SUNDARGARH-770 001

Ph: (06622)-272022, 275050, 275022, Fax: (06622)- 275122, E-mail: sundargarhdccb@gmail.com, Regd.No. 90/SG/Dt.1.6.1955

To,
**The Members,**
**Sundargarh District Central Co-operative Bank Limited,**
**Sundargarh.**

**Report on the Audit of the Standalone Financial Statements**

*Opinion*

1. We have audited the accompanying Financial Statements of **Sundargarh District Central Co-operative Bank Limited ("the Bank" or "SDCCB")**, which comprises of the Balance Sheet as at March 31, 2024, Profit and Loss Account for the year ended on March 31, 2024 and a summary of significant accounting policies and other explanatory information.

2. In our opinion, and to the best of our information and according to the explanations given to us, the aforesaid financial statements read together with the Notes to Accounts forming part of the said Financial Statements, give the information required by the Banking Regulation Act, 1949, the Odisha Cooperative Societies Act, 1962 and the Rules made thereunder (as applicable), the guidelines issued by the Reserve Bank of India (RBI) and the National Bank for Agriculture and Rural Development (NABARD), in the manner so required and give a true and fair view in conformity with the accounting principles generally accepted in India of the state of affairs of the Bank as at March 31, 2024 and its profit and its cash flows for the financial year ended on that date.

*Basis for Opinion*

3. We conducted our audit in accordance with the Standards on Auditing (SAs) issued by the Institute of Chartered Accountants of India. Our responsibilities under those standards are further described in the *Auditor's Responsibilities for the audit of the Financial Statements* section of our report. We are independent of the Bank in accordance with the code of ethics issued by the Institute of Chartered Accountants of India together with ethical requirements that are relevant to our audit of the financial statements under the provisions of the Banking Regulations Act, 1949 and the rules made there under and under the provisions of the Odisha Cooperative Societies Act, 1962 and the rules made there under and we have fulfilled our other ethical responsibilities in accordance with these requirements and the code of ethics. We believe that the audit evidence we have obtained is sufficient and appropriate to provide a basis for our opinion.

Sd/-
**M/S G. MAHAPATRA & CO.**
**(FRN: 303056E)**

**Annex I**
**Form A**
**Form of Balance Sheet**

Balance Sheet of The Sundargarh District Central Co-Operative Bank Ltd.,Sundargarh
**Balance as on 31st March 2024** (000's omitted)

| | Schedule | As on 31/03/2024 | As on 31/03/2023 |
|---|---|---|---|
| Capital and Liabilities | | | |
| Capital | 1 | 1,320,915.61 | 1,208,791.04 |
| Reserves and surplus | 2 | 1,611,245.32 | 1,006,117.18 |
| Deposits | 3 | 12,180,205.76 | 10,947,802.43 |
| Borrowings | 4 | 7,820,509.23 | 7,596,251.42 |
| Other liabilities and provisions | 5 | 2,694,302.57 | 2,560,948.94 |
| **Total:** | | **25,627,178.49** | **23,319,911.01** |
| Assets | | | |
| Cash and balances with Reserve Bank of India | 6 | 36,851.34 | 35,508.17 |
| Balance with banks and money at call and short notice | 7 | 1,203,384.95 | 1,450,789.68 |
| Investments | 8 | 9,733,778.52 | 8,192,726.78 |
| Advances | 9 | 13,708,919.66 | 12,784,216.24 |
| Fixed Assets | 10 | 88,883.05 | 88,588.98 |
| Other Assets | 11 | 855,360.96 | 768,081.15 |
| **Total:** | | **25,627,178.49** | **23,319,911.01** |
| Contingent liabilities Bills for collection | 12 | - | - |

**Form B**

**Consolidated Profit and Loss Account of The Sundargarh District Central Co-operative Bank Ltd., Sundargarh**

**Form of Profit and Loss Account for the Year ended 31st March 2024**(000's omitted)

| Sl. No. | Particulars | Schedule | As on 31.03.2024 (Current Year) | As on 31.03.2023 (Previous Year) |
|---|---|---|---|---|
| I. | Income | | | |
| | Interest Earned | 13 | 1,319,029.32 | 1,373,361.19 |
| | Other Income | 14 | 656,708.53 | 145,505.09 |
| | **Total** | | **1,975,737.85** | **1,518,866.28** |
| II. | Expenditure | | | |
| | Interest expended | 15 | 973,205.83 | 855,423.76 |
| | Operating expenses | 16 | 276,057.73 | 283,473.46 |
| | Provisions and contingencies | | 467,617.22 | 216,937.23 |
| | **Total** | | **1,716,880.78** | **1,355,834.45** |
| III. | Profit/Loss | | | |
| | Net profit/loss(-) for the year | | 258,857.07 | 163,031.84 |
| | Profit/loss(-) brought forward | | | |
| | **Total** | | **258,857.07** | **163,031.84** |
| IV. | Appropriations | | | |
| | Transfer to statutory reserves | | - | - |
| | Transfer to other reserves | | - | - |
| | Transfer to Government/ proposed dividend | | | |
| | Balance carried over to balance sheet | | 258,857.07 | 163,031.84 |
| | **Total** | | **258,857.07** | **163,031.84** |

Sd/- Manager (FAD) Sd/- Chief Executive Officer Sd/- Director Sd/- Director Sd/- Director Sd/- President

## ଲୋୟର ସୁକତେଲ ବିସ୍ଥାପିତ

# ବିସ୍ଥାପିତ କଲୋନିରେ ପାନୀୟଜଳ ସଙ୍କଟ

**ବଲାଙ୍ଗୀର,୨୮।୬(ବୀରେନ୍ଦ୍ର କୁମାର ଝାଙ୍କର)**



ଲୋୟର ସୁକ୍‌ତେଲ ବିସ୍ଥାପିତ କଲେନୀ ବ୍ଲକ୍ 'ଡି'ର ଲୋକେ ପାନୀୟ ଜଳସଙ୍କଟ ନେଇ ଦାବିପତ୍ର ଦେବାକୁ ଯାଉଛନ୍ତି।

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ଖୁଣ୍ଟପାଲି ଗାଁର ବିସ୍ଥାପିତମାନେ ବଲାଙ୍ଗୀର ସହର ଉପକଣ୍ଠ ସଦାଇପାଲି--ଲର୍କିପାଲି ମୌଜାରେ ତିଆରି ଥଇଥାନ କଲୋନୀରେ ରହୁଛନ୍ତି। ଏହି ଥଇଥାନ କଲୋନୀର ବ୍ଲକ ଡିରେ ଏବେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏହା ଫଳରେ ସେଠାରେ ବସବାସ କରୁଥିବା ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ କହିବା ମୁତାବକ ପାନୀୟ ଜଳ ଯୋଗାଣ ନିୟମିତ ହେଉନାହିଁ। ଦିନେ ପାଣି ଆସିଲେ ୫ ଦିନ ଆସୁନାହିଁ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରେ ଯେତେ ହାରିଗୁହାରି କଲେ ମଧ୍ୟ ପାଣି ଯୋଗାଣ ଠିକ୍ ଠାକ୍ ହେଉନାହିଁ। ଅତି ବେଶିରେ ଅଧଘଣ୍ଟା ପାଣି ଯୋଗାଇ ଦିଆଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଥଇଥାନ କଲୋନୀରେ ପର୍ଯ୍ୟାପ୍ତ ସଂଖ୍ୟକ ବୋରୱେଲ ନ ଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଥଇଥାନ କଲୋନୀର ଅନ୍ୟ ବ୍ଲକଗୁଡିକରେ ମଧ୍ୟ ପାନୀୟ ଜଳ ଯୋଗାଣକୁ ନେଇ ବିସ୍ଥାପିତମାନେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପାନୀୟ ଜଳର ସ୍ଥାୟୀ ପ୍ରତିକାର ପାଇଁ ବ୍ଲକ ଡି କଲୋନୀର ନୀଳମଣି ମେହେର, କାଶୀନାଥ ପଶାୟତ, ରକ୍ଷକ ସାହୁ, ଗୋଲେକ ପଧାନ, ହାଡୁ କୁମରା, ଶିବ ପଟେଲ, ସୁନୀଲ ସାହୁ, ରଘୁନାଥ ସାହୁ, ବନମାଳୀ ସାହୁ, ବିଶ୍ୱନାଥ ସାହୁ ଓ ଅନ୍ୟମାନେ ବଲାଙ୍ଗୀର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ପ୍ରତିକାର ପାଇଁ ଦାବିପତ୍ର ଦେଇଛନ୍ତି। ଜିଲାରେ ଜଳାଭାବକୁ ଦୂର କରିବା ପାଇଁ ବିସ୍ଥାପିତ ହୋଇଥିବା ଲୋକେ ଜଳାଭାବର ସମ୍ମୁଖୀନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା କହିଛନ୍ତି। ବିଭାଗୀୟ ଅଧିକାରୀମାନେ ଏଦିଗରେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ସେ ଦାବି କରୁଛନ୍ତି। ଆଇନଜୀବୀ ରତନ ମହାରଣା, ସତ୍ୟରଞ୍ଜନ ମିଶ୍ର ଓ ପ୍ରଶାନ୍ତ ମହାକୁର ମଧ୍ୟ ଦାବିପତ୍ର ଦେଲାବେଳେ ଉପସ୍ଥିତ ଥିଲେ।

### ପ୍ରତିକାର ପାଇଁ ଦାବିପତ୍ର ଦେଲେ ଲୋକେ

# ଫେରିବା ବାଟରେ ତୀର୍ଥଯାତ୍ରୀଙ୍କ ମୃତ୍ୟୁ

**ବଲାଙ୍ଗୀର,୨୮।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ନିକଟ ସଦାଇପାଲି ଗାଁରୁ ଗତ ୨୩ ତାରିଖରୁ ୧୧୬ ଜଣ ତୀର୍ଥଯାତ୍ରୀ ବନାରସ, ପ୍ରୟାଗରାଜ୍ ଓ ଚିତ୍ରକୁଟ ଯାତ୍ରା କରିଥିଲେ। ତେବେ ତୀର୍ଥଯାତ୍ରୀମାନେ ସଦାଇପାଲି ଫେରୁଥିବାବେଳେ ଟ୍ରେନ ଭିତରେ ତୀର୍ଥଯାତ୍ରୀ କାଦମ୍ବିନୀ ନାଏକ (୭୦) ଝାଡାବାନ୍ତିରେ ଅସୁସ୍ଥ ହୋଇପଡିଥିଲେ। ରେଲୱେ ଡାକ୍ତର ଚିକିତ୍ସା ପାଇଁ ଆସିଥିଲେ। ପ୍ରାଥମିକ ଚିକିତ୍ସା ପରେ ରାଉରକେଲାରେ ଓହ୍ଲାଇ କାଦମ୍ବିନୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଆମ୍ବୁଲାନ୍ସରେ ରୋଗୀଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରୋଗୀଙ୍କ ସହିତ ତାଙ୍କ ବୋହୂ, ସମ୍ପର୍କୀୟ ନାତି ଏବଂ ପଡୋଶୀ ଦୁଇଜଣ ଯାତ୍ରୀ ଡାକ୍ତରଖାନାରେ ରହି ସହଯୋଗ କରିଥିଲେ। ମାତ୍ର ଡାକ୍ତରଙ୍କ ଚେଷ୍ଟା ସତ୍ତ୍ୱେ କାଦମ୍ବିନୀଙ୍କ ମୃତ୍ୟୁ ହୋଇଯାଇଥିଲା। ରାଉରକେଲାରୁ କାଦମ୍ବିନୀଙ୍କ ମରଶରୀରକୁ ଏକ ଗାଡିରେ ସଦାଇପାଲିକୁ ଅଣାଯାଇଥିଲା। ଗାଁରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। କାଦମ୍ବିନୀଙ୍କ ମୃତ୍ୟୁଖବର ପାଇବା ପରେ ତାଙ୍କ ସହ ତୀର୍ଥଯାତ୍ରାରେ ଯାଇଥିବା ଯାତ୍ରୀମାନେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ତୀର୍ଥ ଯାତ୍ରାରେ ମୃତକଙ୍କ ବୋହୂ ସୁଜାତା ନାଏକ, ପୁତୁରା ସତ୍ୟବାଦୀ ନାଏକ, ପୁତୁରା ବୋହୂ ସ୍ୱର୍ଣ୍ଣପ୍ରଭା ନାଏକଙ୍କ ସହିତ ସାମାଜିକ କର୍ମୀ ଡ. ଶ୍ରୀକର ମିଶ୍ର, ଡା. ପ୍ରମୋଦ କୁମାର ମିଶ୍ର, ବିରଞ୍ଚି ସାଏ ସାମିଲ ଥିଲେ। ଏମାନେ କାଦମ୍ବିନୀଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।



ମୃତା କାଦମ୍ବିନୀ ନାଏକଙ୍କ ଫାଇଲ ଫଟୋ

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓର ବିକ୍ଷୋଭ




ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର ସଙ୍ଗଠନ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବଲାଙ୍ଗୀର,୨୮।୬(ବୀରେନ୍ଦ୍ର କୁମାର ଝାଙ୍କର)**

### ନିଟ୍ ୟୁଜି, ୟୁଜିସି ନେଟ୍ ପ୍ରବେଶିକା ପରୀକ୍ଷା ମହାଦୁର୍ନୀତିର ପ୍ରତିବାଦ

ନିଟ୍ ଏବଂ ନେଟ୍ ପ୍ରବେଶିକା ପରୀକ୍ଷାରେ ଘଟିଥିବା ମହାଦୁର୍ନୀତିର ପ୍ରତିବାଦରେ ଅଲ୍ ଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ) ବଲାଙ୍ଗୀର ଜିଲା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ନିଟ୍ ଏବଂ ନେଟ୍ ପ୍ରବେଶିକା ପରୀକ୍ଷାର ଦୁର୍ନୀତିର ଉଚ୍ଚସ୍ତରୀୟ ନିରପେକ୍ଷ ନ୍ୟାୟିକ ତଦନ୍ତ କରାଯିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ସଙ୍ଗଠନ ପକ୍ଷରୁ ଏନ୍‌ଟିଏକୁ ସମ୍ପୂର୍ଣ୍ଣ ରଦ୍ଦ କରିବା, ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ କାଉନସିଲିଂ ବନ୍ଦ ରଖିବା, କେନ୍ଦ୍ର ଶିକ୍ଷା ଓ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଦାବିରେ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଙ୍ଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ନିଟ୍ ପରୀକ୍ଷାରେ ଦୁର୍ନୀତି ଓ ଅନିୟମିତତା ସାମ୍ନାକୁ ଆସିଥିଲା। କିଛି ଦିନ ତଳେ ନିଟ୍ ପିଜି ପରୀକ୍ଷାକୁ ମଧ୍ୟ ଅଚାନକ ବାତିଲ କରାଯାଇଥିଲା। ଫଳରେ ଲକ୍ଷାଧିକ ଆଶାୟୀ ଛାତ୍ରୀଛାତ୍ର ମାନସିକ ଚାପରେ ରହିଛନ୍ତି। କିଛି ଛାତ୍ରୀଛାତ୍ର ଚାପରେ ଆତ୍ମହତ୍ୟା ମଧ୍ୟ କରିଦେଇଥିବା ଖବର ମିଳିଛି। ଏହି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ବିକ୍ଷୋଭ କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓ ରାଜ୍ୟ ଉପସଭାପତି ସୁନୀଲ ଭୋଇ, ଜିଲା ସମ୍ପାଦକ ମଧୁସୂଦନ ବାଗ, ଜିଲା କମିଟି ସଭ୍ୟ ଗୌରୀ ରାଉତ, ପ୍ରଭାସିନୀ ଭୋଇ, ଲିଙ୍ଗରାଜ ନାଗଙ୍କ ସହ ଅନେକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଇସ୍ରୋ ଯାତ୍ରା କରିବେ ବୈଜ୍ଞାନିକ ଆହ୍ୱାନ

**ନୂଆପଡ଼ା,୨୮।୬( ମକାରୁ ବେମାଲ)**



ନୂଆପଡ଼ା ଜିଲା ସଦର ମହାକୁମା ଏନ୍‌ଏସିର ୱାର୍ଡ ନଂ.୧୧ ଲକ୍ଷ୍ମୀନଗର ବାସିନ୍ଦା ଚଞ୍ଚଳା ଖମାରି ଓ ଜୟନ୍ତ ଖମାରୀଙ୍କ ପୁଅ ବୈଜ୍ଞାନିକ ଆହ୍ୱାନ ଜ୍ୟୋତି ଖମାରୀ ଜୁଲାଇ ୧ରେ ଅହମଦାବାଦସ୍ଥିତ ଇସ୍ରୋ ଯାତ୍ରା କରିବେ। ସେ ବର୍ତ୍ତମାନ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଛୋଟବେଳୁ ବିଜ୍ଞାନ ପ୍ରତି ରୁଚି ରଖୁଥିବା ଆହ୍ୱାନ ବିଭିନ୍ନ ପ୍ରକଳ୍ପ ତିଆରି କରି ଜିଲାସ୍ତରରେ ପୁରସ୍କୃତ ହୋଇଛନ୍ତି। ଗତବର୍ଷ ଡିସେମ୍ବର ୧୩ରେ ସେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ଯୁବ ବୈଜ୍ଞାନିକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ସ୍ଥାନ ପାଇବା ସହ କୃତିତ୍ୱ ଅର୍ଜନ କରିଥିଲେ। ଏହାପରେ ଇସ୍ରୋ ଯିବାପାଇଁ ମନୋନୀତ ହୋଇଛନ୍ତି। ଇସ୍ରୋରେ ସେ ବୈଜ୍ଞାନିକମାନଙ୍କ ସହ ମିଶି ଜ୍ଞାନ ଆହରଣ କରିବେ। ତାଙ୍କ ମା' ଜଣେ ସଫଳ ଉଦ୍ୟୋଗୀ ହୋଇଥିବା ବେଳେ ବାପା ଜଣେ ଖବରଦାତା ଭାବେ କାର୍ଯ୍ୟରତ ଅଛନ୍ତି। ଏହି ସଫଳତା ପଛରେ ମା', ବାପା, ବଡ଼ ଭଉଣୀଙ୍କ ଅବଦାନ ରହିଥିବା ବେଳେ ଆଗାମୀ ଦିନରେ ସେ ଜଣେ ସଫଳ ମହାକାଶ ବିଜ୍ଞାନୀ ହେବାକୁ ଲକ୍ଷ୍ୟ ରଖିଥିବା ଆହ୍ୱାନ କହିଛନ୍ତି। ଇସ୍ରୋ ଯାତ୍ରା ଖବର ପାଇ ତାଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟୁଛି।

# ମଦ ବିକ୍ରିକୁ ବାରଣ କଲେ ଏସ୍‌ଏଚ୍‌ଜି ମହିଳା



ବେଆଇନ ମଦ କାରବାରକୁ ମହିଳାମାନେ ବାରଣ କରୁଛନ୍ତି।

**ଲୋଇସିଂହା,୨୮।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ଗ୍ରାମରେ ବେଆଇନ ମଦ କାରବାରକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ମଦ ପିଇ ଗ୍ରାମର ୨ ଜଣଙ୍କ ମୃତ୍ୟୁ ପରେ ମହିଳାମାନେ ତାତିଛନ୍ତି। ଗୁରୁବାର ସନ୍ଧ୍ୟାରେ ଗ୍ରାମରେ ବେଆଇନ କୁଟିଆ ମଦ ବିକ୍ରିକୁ ବାରଣ କରିଛନ୍ତି ଗ୍ରାମର ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀ। ଅମାନ୍ୟ କରି ମଦ ବିକ୍ରି କଲେ ସେମାନେ ଆଇନକୁ ହାତକୁ ନେବେ ବୋଲି ଚେତାବନୀ ଦେଇଛନ୍ତି। କୁଟିଆଙ୍କ ବିରୋଧରେ ପୋଲିସ କିମ୍ବା ଅବକାରୀ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ତଲିଉଡାର ପଞ୍ଚାୟତର ସଦର ଗାଁ। ୪ ୱାର୍ଡ ବିଶିଷ୍ଟ ଗ୍ରାମର ଜନସଂଖ୍ୟା ୨ ହଜାରରୁ ଉର୍ଦ୍ଧ୍ୱ। ଗାଁରେ ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ହାଇସ୍କୁଲ ପର୍ଯ୍ୟନ୍ତ ରହିଛି। ସ୍କୁଲରେ ଶତାଧିକ ଛାତ୍ରୀଛାତ୍ର ପାଠପଢୁଛନ୍ତି। ହେଲେ ସ୍କୁଲଠୁ ମାତ୍ର ୧୫ ଫୁଟ ଦୂରରେ ଗ୍ରାମର ଦୁଇଜଣ ବ୍ୟକ୍ତି ମଦ କୁଟିଆ ଖୋଲିଛନ୍ତି। ନିକଟସ୍ଥ ବୁରୋମୁନ୍ଡା ମଦ ଭାଟିରୁ ମଦ ଆଣିବା ସହ ରନ୍ଧାମଦ ଖୋଲାଖୋଲି ଭାବରେ ବିକ୍ରି କରୁଛନ୍ତି। ସ୍କୁଲ ଛାତ୍ରୀଛତ୍ରଙ୍କ ଉପରେ କୁପ୍ରଭାବ ପଡୁଛି। ଏହା ବ୍ୟତୀତ ମଦ୍ୟପଙ୍କ ଦୌରାତ୍ମ୍ୟରେ ମହିଳାମାନେ ଅତିଷ୍ଠ ହୋଇ ପଡିଛନ୍ତି। ଘରୋଇ ହିଂସା ବଢ଼ିବାରେ ଲାଗିଛି। ମହିଳାମାନେ ଘରେ ନିର୍ଯାତନାର ଶିକାର ହେଉଛନ୍ତି। ବଲାଙ୍ଗିର ସଦର ପୋଲିସ ଓ ଅବକାରୀ ବିଭାଗ ନିକଟରେ ଅଭିଯୋଗ କଲେ ସୁଦ୍ଧା ସୁଫଳ ମିଳୁନାହିଁ। ଧର୍ମକୁ ଆଖିଠାର ସଦୃଶ କାର୍ଯ୍ୟାନୁଷ୍ଠାନ କରାଯାଉଛି। କୁଟିଆ ନିକଟରେ ମଦ ପିଇ ଗ୍ରାମର ଦୁଇଜଣ ବ୍ୟକ୍ତିଙ୍କ ଅକାଳ ମୃତ୍ୟୁ ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମର ୱାର୍ଡସଭ୍ୟା ସ୍ନେହଲତା ବିଶ୍ୱାଳ, ୱାର୍ଡସଭ୍ୟ ଭଗବାନ ନାଗଙ୍କ ନେତୃତ୍ୱରେ ଏସ୍‌ଏଚ୍‌ଜି ମହିଳା ଗ୍ରାମରେ ଜନଜାଗରଣ ରାଲି କରି କୁଟିଆ ମଦ ବିକ୍ରେତାଙ୍କୁ ବାରଣ କରିଥିଲେ।



# ODISHA PUBLIC SERVICE COMMISSION
# CUTTACK
## NOTICE

**No. 3293/ PSC Dt.27.06.2024**
**(1E-03-2024-25) (DR-II)**
**Website: http://www.opsc.gov.in**

No. D-79: It is for information of all concerned that the Commission have decided to conduct the Physical verification of original certificates/documents and Interview simultaneously, in respect of **160** candidates who have been provisionally shortlisted **for recruitment to the Post of Assistant Executive Engineer (Electrical)**, pursuant to Advt. No. 21 of 2023-24, **from 04.07.2024 to 06.07.2024** in the Office of the Commission, at 19, Dr. P.K. Parija Road, Cuttack - 753001 as per the following programme detailed below.

| Sl. No. | PPSAN No. | Roll No. Allotted | Date | Time of Verification | Time of Interview | BOARD |
|---|---|---|---|---|---|---|
| 1 | P220006165 | 5278 | 04.07.2024 | 8.30 A.M. | 10.45 A.M. | BOARD - I |
| 2 | P220007204 | 5213 | | | | |
| 3 | P220008724 | 5057 | | | | |
| 4 | P220022501 | 5324 | | | | |
| 5 | P220022748 | 5170 | | | | |
| 6 | P220025456 | 5280 | | | | |
| 7 | P220025721 | 5336 | | | | |
| 8 | P220027398 | 5026 | | | | |
| 9 | P220028890 | 5075 | | | | |
| 10 | P220034089 | 5078 | | | | |
| 11 | P220035462 | 5233 | | | | |
| 12 | P220040332 | 5005 | | | | |
| 13 | P220042248 | 5139 | 04.07.2024 | 8.30 A.M. | 10.45 A.M. | BOARD - II |
| 14 | P220044327 | 5239 | | | | |
| 15 | P220045954 | 5080 | | | | |
| 16 | P220053903 | 5118 | | | | |
| 17 | P220055807 | 5022 | | | | |
| 18 | P220056518 | 5251 | | | | |
| 19 | P220063949 | 5349 | | | | |
| 20 | P220066207 | 5267 | | | | |
| 21 | P220072012 | 5354 | | | | |
| 22 | P220079771 | 5292 | | | | |
| 23 | P220081983 | 5294 | | | | |
| 24 | P220083374 | 5246 | | | | |
| 25 | P220084995 | 5064 | 04.07.2024 | 8.30 A.M. | 10.45 A.M. | BOARD - III |
| 26 | P220085337 | 5013 | | | | |
| 27 | P220089906 | 5196 | | | | |
| 28 | P230096732 | 5015 | | | | |
| 29 | P230098681 | 5109 | | | | |
| 30 | P230098689 | 5362 | | | | |
| 31 | P230112826 | 5245 | | | | |
| 32 | P230113641 | 5151 | | | | |
| 33 | P230114762 | 5193 | | | | |
| 34 | P230116056 | 5153 | | | | |
| 35 | P230124407 | 5386 | | | | |
| 36 | P230126361 | 5323 | | | | |
| 37 | P230129430 | 5052 | 04.07.2024 | 12.30 P.M. | 2.45 P.M. | BOARD - I |
| 38 | P230131416 | 5263 | | | | |
| 39 | P230134804 | 5357 | | | | |
| 40 | P230136401 | 5023 | | | | |
| 41 | P230139823 | 5279 | | | | |
| 42 | P230140585 | 5375 | | | | |
| 43 | P230149174 | 5309 | | | | |
| 44 | P230150681 | 5102 | | | | |
| 45 | P230153970 | 5019 | | | | |
| 46 | P230162708 | 5041 | | | | |
| 47 | P230163874 | 5288 | 04.07.2024 | 12.30 P.M. | 2.45 P.M. | BOARD - II |
| 48 | P230170391 | 5125 | | | | |
| 49 | P230170544 | 5082 | | | | |
| 50 | P230172511 | 5018 | | | | |
| 51 | P230173291 | 5261 | | | | |
| 52 | P230173683 | 5272 | | | | |
| 53 | P230173785 | 5345 | | | | |
| 54 | P230174723 | 5366 | | | | |
| 55 | P230175234 | 5092 | | | | |
| 56 | P230176615 | 5047 | | | | |
| 57 | P230176959 | 5325 | 04.07.2024 | 12.30 P.M. | 2.45 P.M. | BOARD - III |
| 58 | P230177339 | 5097 | | | | |
| 59 | P230178470 | 5183 | | | | |
| 60 | P230178710 | 5382 | | | | |
| 61 | P230179543 | 5129 | | | | |
| 62 | P230179688 | 5197 | | | | |
| 63 | P230179842 | 5379 | | | | |
| 64 | P230180460 | 5287 | | | | |
| 65 | P230181945 | 5283 | | | | |
| 66 | P230182551 | 5072 | | | | |
| 67 | P230182723 | 5156 | 05.07.2024 | 8.30 A.M. | 10.45 A.M. | BOARD - I |
| 68 | P230184311 | 5226 | | | | |
| 69 | P230184434 | 5296 | | | | |
| 70 | P230186229 | 5269 | | | | |
| 71 | P230187917 | 5227 | | | | |
| 72 | P230187944 | 5222 | | | | |
| 73 | P230197306 | 5202 | | | | |
| 74 | P230234498 | 5321 | | | | |
| 75 | P240235477 | 5001 | | | | |
| 76 | P240235505 | 5229 | | | | |
| 77 | P240235717 | 5068 | | | | |
| 78 | P240236247 | 5035 | | | | |
| 79 | P240236564 | 5218 | 05.07.2024 | 8.30 A.M. | 10.45 A.M. | BOARD - II |
| 80 | P240236591 | 5348 | | | | |
| 81 | P240236635 | 5016 | | | | |
| 82 | P240238042 | 5121 | | | | |
| 83 | P240239266 | 5122 | | | | |
| 84 | P240239284 | 5007 | | | | |
| 85 | P240239434 | 5147 | | | | |
| 86 | P240239645 | 5315 | | | | |
| 87 | P240239741 | 5305 | | | | |
| 88 | P240239939 | 5258 | | | | |
| 89 | P240240324 | 5289 | | | | |
| 90 | P240241372 | 5063 | | | | |
| 91 | P240241584 | 5328 | 05.07.2024 | 8.30 A.M. | 10.45 A.M. | BOARD - III |
| 92 | P240241629 | 5140 | | | | |
| 93 | P240241878 | 5058 | | | | |
| 94 | P240241972 | 5385 | | | | |
| 95 | P240242307 | 5326 | | | | |
| 96 | P240242767 | 5281 | | | | |
| 97 | P240242804 | 5368 | | | | |
| 98 | P240242805 | 5268 | | | | |
| 99 | P240242873 | 5033 | | | | |
| 100 | P240242947 | 5275 | | | | |
| 101 | P240243434 | 5332 | | | | |
| 102 | P240243851 | 5166 | | | | |
| 103 | P240245088 | 5244 | 05.07.2024 | 12.30 P.M. | 2.45 P.M. | BOARD - I |
| 104 | P240245179 | 5388 | | | | |
| 105 | P240245967 | 5198 | | | | |
| 106 | P240246452 | 5045 | | | | |
| 107 | P240246829 | 5036 | | | | |
| 108 | P240248071 | 5141 | | | | |
| 109 | P240248395 | 5282 | | | | |
| 110 | P240248575 | 5214 | | | | |
| 111 | P240248708 | 5066 | | | | |
| 112 | P240249746 | 5257 | | | | |
| 113 | P240250540 | 5044 | 05.07.2024 | 12.30 P.M. | 2.45 P.M. | BOARD - II |
| 114 | P240251155 | 5355 | | | | |
| 115 | P240251216 | 5103 | | | | |
| 116 | P240251857 | 5181 | | | | |
| 117 | P240252200 | 5039 | | | | |
| 118 | P240255435 | 5093 | | | | |
| 119 | P240256016 | 5200 | | | | |
| 120 | P240256216 | 5274 | | | | |
| 121 | P240256258 | 5027 | | | | |
| 122 | P240257266 | 5056 | | | | |
| 123 | P240258031 | 5212 | 05.07.2024 | 12.30 P.M. | 2.45 P.M. | BOARD - III |
| 124 | P240258406 | 5238 | | | | |
| 125 | P240258722 | 5188 | | | | |
| 126 | P240259159 | 5232 | | | | |
| 127 | P240259553 | 5243 | | | | |
| 128 | P240260958 | 5186 | | | | |
| 129 | P240261052 | 5048 | | | | |
| 130 | P240261346 | 5301 | | | | |
| 131 | P240261750 | 5009 | | | | |
| 132 | P240261830 | 5392 | | | | |
| 133 | P240263256 | 5070 | 06.07.2024 | 8.30 A.M. | 10.45 A.M. | BOARD - I |
| 134 | P240263650 | 5049 | | | | |
| 135 | P240265752 | 5286 | | | | |
| 136 | P240266458 | 5298 | | | | |
| 137 | P240266843 | 5110 | | | | |
| 138 | P240267347 | 5284 | | | | |
| 139 | P240267881 | 5069 | | | | |
| 140 | P240268336 | 5254 | | | | |
| 141 | P240268485 | 5142 | | | | |
| 142 | P240268877 | 5389 | | | | |
| 143 | P240270279 | 5369 | 06.07.2024 | 8.30 A.M. | 10.45 A.M. | BOARD - II |
| 144 | P240271669 | 5113 | | | | |
| 145 | P240271829 | 5340 | | | | |
| 146 | P240272441 | 5316 | | | | |
| 147 | P240275298 | 5185 | | | | |
| 148 | P240275543 | 5361 | | | | |
| 149 | P240276221 | 5303 | | | | |
| 150 | P240277048 | 5211 | | | | |
| 151 | P240277375 | 5391 | | | | |
| 152 | P240280284 | 5124 | 06.07.2024 | 8.30 A.M. | 10.45 A.M. | BOARD - III |
| 153 | P240281004 | 5182 | | | | |
| 154 | P240281232 | 5351 | | | | |
| 155 | P240281445 | 5240 | | | | |
| 156 | P240282063 | 5377 | | | | |
| 157 | P240282133 | 5128 | | | | |
| 158 | P240283119 | 5344 | | | | |
| 159 | P240283851 | 5083 | | | | |
| 160 | P240283883 | 5194 | | | | |

**N.B.: The concerned candidates are advised to report at the office of the Commission half an hour before the commencement of verification of original certificates & documents on their scheduled dates & time as mentioned against each.**

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Interview.** The candidates shall be allowed to the viva voce test on the scheduled date & time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final

**THE CANDIDATES IS REQUIRED TO SUBMIT FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPIES AT THE TIME OF VERIFICATION**

1. Hard copy of online application form **mentioning Roll No. at the Top Right-Hand Corner**. Application forms are available in the website of the Commission. The candidates are required to download the same using their respective USERNAME and PASSWORD/ OTP etc. through OPSC e-Chayan Portal via **www.opscechayan.in.**
2. Three (03) Passport Size Photographs tagged with the Application Form and one (01) pasted at space provided in the CIF (Bio-data form/Candidate Information Form).
3. H.S.C. or Equivalent Certificate in support of declaration of age issued by the concerned Board/Council.
4. Required Odia Test Pass Certificate issued within 19.02.2024.
5. Diploma in Engineering (Electrical) pass certificate wherever applicable.
6. Degree in Electrical Engineering pass certificate issued by the recognized University/Institution recognized by the Government.
7. Mark lists of all semesters in support of Degree/Diploma in Electrical Engineering passed including fail marks, if any, issued by the concerned Council/University.
8. Certificate showing valid GATE score in Electrical Engineering.
9. "No Objection Certificate" from the Head of Office/Head of the Department in case of Government servant wherever applicable.
10. Service Certificate in case of candidates claiming age relaxation as Jr. Engineers wherever applicable.
11. Caste Certificate by birth in support of claim as SC/ST, wherever applicable (Please see and refer NOTE-2 of Para-9 of the advertisement) issued within 19.02.2024;
12. SEBC Certificate issued within 20.02.2021 to 19.02.2024 wherever applicable.
13. Permanent Disability Certificate (indicating percentage of permanent disability) issued by the concerned Medical Board within 19.02.2024, wherever applicable.
14. Release certificate of Ex-servicemen issued within 19.02.2024 as per Orissa Ex-servicemen (Recruitment to State Civil Services and Posts) Rules, 1985 vide G.A. Department Notification No. 22856-Gen., Dt.16.10.1985 wherever applicable.
15. Any proof of Identity.
16. Attestation form duly filled-in by the candidate and signed by a Gazetted Officer with seal (to be downloaded from the website of the Commission).
17. Bio-data Form (CIF) (to be downloaded and pasted/affixed with passport size photograph) duly filled in.
18. Any other relevant documents as per Para - 09 of the Advertisement.

OIPR-12002/11/0044/2425 Sd./ - Secretary (I/C)

**ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ**

ବୌଦ୍ଧ,(ଅଜିତ କୁମାର ବାରିକ): ବୌଦ୍ଧ ଥାନା ଅନ୍ତର୍ଗତ ବୌଦ୍ଧ ଏନଏସି ଅନ୍ତର୍ଗତ ମର୍ଯ୍ୟାଦାକୁଦ ଦାପାଙ୍ଗଲରେ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହକୁ ବୌଦ୍ଧ ପୋଲିସ ଶୁକ୍ରବାର ଜବତ କରିଛି। ମିଳିଥିବା ସୂଚନା ମୁତାବକ ମର୍ଯ୍ୟାଦାକୁଦ ତୁଳସୀ ବଣ ଠାରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏନେଇ ବୌଦ୍ଧ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ସଂରକ୍ଷିତ ରଖିଛି। ମୃତଦେହ ଅଚିହ୍ନା ଥିବାରୁ ପୋଲିସ ସଂରକ୍ଷିତ ରଖିଛି ଓ ଏହା ୫ ଦିନ ହେବ ମରିଥିବା ସନ୍ଦେହ କରୁଛି।



**ସୁବର୍ଣ୍ଣପୁର ଜିଲାରେ ସରିଲା ରବି ଧାନ କିଣା**

# ଉତ୍ପାଦନ କମିଲା, ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେଲାନି

ସୋନପୁର,୨୮।୬(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟରେ ରବି ଧାନ ସଂଗ୍ରହ ଅବଧି ପୂରଣ ହେବାକୁ ହାତରେ ଆଉ ୨ ଦିନ ବାକି ରହିଛି। ସୁବର୍ଣ୍ଣପୁର ଜିଲାରେ ଇତିମଧ୍ୟରେ ୨୦ଲକ୍ଷ ୩୨ହଜାର ୩୪୯ କୁଇଣ୍ଟାଲ ୬୦କିଲୋ ଧାନ ସଂଗ୍ରହ ହୋଇଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୨୯ହଜାର ୩୬୪ ଚାଷୀ ଧାନ ବିକ୍ରି କରିଛନ୍ତି। ସେଥିମଧ୍ୟରୁ ୨୯ହଜାର ୨୮୫ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଏମ୍‌ଏସ୍‌ପି ବାବଦରେ ୪୪୨କୋଟି ୩୧ଲକ୍ଷ ୯୮ହଜାର ୧୧୧ଟଙ୍କା ପ୍ରଦାନ କରା ଯାଇଥିବା ରାଜ୍ୟ ଯୋଗାଣ ନିଗମ ତଥ୍ୟରୁ ଜଣାଯାଇଛି। ଗତ ମେ ୨୨ ତାରିଖରୁ ଜିଲାରେ ମଣ୍ଡି ଖୋଲିଥିଲା। ହେଲେ ଜିଲାରେ ଧାନ ଉତ୍ପାଦନ କମ୍ ଯୋଗୁ କ୍ୟା ଆସନ୍ତା ଖରିଫରେ ସରକାର ଧାନ କୁଇଣ୍ଟାଲ ୩୧୦୦ଟଙ୍କାରେ କିଣିବାର ସମ୍ଭାବନା ଥିବାରୁ ମଣ୍ଡିକୁ କିଛି ଦିନ ହେବ ଧାନ ଆସୁନି। ତେଣୁ ଶୁକ୍ରବାର ସନ୍ଧ୍ୟାରୁ ଜିଲାର ସମସ୍ତ ମଣ୍ଡି ମନ୍ଦ ହେବା ସହ ରବି ଧାନ କିଣା ସରିଛି। ୨୦୨୩-୨୪ ରବି ଋତୁରେ ଜିଲାର ପ୍ରାୟ ୩୪ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ୩୫ହଜାର ୫୮୦ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଥିଲେ। ତେବେ ଧାନ ଅମଳ ସମୟରେ କୁଆ ପଥର ମାଡ ଯୋଗୁ ଚଳିତ ବର୍ଷ ଜିଲାର ରବି ଧାନ ଅମଳ ହ୍ରାସ ପାଇଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷେ ରାଜ୍ୟରେ ଭାଜପା ସରକାର ଆସିବା ପରେ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଆସନ୍ତା ଖରିଫ ରତୁରୁ ଚାଷୀଙ୍କୁ ନିର୍ଦ୍ଧାରିତ ଏମ୍‌ଏସ୍‌ପି ଠାରୁ ଧାନ କୁଇଣ୍ଟାଲ ପ୍ରତି ଅଧିକ ୮୦୦ ରୁ ୯୦୦ ଟଙ୍କା ମିଳିବ। ଏଥିରୁ ଲାଭ ଉଠାଇବା ପାଇଁ କିଛି ମିଲର୍ସ ଓ ବଡ ଧାନ ବ୍ୟବସାୟୀ ମାନେ ଚାଷୀଙ୍କ ନିକଟରୁ କମ୍ ଦରରେ ଧାନ କିଣି ଗୋଦାମରେ ଗଚ୍ଛିତ କରି ରଖିଥିବା ଅଭିଯୋଗ ହୋଇଛି। ସରକାର ପ୍ରଥମ ପର୍ଯ୍ୟାୟରେ ଏହି ଜିଲାକୁ ୨୨ଲକ୍ଷ ୯୯ହଜାର ୭୯୫ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଦେଇଥିଲେ।



■୨୯,୩୬୪ ଚାଷୀ ବିକିଲେ ୨୦.୩୨ଲକ୍ଷ କୁଇଣ୍ଟାଲ

■୨୯,୨୮୫ ଚାଷୀ ପାଇଲେଣି ୪୪୨.୩୧କୋଟି

ଏହାଠାରୁ ଅଧିକ ଧାନ ପଞ୍ଜିକୃତ ଚାଷୀଙ୍କ ଠାରୁ ମଣ୍ଡିକୁ ଆସିଥିଲେ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସେଗୁଡିକୁ କିଣାଯାଇଥାନ୍ତା। ଆବଶ୍ୟକ ହେଲେ ଏହି ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି କରା ଯାଇଥାନ୍ତା। ଗତ ରବିରେ ଜିଲାର ପଞ୍ଜୀକୃତ ଚାଷୀଙ୍କ ନିକଟରୁ ୨୨ଲକ୍ଷ ୯୯ ହଜାର ୮୨୧ କୁଇଣ୍ଟାଲ ଧାନ କିଣା ଯାଇଥିଲା। ତେବେ ଚଳିତ ଥର ଧାର୍ଯ୍ୟ ଲକ୍ଷ୍ୟ ଠାରୁ ପ୍ରାୟ ୨ଲକ୍ଷ ୬୭ହଜାର ୪୪୬କୁଇଣ୍ଟାଲ ଧାନ କମ୍ ସଂଗ୍ରହ ହୋଇଛି। ଜଳସେଚିତ ଡୁଙ୍ଗୁରିପାଲି ଓ ବିନିକା ବ୍ଲକର ଅଳ୍ପ କିଛି ମଣ୍ଡିକୁ ଛାଡି ଦେଲେ ବାକି ଜାଗାରେ ଚାଷୀ ସୁନ୍ଦୁରରେ ଧାନ ବିକ୍ରି କରିଛନ୍ତି। ଜିଲାର ୬୦ ପାକ୍ସ ଓ ୩୭ ଡବ୍ଲ୍ୟୁଏସ୍‌ଏଚ୍‌ଜି ଜରିଆରେ ଯୋଗାଣ ନିଗମ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ଏକର ପ୍ରତି ୨୬କୁଇଣ୍ଟାଲ ହିସାବରେ ବଳକା ଧାନ କିଣାଯାଇଥିଲା। ଜିଲାର ୫୦ ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନ ହେବା ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ କୁହନ୍ତି ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜିକରଣ କରିଥିଲେ। କିନ୍ତୁ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ମଣ୍ଡିକୁ ଧାନ ଆସିଲାନି। ପୂର୍ବ ବର୍ଷ ଅପେକ୍ଷା ଜିଲାରେ ଧାନ ଉତ୍ପାଦନ ହ୍ରାସ ପାଇଥିବା ସେ ଆଶଙ୍କା କରିଛନ୍ତି।

# ମାନବିକ ଅଧିକାର ଆୟୋଗଙ୍କରେ ଅଭିଯୋଗ

**ସାପ ଖେଳାଇବା ବେଳେ ସାପ ଧରାଳିଙ୍କ ମୃତ୍ୟୁ ଘଟଣା**

ଅମରପାଲି,୨୮।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ପରିସରରେ ଗତ ସୋମବାର ସାପ ଖେଳାଇବା ବେଳେ ଜଣେ ସାପ ଧରାଳିଙ୍କ ମୃତ୍ୟୁ ଘଟଣା ରାଜ୍ୟବ୍ୟାପୀ ଆଲୋଡନ ସୃଷ୍ଟି କରିଥିଲା। ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସାପ ଧରିବା ପରେ ଜଙ୍ଗଲରେ ନ ଛାଡି ଥାନା ପରିସରକୁ କାହିଁକି ସାପ ଧରାଳି ଆସିଥିଲେ ଓ କାହା ନିର୍ଦ୍ଦେଶରେ ସେଠାରେ ସାପ ଖେଳାଉ ଥିଲେ ତାହାର ମଧ ତଦନ୍ତ ହେବ ବୋଲି ଜଣାପଡ଼ିଛି। ଏ ନେଇ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୋନପୁର ଡିଏଫଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଘଟଣା ନେଇ ରାଜ୍ୟ ମାନବିକ ଅଧିକାର ଆୟୋଗଙ୍କଠାରେ ମଧ ଅଭିଯୋଗ ହୋଇଛି। ଖଣ୍ଡହତାର ସ୍ୱେଚ୍ଛାସେବୀ ସଂଗଠନ ସିୟା ପରିବାର ସମ୍ପାଦକ ସୁଦାମ ଗାଈଗାରିଆ ଏ ନେଇ ମାନବାଧିକାର ଆୟୋଗଙ୍କଠାରେ ଅଭିଯୋଗ କରିଛନ୍ତି। ଆୟୋଗ ତାଙ୍କ ଅଭିଯୋଗକୁ ବିଚାର ନିମନ୍ତେ ଗ୍ରହଣ କରିଛନ୍ତି। ସେ ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ ଏବଂ ଦାୟୀ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସକାଶେ ଦାବି କରଛନ୍ତି।



ମୃତ ଗୌର କୁମ୍ଭାର।

ସୂଚନା ଅନୁସାରେ ଚମ୍ପାମାଳ ଗାଁର ଜଣଙ୍କ ଘରେ ଗତ ସୋମବାର ଏକ ନାଗ ସାପ ପଶି ଯାଇଥିଲା। ସାପ ଧରିବା ପାଇଁ ନିକଟସ୍ଥ ମେଣ୍ଡାମାଳ ଗାଁର ଗୌର କୁମ୍ଭାର (୫୫)ଙ୍କୁ ଖବର ଦିଆଯାଇଥିଲା। ଗୌର ସେଠାକୁ ଯାଇ ସାପକୁ ଉଦ୍ଧାର କରିଥିଲେ। ତେବେ ଏକ ପ୍ଲାଷ୍ଟିକ ଡବାରେ ସାପକୁ ଧରି କୌଣସି କାମରେ ଥାନାକୁ ଆସିଥିଲେ। ଥାନାରେ ପୋଲିସ କର୍ମଚାରୀମାନଙ୍କ ଆଗରେ ସାପକୁ ଡବାରୁ ବାହାର କରି ଦେଖାଇଥିଲେ। ସାପକୁ ଦେଖେଇ ସାରିବା ପରେ ପୁଣି ଡବା ଭିତରେ ପୁରାଇବା ସମୟରେ ଗୌରଙ୍କ ବାମ ହାତରେ ଚୋଟ ମାରିଥିଲା ନାଗସାପ। ତୁରନ୍ତ ଗୌରଙ୍କୁ ପୋଲିସ ଭ୍ୟାନରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଅବକାରୀ ସବ୍ ଇନ୍ସପେକ୍ଟରଙ୍କ ପରଲୋକ



ଭିକ ଓରାମ।

ଅମରପାଲି,୨୮।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅବକାରୀ ସବ ଇନ୍ସପେକ୍ଟର ଭିକ ଓରାମ(୫୬)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଛୁଟିରେ ଘରକୁ ଯାଇଥିଲେ। ବୁଧବାର ସନ୍ଧ୍ୟାରେ ସେ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ଘର ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଭାଲୁଡୁଡିଆ ଗ୍ରାମରେ। ମୃତ୍ୟୁବେଳକୁ ସ୍ତ୍ରୀ ସାମିତ୍ରୀ, ତିନିଝିଅ ବର୍ଷା, ଅନିଶା ଓ ମନିଷା,ଏକମାତ୍ର ପୁତ୍ର ଅଭିଷେକ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ତିନି ଝିଅ ଓ ପଅ ମୁଖାଗ୍ନି ଦେଇଥିଲେ।

## ମିଳିତ ଟିମ୍‌ର ଚଢ଼ାଉ, ୩ ଶିଶୁ ଶ୍ରମିକ ଉଦ୍ଧାର

ସୋନପୁର,୨୮।୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଓ ସୋନପୁର ବ୍ଲକର ବିଭିନ୍ନ ଢାବା ଏବଂ ଗ୍ୟାରେଜ୍‌ରେ ଶୁକ୍ରବାର ଶ୍ରମ ବିଭାଗର ଶିଶୁ ଶ୍ରମିକ ଉଦ୍ଧାରକାରୀ ଦଳ ଓ ଜିଲା ପ୍ରଶାସନର ମିଳିତ ଟିମ୍ ପକ୍ଷରୁ ଚଢାଉ ହୋଇଥିଲା। ସହରର କଚେରି ଛକ ସ୍ଥିତ ଭାଇନା ଗ୍ୟାରେଜ୍, ୫୭ ନଂ ଜାତୀୟ ରାଜପଥ ପାର୍ଶ୍ୱ ସୋନପୁର ବ୍ଲକର ବାଗଦୁଲି ସ୍ଥିତ ପ୍ରକାଶ ଢାବା ଓ ଖମ୍ବେଶ୍ୱରୀପାଲି ସ୍ଥିତ ପକୱାନା ଢାବାରେ ଚଢାଉ ସମୟରେ ଶିଶୁ ଶ୍ରମିକଙ୍କୁ ବିପଦ ସଙ୍କୁଳ କାର୍ଯ୍ୟରେ ନିୟୋଜନ କରା ଯାଉଥିବା ଜଣାପଡିଥିଲା। ଉକ୍ତ ବ୍ୟବସାୟିକ ପ୍ରତିଷ୍ଠାନରୁ ଜଣେ ଲେଖାଏ ମୋଟ ୩ ଜଣ ଶିଶୁଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସିମିତି ନିକଟରେ ହାଜର କରାଯାଇଥିଲା। ଶିଶୁଙ୍କୁ ପାଠ ପଢିବା ବୟସରେ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜନ ନ କରିବା ଲାଗି ସେମାନଙ୍କ ଅଭିଭାବକଙ୍କୁ ସଚେତନ କରାଯାଇଛି। ପରେ ଉଦ୍ଧାର ଶିଶୁଙ୍କୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟପକ୍ଷେ ଶିଶୁମାନଙ୍କୁ ଏଭଳି କାର୍ଯ୍ୟରେ ନିଯୋଜିତ କରିଥିବା ଗ୍ୟାରେଜ୍ ଓ ଢାବା ମାଲିକଙ୍କୁ ଶ୍ରମ ବିଭାଗ ପକ୍ଷରୁ କାରଣଦର୍ଶାଅ ନୋଟିସ ଜାରି କରାଯିବ ବୋଲି ଜଣାପଡିଛି। ଜିଲା ଶ୍ରମ ଅଧିକାରୀ(ଏନଫୋର୍ସମେଣ୍ଟ) ମେରି ସୁନିତା ଲାକ୍ରାଙ୍କ ନେତୃତ୍ୱରେ ସୋନପୁର ବ୍ଲକ ସହକାରୀ ଶ୍ରମ ଅଧିକାରୀ ସ୍ମିନିତା ଦେବୀ, ଡୁଙ୍ଗୁରିପାଲି, ବିନିକା, ତରଭା ଓ ଉଲୁଣ୍ଡାର ସହକାରୀ ଶ୍ରମ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ବିଭାଗର ଅଧିକାରୀ ଓ ପାଲିସ ଟିମ୍ ଚଢାଉରେ ସାମିଲ ହୋଇଥିଲେ।

## ପଦ୍ମପୁର ଦୈନିକ ବଜାରର ଦୁରବସ୍ଥା

**ପରିବା ବିକାଳିଙ୍କ ପାଇଁ ପିଣ୍ଡିନାହିଁ**

ପଦ୍ମପୁର,୨୮।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ସହର ତଥା ଏହାର ଆଖପାଖ ଅଞ୍ଚଳର ପଦ୍ମପୁର ଦୈନିକ ପରିବା ବଜାର ଅନ୍ୟତମ। ସପ୍ତାହରେ ମଙ୍ଗଳବାର ଓ ଶନିବାର ଏଠାରେ ହାଟ ବସିଥାଏ। ଏହି ହାଟକୁ ଅଞ୍ଚଳର କୋଣଅନୁକୋଣରୁ ଅନେକ ବ୍ୟବସାୟୀ ଆସିଥାନ୍ତି। ଏହି ହାଟ ପରିଚାଳନା ଦାୟିତ୍ୱ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ନେଇଥିବା ବେଳେ ବ୍ୟବସାୟୀଙ୍କଠାରୁ ଶୁଳ୍କ ମଧ ଆଦାୟ କରିଥାନ୍ତି। କିନ୍ତୁ ଏପର୍ଯ୍ୟନ୍ତ ବ୍ୟବସାୟୀମାନେ ବସିବା ପାଇଁ ପର୍ଯ୍ୟାପ୍ତ ପିଣ୍ଡି ବ୍ୟବସ୍ଥା କରାଯାଇନାହିଁ। ବର୍ତ୍ତମାନ ବର୍ଷା ଦିନ ଆସିଯାଇଥିବାରୁ ବେପାରୀଙ୍କ ସମେତ ଖାଉଟି ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ହାଟ ଭିତରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଭେଣ୍ଡିଂ ଗୃହ ତିଆରି କରିଛନ୍ତି,



ମାତ୍ର ତହା କାର୍ଯ୍ୟରେ ଲାଗନାହିଁ। ଏହି ଟିଣ ଘର ଯୋଗୁ ବଜାର ସଂକୁଚିତ ହେବା ସହିତ ଏହା ନିଶାକାରୀମାନଙ୍କ ଆଖାଡା ପାଲଟିଛି। ଯାହାକି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନଏସି ଶୀଘ୍ର ପିଣ୍ଡି ନିର୍ମାଣ ସହିତ ଦୈନିକ ବଜାରର ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଅବକାରୀ ଚଢ଼ାଉ: ୪୪ ଲିଟର ମଦ ଜବତ,୪ ଗିରଫ

ଅମରପାଲି,୨୮।୬(ପୀତାମ୍ବର ସାହୁ)

